# କଅଣ ପରମେଶ୍ୱର କେବେ ତାହାଙ୍କର ବାକ୍ୟ ପ୍ରତି ଆପଣା ବିଚାର ବଦଳାନ୍ତି କି?

ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା। ପ୍ରିୟ ପ୍ରଭୁ ଯୀଶୁ, ଆମେମାନେ ପୁନର୍ବାର ତୁମ ନାମରେ ଏକତ୍ରିତ ହୋଇଅଛୁ, ଏହି ମହାନ ଆଶା ସହିତରେ ଯେ ପରମେଶ୍ୱରଙ୍କ ସେହି ସଂଜୀବିତ ଶକ୍ତିକୁ ଢଳାଯିବ ଯେପରିକି ଆମମାନଙ୍କୁ ଆମର ସ୍ଥିତି ଏବଂ ସ୍ଥାନ, ଏବଂ ଆମର ଉତ୍ତରଦାୟିତ୍ୱର ପରିଚୟ ମଧ୍ୟକୁ ଅଣାଯିବ, ଯେ ଆମେମାନେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପିତ, ସଂସାରରୁ ପୃଥକୀକୃତ, ଏକ ଆହୂତ ଲୋକ କୁହାଯିବୁ। ହେ ପ୍ରଭୁ, ଆଜି ରାତି, ଏହା ପ୍ରଦାନ କର, ଯେ ପରମେଶ୍ୱରଙ୍କ ଆଶୀର୍ବାଦ ଆମକୁ ମାର୍ଗଦର୍ଶନ କରିବ ଏବଂ ଆମକୁ ନିର୍ଦ୍ଦେଶ ଦେବ ଯେଉଁ ସବୁ ବିଷୟ ଆମେ କରିବୁ କିମ୍ବା କହିବୁ, ଯେପରିକି ଏହା ତୁମର ନାମକୁ ଆଦର ଓ ମହିମା ଆଣିପାରେ। ଆମେନ୍।

2 ଆଜି ରାତି ମୁଁ ମଣ୍ଡଳୀରେ ଏବଂ ଆପଣ ପ୍ରିୟ ଲୋକମାନଙ୍କ ସହିତ ରହିବା ହେତୁ ଆନନ୍ଦିତ ଅଟେ। ଏବଂ ମୁଁ ଜାଣେ ଯେ ଏହା ଗରମ ଅଟେ, ମାତ୍ର ମୁଁ କେବଳ ମୋ ପତ୍ନୀଙ୍କୁ ଫୋନ୍ କଲି, ମୁଁ ଭାବୁଛି ଯେ ଏହା ସେଠାରେ ନବେ କିଛି, ପଞ୍ଚା-ନବେ କିମ୍ବା ଛୟା-ନବେ କିମ୍ବା ସେପରି କିଛି ଗୋଟାଏ ଅଟେ, ଏବଂ ତାହା ଏଠାରେ ଅପେକ୍ଷା ଅଳ୍ପ ଟିକେ ଅଧିକ ଗରମ ଅଟେ। ତେଣୁ ମୁଁ ବର୍ତ୍ତମାନ ଗରମ ପାଗ ସହିତ ଅଭ୍ୟସ୍ତ ହେଉଅଛି। ତେଣୁ, ମାତ୍ର ମୁଁ ଏହି ଅଦ୍ଭୁତ ଇଷ୍ଟର ସମୟରେ ଏଠାରେ ଆରାଧନାଳୟରେ ଥିବାରୁ ବହୁତ ଖୁସି ଅଟେ।

3 ଏବଂ ମୁଁ ଏହା କହିପାରେ ନାହିଁ ଯେ ମୁଁ ଆଜି ସକାଳେ ସେହି ଲମ୍ବା, ଲମ୍ବା ବାର୍ତ୍ତା ପାଇଁ କ୍ଷମା ମାଗିବି, ମାତ୍ର ମୁଁ...ଏହା ଥିଲା, ମୁଁ ଚାହୁଁ—ଚାହୁଁ ନ ଥିଲି ଯେ ଆପଣଙ୍କର ଧୈର୍ଯ୍ୟକୁ କ୍ଲାନ୍ତ କରି ଦେଇଥାନ୍ତି ଏବଂ ତାହାପରେ ପୁଣିଥରେ ରାତିରେ ତାକୁ ନେଇଥାନ୍ତି। ମାତ୍ର ମୁଁ— ମୁଁ ଆପଣମାନଙ୍କୁ ସେହି ବାର୍ତ୍ତାକୁ ଦେଇ ଦେବାକୁ—କୁ ଚାହୁଁଥିଲି, ଯେ ଆପଣମାନେ ସେହି ପୁନରୁତ୍ଥାନର ଏକ ଅଂଶ ଅଟନ୍ତି। ବୁଝିଲେ? ଏବଂ ଏହା ବିଷୟରେ ଆଉ ଅଧିକ, ଚିନ୍ତା କରନ୍ତୁ ନାହିଁ, ଦେଖନ୍ତୁ। କେବଳ ଏହା ଉପରେ ଆନନ୍ଦ କରନ୍ତୁ! ଏପରି କୌଣସିଠାରେ, କିଛି ବିଷୟ ନାହିଁ, ଯାହାକି ଆପଣଙ୍କୁ ଏଥିରୁ ଅଲଗା କରିପାରେ, କିଛି ନୁହେଁ; ପରମେଶ୍ୱରଙ୍କ ରାଜ୍ୟରେ ଅନନ୍ତକାଳ ନିମନ୍ତେ ସୁରକ୍ଷିତ। ଯେତେବେଳେ ପରମେଶ୍ୱର ଆପଣଙ୍କ ଉପରେ ତାହାଙ୍କ ମୋହର ମୁଦ୍ରାଙ୍କିତ କରନ୍ତି, ତେବେ ଆପଣ ସେହି ଗନ୍ତବ୍ୟସ୍ଥଳର ଶେଷ ପର୍ଯ୍ୟନ୍ତ ରହିଥାନ୍ତି।

4 ଯେତେବେଳେ ସରକାର ଗୋଟିଏ ପ୍ୟାକେଜ ଉପରେ ମୋହର ଲଗାନ୍ତି, ରେଳ ବିଭାଗ

ଗୋଟିଏ ଦ୍ୱାରରେ ଏକ ମୋହର ଲଗାଏ, ସେହି ଡବାଟି ସେପର୍ଯ୍ୟନ୍ତ ଖୋଲା ଯାଇପାରେ ନାହିଁ ଯେପର୍ଯ୍ୟନ୍ତକି ତାହା ନିଜର ଗନ୍ତବ୍ୟସ୍ଥଳରେ ନ ପହଞ୍ଚିଯାଏ ।

ଯେତେବେଳେ ପରମେଶ୍ୱର ଜଣେ ମନୁଷ୍ୟ ଉପରେ ନିଜର ମୁଦ୍ରା ଦିଅନ୍ତି, ଏବଂ ସେହି ମୁଦ୍ରା ହେଉଛି ପବିତ୍ରଆତ୍ମା, ଯେତେବେଳେ ସେ ସେହି ବ୍ୟକ୍ତିଙ୍କୁ ସେହିପରି ଭାବେ ମୁଦ୍ରାଙ୍କିତ କରନ୍ତି, ସେ ତାର ଅନନ୍ତ ଗନ୍ତବ୍ୟସ୍ଥଳକୁ ଯାଇଥାଏ । ତେବେ ସେ ଆଉ କେବେବି, କଦାଚ ଆଉ କେବେ, ଫେରି ଯାଇପାରେ ନାହିଁ । କାରଣ ମନେରଖନ୍ତୁ, ଏଫିସୀୟ 4:30 କୁହେ, "ପରମେଶ୍ୱରଙ୍କ ଯେଉଁ ପବିତ୍ରଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ସବୁ ସମୟ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ, ତାହାଙ୍କୁ ଦୁଃଖ ଦିଅ ନାହିଁ ।" ଦେଖନ୍ତୁ, ଆପଣ ସଦାକାଳ ନିମନ୍ତେ ପାଇଁ ମୁଦ୍ରାଙ୍କିତ ହୋଇଛନ୍ତି । ଆପଣ ପବିତ୍ରଆତ୍ମାଙ୍କ ଦ୍ୱାରା, ଅନନ୍ତକାଳ ନିମନ୍ତେ, ପରମେଶ୍ୱରଙ୍କ ରାଜ୍ୟରେ ମୁଦ୍ରାଙ୍କିତ ହୋଇଛନ୍ତି । ତେବେ ତାହା ବିଷୟରେ ଚିନ୍ତା କରନ୍ତୁ!

5 ତାହାପରେ, ଆପଣ, ଶୟତାନ ଆପଣଙ୍କ ଉପରେ ଆଘାତ କରିବ, ଏବଂ ସେ ଆପଣଙ୍କୁ ସବୁକିଛି କହିବ, ଏବଂ ଆପଣଙ୍କୁ ଦୋଷ ଲଗାଇବ, ଏବଂ—ଏବଂ ଆପଣ ଏହା ଭାବନ୍ତୁ ବୋଲି ଚେଷ୍ଟା କରାଇବ ଯେ ଆପଣ କିଛି ନୁହଁନ୍ତି । ମାତ୍ର ଆପଣ ତାହା କଥା ଶୁଣନ୍ତୁ ନାହିଁ ।

6 ତେବେ, ଆପଣ ଜାଣନ୍ତୁ ଯେ ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରି ଯାଇଛନ୍ତି । ଆପଣ ଜାଣିଛନ୍ତି ଯେ ଏକଦା ଯେଉଁ ବିଷୟଗୁଡ଼ିକୁ ଆପଣ ଭଲ ପାଉଥିଲେ, ଆଉ ଅଧିକ ଆପଣ ତାହା ଭଲ ପାଉ ନାହାଁନ୍ତି । ଆପଣ ଜାଣିଛନ୍ତି ଯେ ଆପଣ ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟକୁ ବିଶ୍ୱାସ କରିଛନ୍ତି । ଆପଣ ପରମେଶ୍ୱରଙ୍କୁ ଠିକ ଆମ ମଧ୍ୟରେ ଏହା ବିନା, କାର୍ଯ୍ୟ କରୁଥିବାର ଦେଖିଛନ୍ତି...ଅକାଟ୍ୟ ପ୍ରମାଣଗୁଡିକ ସହିତ ଯେ ସେ ହେଉଛନ୍ତି ସେହି ମହାନ "**ମୁଁ ଅଟେ ।**" ଆପଣ ଲକ୍ଷ୍ୟ କରିଛନ୍ତି ଯେ ତାହାଙ୍କ ନାମରେ ଯାହାକିଛି କେବେ କୁହାଯାଇଛି, ତାହାଙ୍କ ନାମରେ ଭବିଷ୍ୟତ୍‌ବାଣୀ କରାଯାଇଥିବା ଏପରି ଗୋଟିଏ ବି ବିଷୟ ନାହିଁ ଯାହାକି ଠିକ୍ ସେହିପରି ଭାବରେ ସଂଘଟିତ ହୋଇନାହିଁ । ଏପରିକି ବିଜ୍ଞାନ, ଖବରକାଗଜ, ଚିତ୍ର, କ୍ୟାମେରା, ଲେଖକ, ଅନ୍ୟାନ୍ୟ ସବୁକିଛି ବିଷୟକୁ, ମଧ୍ୟ ଏହାକୁ ଚିହ୍ନଟ କରିବାକୁ ଅଛି । ଦେଖନ୍ତୁ, ଏହାର ନିର୍ବିଶେଷରେ ଯେ ସେମାନେ ଚାହାଁନ୍ତି କି ନାହିଁ, ପରମେଶ୍ୱର ସେମାନଙ୍କୁ ଏହା ଯେକୌଣସି ପ୍ରକାରେ ବି, କରିବାକୁ ଦିଅନ୍ତି, ଦେଖନ୍ତୁ, ଯେପରି ଏହାକୁ ଜଣାଯାଏ ।

7 ତେବେ, ଏକ ଛୋଟ ଗୋଷ୍ଠୀ ହୋଇଥିବା ହେତୁ । ମନେରଖନ୍ତୁ, ଏହା ଏକ ବଡ ଗୋଷ୍ଠୀ ନୁହେଁ ଯାହା ପାଇଁ ସେ ଆସନ୍ତି । "କ୍ଷୁଦ୍ର ପଲ, ଭୟ କର ନାହିଁ; ଏହା ତୁମର ପିତାଙ୍କର ଉତ୍ତମ ଇଚ୍ଛା..." ବୁଝିଲେ?

8 ମୁଁ ଆପଣଙ୍କଠାରେ ଏକ ବାକ୍ୟ ଛାଡି ଦେଇଯିବାକୁ ଚାହେଁ, ଚକିତକର, ଏହା ପୂର୍ବେକି ଆମର ଜଣେ ସେବକଙ୍କର ଏକ ନିଯୁକ୍ତିକରଣ କରାହୁଏ । ଏବଂ ଏହା ଅତ୍ୟନ୍ତ ଚକିତକର ଅଟେ, ମାତ୍ରେ ତାହା କେବଳ ଏଇଥି ପାଇଁ ଯେ ଆପଣ ଜାଣିପାରିବେ । ତେବେ, ମୁଁ କହୁ ନାହିଁ

ଯେ ଏହା ଅବିକଳ ସଂଖ୍ୟା ସଠିକତା ଅଟେ, ମାତ୍ର ମୁଁ ଏହାକୁ ଆପଣଙ୍କଠାରେ ଛାଡି ଦେଇ ଯିବାକୁ ଚାହେଁ।

9 ମୁଁ ଜାଣେ ନାହିଁ ଯେ ଏଠାରେ ଥିବା କୌଣସି ଲୋକମାନେ କଦାଚ ଗୋରୁମାନଙ୍କର ସଙ୍କରଣ କରାଯାଉଥିବାର ଦେଖିଛନ୍ତି କି ନାହିଁ? ଯାହାକି, ମୁଁ ଏଥିରେ ବିଶ୍ୱାସ କରେ ନାହିଁ, ମାତ୍ର ମୁଁ ଏହା କରାଯାଉଥିବାର ଦେଖିଛି। ଏବଂ ମୁଁ ସେମାନଙ୍କୁ ପୁରୁଷର ଶୁକ୍ରାଣୁ ନେଉଥିବାର ଦେଖିଛି, କେବଳ ଯଥେଷ୍ଟ ମାତ୍ରାରେ, ଯେ ଏକ ଛୋଟ ଦନ୍ତଖୁଞ୍ଚନ ପରି, ଏକ ଛୋଟ ଧାତୁ ଉପରେ ସ୍ପର୍ଶ କରାଯାଇପାରେ, ଏବଂ ଏହାକୁ ଗୋଟିଏ ମାର୍ବଲ ଖଣ୍ଡ ଉପରେ ରଖାଯାଇପାରେ। ଏବଂ ସେହି ଅଣୁବିକ୍ଷଣ କାଞ୍ଚଯନ୍ତ୍ରକୁ ଲଗାଇ ଦେଖନ୍ତି ଯାହାକି ଏହାକୁ ବହୁଗୁଣିତ କରି ବଢାଇଥାଏ, ମୁଁ ଜାଣେ ନାହିଁ ଯେ କେତେ ଗୁଣନ, ଯେପର୍ଯ୍ୟନ୍ତକି ସେହି ଶୁକ୍ରାଣୁ…ଯେଉଁଠାରେକି ଆପଣ ପ୍ରାକୃତିକ ଆଖିରେ, କୌଣସି ସାଧାରଣ କାଞ୍ଚ ସହିତରେ କିଛି ଦେଖିପାରିବେ ନାହିଁ। ମାତ୍ର ଯେତେବେଳେ ଏହାକୁ ବୃଦ୍ଧି କରାହୁଏ, ଶହେ କିମ୍ୱା ଶହେ ପଚାଶ ଗୁଣନ, ଆପଣ ଶୁକ୍ରାଣୁର, ସେହି ଗୋଟିଏ ଛୋଟ ଟୋପାରେ ଦେଖିପାରନ୍ତି, ଯେ ବୋଧହୁଏ ପଚାଶରୁ ଏକ ଶହ ଛୋଟ ଛୋଟ ଜୀବାଣୁଗୁଡିକ ଏପାଖ ସେପାଖ ଡିଆଁ ମାରୁଥିବେ। ପୁଣି, ସେହି ମାଈଠାରେ ମଧ୍ୟ ସେତିକି ଅଣ୍ଡାମାନ ରହିଥାଏ, ଯେତିକି ସେହି ଶୁକ୍ରାଣୁରେ—ରେ ରହିଥିଲା। ତେବେ, ଯେତେବେଳେ ସେମାନଙ୍କୁ ଏକାଠି ଅଣାଯାଏ—ଯାଏ, ବର୍ତ୍ତମାନ, ପ୍ରଥମ ଦୁଇଟି ଯାହା ସାକ୍ଷାତ କରିଥାଏ ଏବଂ ସଂଯୋଗ କରିଥାଏ…

10 ସେଠାରେ ସେହି ଦଶ ଲକ୍ଷ ମଧ୍ୟରୁ କେବଳ ଗୋଟିଏ ଅଟେ ଯାହାକି ବଞ୍ଚିବାକୁ ଯାଉଅଛି। କଅଣ ଆପଣ କେବେ ତାହା ବିଷୟରେ ଚିନ୍ତା କରିଛନ୍ତି କି? ସେଗୁଡ଼ିକ ସେହି ସମାନ ଜୀବାଣୁ, ଏବଂ ସେହି ସମାନ ଅଣ୍ଡା ଅଟନ୍ତି, ଉଭୟ ସେମାନେ ଠିକ ସମାନ ଦେଖାଯାଆନ୍ତି, ମାତ୍ର ସେଠାରେ କେବଳ ଗୋଟିଏ ବଞ୍ଚିବାକୁ ଯାଉଅଛି। ଏବଂ ତାହା ନିର୍ଦ୍ଧାରିତ ନୁହେଁ ଯେ କେଉଁଟି ପ୍ରଥମେ ସେଠାରେ ଆସିବ। କାରଣ, ବେଳେବେଳେ ସେହି ଅଣ୍ଡାଟି, ବହୁତ ପଛରେ ରହିଥାଏ, ଏବଂ ସେହି ଜୀବାଣୁଟି ହୁଏତ ଶୁକ୍ରାଣୁର ମଝିରେ ରହିଥିବ, ଏବଂ ସେମାନେ ପରସ୍ପର ଜଣେ ଉପରେ ଗୁରୁଣ୍ଡି ହୋଇ ଚାଲିଯିବେ। ଏହା ଜାଣିବା ପାଇଁ ଏକ ବୁଦ୍ଧିମତ୍ତା ଆବଶ୍ୟକ କରେ ଯେ ତାହା ପୁଅ ହେବାକୁ ଯାଉଛି ନା ଝିଅ ହେବାକୁ ଯାଉଛି, ନାଲି-କେଷ, କଳା-କେଶ, ନା ଆଉ କିଛି ହେବାକୁ ଯାଉଅଛି। ଏହା ତ ପରମେଶ୍ୱରଙ୍କ ନିର୍ବାଚନ ଅଟେ। ଏହା ଅନ୍ୟ କିଛି ହୋଇପାରେ ନାହିଁ। ନିର୍ବାଚନ!

11 ଏପରିକି ପ୍ରାକୃତିକ ଜନ୍ମରେ ମଧ୍ୟ, ନିର୍ବାଚନ ହୋଇଥାଏ, ଯେ ଏହା ପୁଅ ନା ଝିଅ ହେବାକୁ ଯାଉଅଛି, କିଅବା ଏହା ଯାହାକିଛି ବି ହେବାକୁ ଯାଉଅଛି। ଏବଂ ଯେତେବେଳେ ସେହି ଛୋଟ ଜୀବାଣୁଟି ଲାଙ୍ଗୁଡ଼ ଲହରାଇ ଏହି ଛୋଟ ଅଣ୍ଡା ଭିତରକୁ ପଶିଯାଏ, ଏବଂ ସେହି ଛୋଟ ଲାଙ୍ଗୁଡ଼ଟି ଖସିଯାଏ, ଏହା ତାହାର ସେହି ସାନ ଶିଶୁର ମେରୁଦଣ୍ଡକୁ ଆରମ୍ଭ କରେ ଯାହାକିଛି ରୂପରେ ଏହା ଅଟେ; ପଶୁ, ଶିଶୁ, କିମ୍ୱା ଏହା ଯାହାକିଛି ବି ଅଟେ। ଏବଂ

ବାକି ସେହି ଲକ୍ଷ ଲକ୍ଷ ଜୀବାଣୁଗୁଡିକ…ଦଶ ଲକ୍ଷ ଅଣ୍ଡା, ଦଶ ଲକ୍ଷ ଜୀବାଣୁ ରହିଥାନ୍ତି, ଏବଂ କେବଳ ଗୋଟିଏ ଜୀବିତ ରୁହେ। ସବୁକିଛି ସମାନ ଅଟେ, ମାତ୍ର ପରମେଶ୍ୱର ନିର୍ବାଚନ ଦ୍ୱାରା ମନୋନୟନ କରନ୍ତି ଯେ କେଉଁଟି ଜୀବିତ ରହିବାକୁ ଯାଉଛି, ଏବଂ ବାକି ସମସ୍ତେ ବିନଷ୍ଟ ହେବେ। ଦଶ ଲକ୍ଷ ମଧ୍ୟରୁ ଗୋଟିଏ!

12 ଯେତେବେଳେ ଇସ୍ରାଏଲ ମିସର ଛାଡିଥିଲା, ସେମାନେ ସମସ୍ତେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ବାର୍ତ୍ତାରେ ବିଶ୍ୱାସ କରିଥିଲେ। ସେମାନେ ମୋଶାଙ୍କ ଦ୍ୱାରା, ପରମେଶ୍ୱରଙ୍କ ଚିହ୍ନମାନ ଦେଖିଥିଲେ। ସେମାନଙ୍କ ମଧ୍ୟରୁ ସମସ୍ତେ ସେଗୁଡିକୁ ଦେଖିଥିଲେ। ସେମାନେ ସମସ୍ତେ ମିସରରୁ ବାହାରି ଆସିଥିଲେ, ସୂଫ ସାଗର ଦେଇ ଗମନ କରିଥିଲେ, ଏବନ ମୋଶାଙ୍କ ନିକଟରେ ବାପ୍ତିଜିତ ହୋଇଥିଲେ। ପ୍ରତ୍ୟେକ ଲୋକେ ପରେମଶ୍ୱରଙ୍କ ଶକ୍ତି ତାହାଙ୍କୁ ଆକ୍ରାନ୍ତ କରିବାର ଦେଖିଥିଲେ, ଯେତେବେଳେ ସେ ଆତ୍ମାରେ ଗୀତ ଗାଇଥିଲେ; ଏବଂ ଯେତେବେଳେ ମରିୟମ ବୀଣା ବଜାଇଥିଲେ, ସମୁଦ୍ର ଉପକୂଳରେ ଉପର-ଓ-ତଳ ଦୌଡିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ପ୍ରତ୍ୟେକ ରାତିରେ, ଆକାଶରୁ ତାଜା, ସ୍ୱର୍ଗୀୟ ମାନ୍ନା ଭୋଜନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ସେହି ଆତ୍ମିକ ଶୈଳରୁ ପାନ କରିଥିଲେ ଯାହା ପ୍ରହାର କରାଯାଇଥିଲା। ଏବଂ ସେଠାରେ କୋଡିଏ ଲକ୍ଷ ଲୋକମାନେ ମିସର ଛାଡିଥିଲେ। ପ୍ରତିଜ୍ଞାତ ଦେଶକୁ କେତେ ଜଣ ପ୍ରବେଶ କରିଥିଲେ? ଦୁଇଜଣ। ଦଶ ଲକ୍ଷ ମଧ୍ୟରୁ ଗୋଟିଏ! ବାକି ସେମାନେ ସମସ୍ତେ କେଉଁଠାକୁ ଗଲେ? ଯୀଶୁ କହିଲେ ଯେ ସେମାନେ ବିନଷ୍ଟ ହେଲେ। "ତୁମର ପିତୃପୁରୁଷଗଣ ତିରିଶ ବର୍ଷ ପର୍ଯ୍ୟନ୍ତ, ପ୍ରାନ୍ତରରେ ମାନ୍ନା ଭୋଜନ କଲେ, ଏବଂ ମୁଁ ତୁମକୁ କହୁଛି ଯେ ସେମାନେ ସମସ୍ତେ ମୃତ ଅଟନ୍ତି।"

13 ତେବେ ଆଜି ରାତି ବିଶ୍ୱରେ ପ୍ରାୟଃ ପଚାଶ କୋଟି ଖ୍ରୀଷ୍ଟିଆନମାନେ ଅଛନ୍ତି, କ୍ୟାଥୋଲିକ୍, ପ୍ରୋଟେଷ୍ଟାଣ୍ଟ, ଏବଂ ସମସ୍ତଙ୍କୁ ଗଣନା କରି। ଯଦି ଯୀଶୁ ସେହି ଉର୍ଦ୍ଧାନ୍ତିକରଣରେ ଆସନ୍ତି, ତଦନୁସାରେ ଯାହାକି ମୁଁ ଠିକ କହିଅଛି, ତାହହେଲେ ଆଜି ରାତି ଉର୍ଦ୍ଧାନ୍ତିକରଣରେ, ଜଗତରୁ ପାଞ୍ଚ ଶହଜଣ ନିଖୋଜ ହୋଇଯିବେ। ଏବଂ ତାହା ବୋଧହୁଏ ପ୍ରତ୍ୟେକ ଦିନ ସେତିକି ଲୋକ ନିଖୋଜ ହୋଇଥାନ୍ତି, ଯଦି ସମସ୍ତ ଦେଶ ଗଣନା କରାଯାଏ, ଯାହାରକି କେବେ ହିସାବ ରଖାଯାଇ ନାହିଁ। ତେଣୁ ଏହା ଯେକୌଣସି ସମୟରେ ବି ହୋଇପାରେ, ଦେଖନ୍ତୁ।

14 ହେ ଖ୍ରୀଷ୍ଟିୟାନମାନେ, ଆସନ୍ତୁ ଆମେମାନେ ପରେମଶ୍ୱରଙ୍କ ଅସ୍ତ୍ର ଶସ୍ତ୍ର ପିନ୍ଧି ନେଉ। ଆସନ୍ତୁ ଆମେମାନେ ତାହା ସବୁ କରୁ ଯାହାକି ଆମେମାନେ ଜାଣୁ ଯେ କିପରି, ତାହାଙ୍କର ସେବା କରିବାକୁ ଅଛି, ତାହାଙ୍କୁ ପ୍ରେମ କରିବାକୁ ଅଛି, ଏବଂ ସେହି ମହାନ ସମୟ ପାଇଁ ଅପେକ୍ଷା କରିବା।

15 ତେବେ, ସେଠାରେ ଏକ ବୃହତ ଲକ୍ଷ ଲକ୍ଷ ଏବଂ ବହୁ ସଂଖ୍ୟକ ଲୋକମାନେ ହେବାକୁ

ଯାଉ ନାହାଁନ୍ତି ଯେଉଁମାନେକି ଏକ ପୀଢୀରୁ ବାହାରି ଆସି ଭିତରକୁ ପ୍ରବେଶ କରିବାକୁ ଯାଉଛନ୍ତି । ସେଠାରେ—ସେଠାରେ ହୋଇପାରନ୍ତି ନାହିଁ ।

ତେବେ, ମନେରଖନ୍ତୁ, ପ୍ରତ୍ୟେକ ଦିନ, ଏକ ପୀଢୀ ଶେଷ ହୁଏ, ପ୍ରତ୍ୟେକ ଦିନ। "ଯେପରି ଏହା ନୋହଙ୍କ ଦିନରେ ହୋଇଥିଲା, ଠିକ ସେହିପରି ତାହା ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ହେବ, ଯେଉଁଠାରେ ଆଠଟି ପ୍ରାଣ ଜଳ ଦ୍ୱାରା ରକ୍ଷା ପାଇଥିଲେ ।" ମାତ୍ର ପ୍ରତ୍ୟେକ ଦିନ କାହାରି ନା କାହାରି ପାଇଁ, କେତେକଙ୍କ ପାଇଁ ଚାଳିଶ-ବର୍ଷ ଅବଧି ଶେଷ ହୁଏ । ବୁଝିଲେ? ଏବଂ ପ୍ରତ୍ୟେକ ଦିନ, କେତେ ଅଧିକ ଲୋକମାନେ ରାଜ୍ୟରୁ ବାହାରେ ଅନ୍ୟତ୍ର ମୁଦ୍ରାଙ୍କିତ ହୋଇଥାନ୍ତି । କୌଣସି ଦିନ, ସେହି ଶେଷ ଦିନ ଆଗମନ କରିବ ।

ଆସନ୍ତୁ ଆମେମାନେ ବର୍ତ୍ତମାନ ସୁନିଶ୍ଚିତ ହେବା, ଯେତେବେଳେକି ଆମେମାନେ ଆମର ସଠିକ୍ ମନରେ ଅଛୁ। ଏବଂ ମଣ୍ଡଳୀରେ, ଏବଂ ଲୋକମାନଙ୍କ ମଧ୍ୟରେ, ଯେଉଁଠାରେକି ପବିତ୍ରଆତ୍ମା ଆପଣାକୁ ଆମ ସହିତରେ ଏତେ ଅଧିକ ଭାବେ ଚିହ୍ନଟ କରାଇ ଅଛନ୍ତି, ଆସନ୍ତୁ ଆମେମାନେ ସୁନିଶ୍ଚିତ ହେବା ଯେ ତାହାଙ୍କ ଆଗରେ, ସବୁକିଛି ଠିକ୍ ଅଟେ, ଏବଂ ଠିକ୍ ରୁହେ ।

16 ଆପଣ ଅଟକି ଯାଆନ୍ତୁ ନାହିଁ। ସେପର୍ଯ୍ୟନ୍ତ ଦିନ ଓ ରାତି, ବିଶ୍ରାମ କରନ୍ତୁ ନାହିଁ, ଯେପର୍ଯ୍ୟନ୍ତକି ସେହି ସଂଜୀବିତ ଶକ୍ତି ଆପଣଙ୍କୁ ଜଗତର ବିଷୟଗୁଡ଼ିକରୁ ବାହାର କରି, ପରେମଶ୍ୱରଙ୍କ ରାଜ୍ୟ ଭିତରକୁ ନ ଆଣିନିଏ । ଏବଂ ଆପଣମାନେ ଯେଉଁମାନେକି ପ୍ରକୃତରେ ପରେମଶ୍ୱରଙ୍କ ରାଜ୍ୟକୁ ଅଣାଯାଇ ପରେମଶ୍ୱରଙ୍କ ଆତ୍ମା ଦ୍ୱାରା ସଂଜୀବିତ କରାଯାଇଛନ୍ତି, କେତେ ଖୁସି ଅଟନ୍ତି! ଆନନ୍ଦର ଅଶ୍ରୁଜଳରେ ଆମେମାନେ ଦିନରାତି, ନିଜ ଆଣ୍ଠୁରେ ରହି, ପରେମଶ୍ୱର ଯାହା କରିଛନ୍ତି ତାହା ପାଇଁ ତାହାଙ୍କୁ ଧନ୍ୟବାଦ ଦେବା ଉଚିତ୍ ।

17 ଆଜି ରାତି ସେବାରେ ଆମର ଟିକିଏ ପରିବର୍ତ୍ତନ ରହିଛି । ଆମର ଏଠାରେ ଜଣେ ଉତ୍ତମ ଭାଇ ଅଛନ୍ତି, ଭାଇ କ୍ୟାମ୍ପ । ସେ ନାଜରିନ୍ ମଣ୍ଡଳୀରୁ ଆମ ପାଖକୁ ଆସିଛନ୍ତି । ଏବଂ ମୁଁ ଭାବୁଛି ତାହା ଠିକ୍ ଅଟେ, ଭାଇ କ୍ୟାମ୍ପ? ସେ ଇଚ୍ଛା କରନ୍ତି ଯେ ଆଜି ରାତି ହାତ ରଖାଯିବା ଦ୍ୱାରା, ସେ ଆମ ଦ୍ୱାରା ନିଯୁକ୍ତ କରାଯାଆନ୍ତୁ ।

18 ଆମ ପାଖରେ କାହାରିକୁ ଦେବା ପାଇଁ ଦସ୍ତାବେଜ ପତ୍ର ନାହିଁ, ତଥାପି ଆମେମାନେ ମାନ୍ୟତା ପାଇଅଛୁ…ଆମେମାନେ କାଗଜପତ୍ର ରଖିପାରିବା, ମାତ୍ର ଆମେମାନେ ବିଶ୍ୱାସ କରୁ ଯେ ଜଣେ ପ୍ରକୃତ, ନିଯୁକ୍ତିପ୍ରାପ୍ତ ସେବକ, ତାଙ୍କର କାଗଜପତ୍ର ତ ସ୍ୱର୍ଗରେ ଅଛି। ବୁଝିଲେ? ଏବଂ ତାଙ୍କ—ତାଙ୍କ ପାଖରେ ସେପର୍ଯ୍ୟନ୍ତ ବାଇବଲ ପ୍ରଚାର କରିବାର ଅଧିକାର ଅଛି ଯେପର୍ଯ୍ୟନ୍ତକି ପରେମଶ୍ୱର ତାଙ୍କ ଜୀବନକୁ ବାଇବଲ ସହିତ ଚିହ୍ନଟ କରୁଥାଆନ୍ତି। ଆମେ ବିଶ୍ୱାସ କରୁ ଯେ ତାହା ତାଙ୍କର ପ୍ରମାଣପତ୍ର ଅଟେ ।

19 ଏବଂ, ବର୍ତ୍ତମାନ, ଭାଇ କ୍ୟାମ୍ପ ଆନୁଷ୍ଠାନିକ ଭାବରେ ସେହି—ସେହି ନାଜରିନ୍ ମଣ୍ଡଳୀରେ ନିଯୁକ୍ତିପ୍ରାପ୍ତ ହୋଇଛନ୍ତି, ମାତ୍ର ଆଜି ରାତି ସେ ଚାହାଁନ୍ତି ଯେ ପ୍ରାଚୀନମାନେ, ଏବଂ

ପ୍ରଭୃତିମାନେ, ତାଙ୍କର ନିଯୁକ୍ତି ସ୍ୱରୂପେ ତାଙ୍କ ଉପରେ ହାତ ରଖନ୍ତୁ, ଯେପରିକି ଏହି ବାର୍ତ୍ତାକୁ ବହନ କରନ୍ତି। କି ଏକ ସାହସିକ ବିଷୟ!

20 ମୁଁ ସେହି ଖବରଗୁଡିକ ଶୁଣିଛି—ଶୁଣିଛି ଯେଉଁଦିନଠାରୁ ମୁଁ ଟ୍ୟୁସାନ୍‌ରେ ରହିଛି, ଏବଂ ଭାଇ କ୍ୟାପ୍ସଙ୍କ ବିଷୟରେ, ଅତି ଚମତ୍କାର ଖବରଗୁଡିକ ଶୁଣିଛି ଯେ ସେ କିପରି ଆମର ଦୟାଳୁ ଭାଇ ନେଭିଲ୍‌ଙ୍କୁ ତାଙ୍କର ସହଯୋଗ ପ୍ରଦାନ କରୁଛନ୍ତି, ଯିଏକି ସେହି ଆଲୋକର ପ୍ରଦୀପକୁ ଅତି ସାହାସର ସହିତ ଧରିଛନ୍ତି ଯେତିକି ସାହାସର ସହ ଏହି ଦୁଇ ଜଣ ବ୍ୟକ୍ତି ଧରିପାରନ୍ତି। ଆମେମାନେ ଭାଇ ନେଭିଲ୍‌ଙ୍କ ଉପରେ ହାତ ରଖିଅଛୁ, ମାତ୍ର ଭାଇ କ୍ୟାପ୍ସଙ୍କ ଉପରେ ନୁହେଁ। ଏବଂ ମୁଁ ଚାହେଁ ଯେ ଯେଉଁମାନେ ସେବକଗଣ ଅଟନ୍ତି, ଭାଇ ଜ୍ୟାକସନ୍ ଏବଂ ସେମାନେ, ଯଦି ସେମାନେ ଏଠାରେ ଅଛନ୍ତି, ଏବଂ ଭାଇ ରୁଡେଲ୍ ଏବଂ ଏଠାରେ ଥିବା ମଣ୍ଡଳୀର ପ୍ରାଚୀନମାନେ, ଯଦି ସେମାନେ ବର୍ତ୍ତମାନ ଅଳ୍ପ କିଛି ମିନିଟ୍ ପାଇଁ ଏଠାରେ ଉପରକୁ ଆସିବେ, ଏବଂ ଭାଇ କ୍ୟାପ୍ସଙ୍କ ଉପରେ ହାତ ରଖିବେ। ଏବଂ ସେହି…

21 ତେବେ ଆମେମାନେ ବାଇବଲରେ ପାଉ, ଯେ ସେମାନେ ଏହାକୁ ସେହିଭଳି ଭାବରେ କରିଥିଲେ, ସେମାନେ ସେମାନଙ୍କ ଉପରେ ହାତ ରଖିଥିଲେ ଏବଂ ତାହାପରେ ସେମାନଙ୍କୁ ପୃଥକ କରିଥିଲେ। ଏବଂ ସେମାନେ ତୀମଥିଙ୍କୁ ସେହିଭଳି କରିଥିଲେ। କହିଲେ, "ତୁମ ପାଖରେ ଥିବା ଏହି ବରଦାନ ଦ୍ୱାରା, ଯାହା ତୁମର ଜେଜେମା ଲୋଇସ୍‌ଙ୍କଠାରୁ ଅଟେ…" ସେମାନେ ଏହା ଲକ୍ଷ୍ୟ କରିଥଲେ, ଯେ ସେହି ବ୍ୟକ୍ତିଙ୍କଠାରେ ଏକ ବରଦାନ ଅଛି, ଯାହାକି ସେବକଗଣଙ୍କ ଦ୍ୱାରା ତାଙ୍କ ଉପରେ ହାତ ରଖିବା ଦ୍ୱାରା, ତାଙ୍କ ନିକଟକୁ ଆସିବାକୁ ଥିଲା।

22 ତେବେ, ଶେଷ-ଦିନର ଭାଇମାନେ, ଶେଷ-ଦିନ-ବୃଷ୍ଟିର ଭାଇମାନେ, ପାଇଲେ, ଯଦିଓ, ତାହା ଗୋଳମାଳ ହୋଇ ଯାଇଥିଲା। ସେମାନେ ଭାବିଲେ ଯେ ସେମାନେ ତାହା କରିବା ଦ୍ୱାରା, ତାଙ୍କୁ ଏକ ବରଦାନ ଦେଉଛନ୍ତି। ନା, ସେହି ବରଦାନଟି ତାଙ୍କ ଭିତରେ ଆଗରୁ ଥିଲା, ଏବଂ ସେମାନେ କେବଳ ଏକ ମଞ୍ଜୁରୀ ଭାବରେ ତାଙ୍କ ଉପରେ ହାତ ରଖିଥିଲେ ଯେ ସେମାନେ ତାହା ବିଶ୍ୱାସ କରିଥିଲେ ଯେ ପରମେଶ୍ୱର ଆଗରୁ ତାଙ୍କ ଭିତରେ ସେହି ବରଦାନଟି ରଖିଛନ୍ତି। ଏବଂ ସେମାନେ ହାତ ରଖିବା ଦ୍ୱାରା, ଏହାକୁ ଅନୁମୋଦନ କରିଥିଲେ।

23 ଏବଂ ଏହି ମଣ୍ଡଳୀରେ ଥିବା ଏହି ବ୍ୟକ୍ତିମାନେ, ଯାହା ମୁଁ ବିଶ୍ୱାସ କରେ ଯେ ସେମାନଙ୍କର ପ୍ରାଣରେ ତାହାଙ୍କର ସଂଜୀବିତ ଶକ୍ତିକୁ ଧାରଣ କରିଛନ୍ତି; ଯଦି ଆପଣ ଭାଇମାନେ ବର୍ତ୍ତମାନ କେବଳ ଆସିବେ, ଭାଇ ରୁଡେଲ୍ ଏବଂ ଅବଶିଷ୍ଟ ଆପଣମାନେ ସମସ୍ତେ ଯେଉଁମାନେକି ଏଠାରେ ମଣ୍ଡଳୀରେ ଅଛନ୍ତି, ଏବଂ ପ୍ରାଚୀନଗଣ ଓ ଆଖପାଖରେ ଥିବା ଭଉଣୀ ମଣ୍ଡଳୀଗୁଡିକ, ଯେ ଭାଇ କ୍ୟାପ୍ସଙ୍କୁ ଉପରେ ହାତ ରଖିବେ, ଯେପରିକି ଏହି ଶ୍ରୋତାବୃନ୍ଦଙ୍କ ଆଗରେ, ସେ ଆମ ଅନୁମୋଦନ ଦ୍ୱାରା ନିଯୁକ୍ତ କରାଯାଆନ୍ତି, ଏବଂ ପ୍ରଭୁ ଯୀଶୁଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଯାଆନ୍ତି, ଯେଉଁଠାରେ

ପରମେଶ୍ୱର ତାଙ୍କୁ ଡାକିପାରନ୍ତି । ସେ ହୋଇଯାଆନ୍ତି…

ସେ ଜନ୍ମ ଦ୍ୱାରା, ଆମମାନଙ୍କ ମଧ୍ୟରୁ ଜଣେ ଅଟନ୍ତି । ସେ ଆମମାନଙ୍କ ମଧ୍ୟରୁ ଏଇଥି ପାଇଁ ଜଣେ ଅଟନ୍ତି କାରଣ ସେ ବାର୍ତ୍ତାକୁ ବିଶ୍ୱାସ କରିଛନ୍ତି । ସେ ଆମମାନଙ୍କ ମଧ୍ୟରୁ ଜଣେ ଅଟନ୍ତି କାରଣ ଯେହେତୁ—ଯେହେତୁ ସେ ବାକ୍ୟର ସତ୍ୟତା ପାଇଁ ଛିଡା ହୋଇଛନ୍ତି । ଏବଂ ଆମେମାନେ ଚାହୁଁ ଯେ ଭାଇ କ୍ୟାମ୍ପ ଆନୁଷ୍ଠାନିକ ଭାବରେ, ଆପଣମାନଙ୍କ ଆଗରେ, ହାତ ରଖାଯିବା ଦ୍ୱାରା, ନିଯୁକ୍ତ କରାଯାଆନ୍ତୁ, ଯେ ସେ ଆମମାନଙ୍କ ମଧ୍ୟରୁ ଜଣେ ଅଟନ୍ତି ।

ଠିକ ଅଛି, ଭାଇ ରୁଡେଲ୍, ଭାଇ କ୍ୟାମ୍ପ, ଭାଇ ନେଭିଲ୍ । ଭାଇ ଜୁନିୟର ଜ୍ୟାକସନ୍, ଏଠାରେ ସେମାନଙ୍କ ମଧ୍ୟରୁ ଆଉ କେହି ସେବକ ଅଛନ୍ତି କି, ମୁଁ ଜାଣେ ନାହିଁ ଯେ ସେଠାରେ କେତେ ଜଣ ଅଛନ୍ତି । ମୁଁ ନୁହେଁ…ମୁଁ ଅନୁମାନ କରେ ଯେ ସେମାନଙ୍କର ଆଜି ରାତି ନିଜର ସେବା ରହିଛି । ତେଣୁ ଭାଇ କ୍ୟାମ୍ପ, ଠିକ ଏଠାକୁ ଆସିଯାଆନ୍ତୁ ।

ତେବେ ଭାଇ ହଣ୍ଟର୍ ଏବଂ ନ୍ୟୁ ୟର୍କରୁ ଆସିଥିବା ସେମାନେ କାହାଁନ୍ତି, ମୁଁ…ଭାଇ ଆନ୍ଥୋନି? ମୁଁ ଭାବୁଛି ସେମାନେ ଫେରି ଯାଇଛନ୍ତି । [ଭାଇ ନେଭିଲ୍ କୁହନ୍ତି, "ସେଠାରେ ପଛରେ ଭାଇ ଆନ୍ଥୋନି ଅଛନ୍ତି ।"—ସମ୍ପା ।]

ଆପଣମାନଙ୍କ ମଧ୍ୟରୁ ଅନ୍ୟମାନେ ଯେଉଁମାନେକି ଏଠାରେ ଅଛନ୍ତି, ଯେଉଁମାନେକି ଆମ ସହିତରେ ଅଛନ୍ତି, କାହିଁକି, ଆମେମାନେ ଖୁସି ହେବୁ ଯେ ଆପଣମାନେ ଏଠାକୁ ଆସି ବର୍ତ୍ତମାନ ଆମ ସହିତରେ ଛିଡା ହୁଅନ୍ତୁ, ଏକ ସ୍ୱୀକୃତି ଭାବରେ ଯେ ଆମେମାନେ ବିଶ୍ୱାସ କରୁ ଯେ ଭାଇ କ୍ୟାମ୍ପ ଅଟନ୍ତି…

ଆପଣମାନଙ୍କ ମଧ୍ୟରୁ କେତେଜଣ ଏଠାରେ ଭାଇ କ୍ୟାମ୍ପଙ୍କୁ ଜାଣନ୍ତି? ନିଜର ହାତ ଉଠାନ୍ତୁ । ଠିକ୍ ଅଛି, ନିଜର ହାତକୁ ତଳେ କରନ୍ତୁ । କେତେ ଲୋକ ବିଶ୍ୱାସ କରନ୍ତି ଯେ ସେ ପରମେଶ୍ୱରଙ୍କ ଜଣେ ସେବକ ଅଟନ୍ତି? ନିଜର ହାତ ଉଠାନ୍ତୁ । ଆମ ତାହାଙ୍କୁ ନିଜର, ଭାଇ ଭାବରେ ଭଲପାଉ ।

24 ତେବେ ଏହା ଅବିକଳ ଭାବେ ତାହାର ଏକ ସଠିକ୍ ଉପାୟ ନୁହେଁ ଯାହାକୁ ଆମେ ନିଯୁକ୍ତିକରଣ ବୋଲି କହିବା, ମାତ୍ର ମୁଁ ଚାହେଁ ଯେ ଏହି ଶ୍ରୋତାବୃନ୍ଦ, ମୁଁ ଏହି ଗୀତ ଗାଇପାରେ ନାହିଁ, କିନ୍ତୁ ଆପଣ ମୋତେ ଏହା ଚେଷ୍ଟା କରିବାରେ ସାହାଯ୍ୟ କରନ୍ତୁ ବୋଲି ମୁଁ ଚାହେଁ ।

25 ଯେ ଦିନେ ଜଣେ ଭବିଷ୍ୟଦ୍‌ବକ୍ତା ମନ୍ଦିରରେ, ଯଜ୍ଞବେଦି ନିକଟକୁ ଗଲେ । ଏବଂ ଯେତେବେଳେ ସେ ମନ୍ଦିରରେ ଥିଲେ…ସେ ଜଣେ ଭଲ ମଣିଷ ରହିଥିଲେ, ମାତ୍ର ସେ ତ ସେହି ରାଜା ଉଷିୟଙ୍କ ବାହୁ ଉପରେ ନିର୍ଭର କରିଥିଲେ, ଏବଂ ସେ ଜଣେ—ସେ ଜଣେ ଭଲ ଲୋକ ଥିଲେ । କିନ୍ତୁ ତଥାପି, ଦିନେ, ମନ୍ଦିରରେ, ସେ ଏପରି କିଛି ଗୋଟାଏ ଦେଖିଲେ, ଯେତେବେଳେ ସେ ଏକ ଦର୍ଶନକୁ ଚାଲିଗଲେ, ଯାହାକି ସେ ପୂର୍ବରୁ କେବେବି ଦେଖି ନ ଥିଲେ । ସେ ସ୍ୱର୍ଗଦୂତମାନଙ୍କୁ, ଡେଣା ସହିତ, ଭବନ ମଧ୍ୟରେ, ପଛକୁ ଓ ଆଗକୁ ଉଡୁଥିବାର ଦେଖିଲେ, ଯେଉଁମାନେକି ଚିତ୍କାର କରୁଥିଲେ, "ପବିତ୍ର, ପବିତ୍ର, ପବିତ୍ର, ସର୍ବଶକ୍ତିମାନ ପ୍ରଭୁ

ପରମେଶ୍ୱର!" (ଆସନ୍ତୁ, ଭାଇ। ହଁ। ବୁଝିଲେ?) "ପବିତ୍ର, ପବିତ୍ର, ପବିତ୍ର, ସର୍ବଶକ୍ତିମାନ ପ୍ରଭୁ ପରମେଶ୍ୱର!" (ବେନ୍।)

26 ଏବଂ ଯେତେବେଳେ ସେ ତାହା କଲେ, ମନ୍ଦିରର ଖମ୍ଭଗୁଡ଼ିକ ଦୋହଲିଗଲା। ଏବଂ ସେ କହିଲେ, "ମୋ ଉପରେ ହାୟଃ! କାରଣ ମୁଁ ଅଶୁଚୀ ଓଷ୍ଠାଧର ବିଶିଷ୍ଟ ଜଣେ ବ୍ୟକ୍ତି।" ପରମେଶ୍ୱରଙ୍କ ଉପସ୍ଥିତିରେ ସେ ଚିହ୍ନି ପାରିଲେ, ଯେ ଏପରିକି ଜଣେ ଭବିଷ୍ୟଦ୍‌ବକ୍ତା ହୋଇଥିବା ସତ୍ତ୍ୱେ ମଧ୍ୟ, ସେ ଭୁଲ୍ ରହିଥିଲେ। ସେ କହିଲେ, "ମୁଁ ଅଶୁଚୀ ଓଷ୍ଠାଧର ବିଶିଷ୍ଟ ଜଣେ ବ୍ୟକ୍ତି, ଏବଂ ମୁଁ ଅଶୁଚୀ ଓଷ୍ଠାଧର ବିଶିଷ୍ଟ ଲୋକମାନଙ୍କ ମଧ୍ୟରେ ବାସ କରେ।"

27 ଏବଂ ଜଣେ ସ୍ୱର୍ଗଦୂତ ଉଡି ଆସି, ଏକ ଜ୍ୱଳନ୍ତ ଅଙ୍ଗାର ନେଇ ତାଙ୍କ ଓଠକୁ ସ୍ପର୍ଶ କରାଇଲେ, ଏବଂ କହିଲେ, "ମନୁଷ୍ୟପୁତ୍ର, ଭବିଷ୍ୟତ୍‌ବାଣୀ କର!"

ଭଉଣୀ, କଅଣ ଆପଣ ଆମକୁ ବାଦ୍ୟ ଯନ୍ତ୍ରରେ ତାହା ଉପରେ ଏକ କୋର୍ଡ ଦେବେ କି, ଯଦି ଆପଣ ଚାହାଁନ୍ତି? କେତେ ଜଣ ଏହି ଗୀତକୁ ଜାଣନ୍ତି? ଆସନ୍ତୁ, ଗୋଟିଏ ପଦ। ଠିକ୍ ଅଛି।

ଯେତେବେଳେ ଅଗ୍ନିମୟ ଅଙ୍ଗାର ଭବିଷ୍ୟଦ୍‌ବକ୍ତାଙ୍କୁ ସ୍ପର୍ଶ କଲା,
ତାଙ୍କୁ ଯଥା ସାଧ୍ୟ ଶୁଦ୍ଧ କଲା,
ଯେତେବେଳେ ପରମେଶ୍ୱରଙ୍କ ସ୍ୱର କହିଲା, "କିଏ ଆମ ପାଇଁ ଯିବ?"
ସେତେବେଳେ ସେ ଉତ୍ତର ଦେଲେ, "ମୁଁ ଏଠାରେ ଅଛି, ମୋତେ ପଠାନ୍ତୁ।"

[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]...ହେ ମୋର ପ୍ରଭୁ, କୁହ,
କୁହ, ଏବଂ ମୁଁ ତୁମକୁ ଉତ୍ତର ଦେବାକୁ ତତ୍ପର ହେବି;
ହେ ମୋର ପ୍ରଭୁ, କୁହ, ମୋର ପ୍ରଭୁ, କୁହ,
କୁହ, ଏବଂ ମୁଁ ଉତ୍ତର ଦେବି, "ହେ ପ୍ରଭୁ, ମୋତେ ପଠାନ୍ତୁ।"

ଲକ୍ଷ ଲକ୍ଷ ଲୋକ ବର୍ତ୍ତମାନ ପାପ ଓ ଲଜ୍ଜାରେ ମରୁଛନ୍ତି,
ସେମାନଙ୍କର ଦୁଃଖ ଓ ତିକ୍ତ କ୍ରନ୍ଦନକୁ ଶୁଣ;
ଭାଇ, ଶୀଘ୍ର କର, ସେମାନଙ୍କ ଉଦ୍ଧାର ନିମନ୍ତେ ତତ୍ପର ହୁଅ;
ଶୀଘ୍ର ଉତ୍ତର ଦିଅ, "ଗୁରୁ, ମୁଁ ଏଠାରେ ଅଛି।"

ହେ ମୋର ପ୍ରଭୁ, କୁହ, ମୋର ପ୍ରଭୁ, କୁହ,
କୁହ, ଏବଂ ମୁଁ ତୁମକୁ ଉତ୍ତର ଦେବାକୁ ତତ୍ପର ହେବି;
ହେ ମୋର ପ୍ରଭୁ, କୁହ, ମୋର ପ୍ରଭୁ, କୁହ,
କୁହ, ଏବଂ ମୁଁ ଉତ୍ତର ଦେବି, "ହେ ପ୍ରଭୁ, ମୋତେ ପଠାନ୍ତୁ।"

ପ୍ରାଚୀନମାନେ ବର୍ତ୍ତମାନ ଚାରି ଆଡେ ବୁଲି ଭାଇ କ୍ୟାପ୍ସଙ୍କ ଉପରେ ହାତ ରଖନ୍ତୁ। ଆସନ୍ତୁ ଆମେମାନେ ସମସ୍ତେ ମସ୍ତକଗୁଡିକୁ ନତ କରିବା।

28 ପ୍ରିୟ ପରମେଶ୍ୱର, ମନ୍ଦିର ଖମ୍ବଗୁଡ଼ିକ ପୁଣିଥରେ ଦୋହଲି ଅଛି, ଏବଂ ଯେତେବେଳେ ସେହି ସଂଜୀବିତ ଜୀବନର ଆତ୍ମାକୁ ଆମ ଭାଇଙ୍କ ଭିତରେ କାମ କରୁଥିବାର ଦେଖୁଅଛୁ। ମୁଁ ପ୍ରାର୍ଥନା କରେ ଯେ, ହେ ପରମେଶ୍ୱର, ସେ ଯେପରି ଏହାକୁ ଉର୍ଦ୍ଧ୍ୱରୁ ଅନୁଭବ କରନ୍ତି, ଯାହାକି ଏହା କୁହେ ଯେ ତାହାଙ୍କୁ ନିଶ୍ଚିତରେ ଯିବା ଉଚିତ। ପ୍ରଭୁ, ଆମେମାନେ, ତୁମର ପ୍ରାଚୀନ ଭାବରେ, ତାଙ୍କ ଉପରେ ହାତ ରଖୁଅଛୁ, ଏବଂ ତାହାଙ୍କୁ ସହଭାଗିତାର ଦକ୍ଷିଣ ହସ୍ତ ଦେଉଅଛୁ; ଏବଂ ତାଙ୍କ ଉପରେ ଆମର ହାତ ରଖୁଅଛୁ, ଏବଂ ପରମେଶ୍ୱରଙ୍କ ଆଶୀର୍ବାଦ ତାଙ୍କ ଉପରକୁ ଦେଉଅଛୁ, ଯେ ତୁମେ ତାଙ୍କ ଓଷ୍ଠାଧରକୁ, ତାଙ୍କ ଚିନ୍ତାଧାରାକୁ, ତାଙ୍କର ସମସ୍ତ ସୃଷ୍ଟିକୁ ଅଭିଷେକ କରିବ। ଏବଂ ଏହା ହେଉ ଯେ ସେ ସୁସମାଚାରର ଏହି ବାର୍ତ୍ତାକୁ ପ୍ରତ୍ୟେକ ଫାଟ ଏବଂ କୋଣକୁ ନେଇଯାଆନ୍ତୁ ଯେଉଁଠାକୁ ତୁମେ ତାଙ୍କୁ ଆହ୍ୱାନ କରିବ। ହେ ପ୍ରଭୁ, ଏହାକୁ ପ୍ରଦାନ କର। ଆମେ ତୁମଠାରେ ଆମର ଭାଇକୁ, ତୁମର ସେବକ ଭାବରେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଦେଉଅଛୁ। ଆମେନ୍।

29 "ବାକ୍ୟ ପ୍ରଚାର କର," ମୋର ଯୁବା ଭାଇ। "ସମୟରେ ହେଉ, ଏବଂ ଅସମୟରେ ହେଉ; ସମସ୍ତ ଦୀର୍ଘସହିଷ୍ଣୁତା ଏବଂ ଶିକ୍ଷା ସହିତ ଭର୍ତ୍ସନା, ନିନ୍ଦା କର।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ।

30 [ଭାଇ ବେନ୍ ବ୍ରାଏଣ୍ଟ କୁହନ୍ତି, "ଭାଇ ବ୍ରାନହାମ୍, କଅଣ ଆପଣ ମୋ ଉପରେ ହାତ ରଖିବେ କି? କଅଣ ସେମାନେ ମୋ ଉପରେ ହାତ ରଖିବେ କି? ମୁଁ ନିଯୁକ୍ତ କରାହେବାକୁ ଚାହେଁ।"—ସମ୍ପା।] କଅଣ ଆପଣଙ୍କର…? ମୁଁ ଜାଣି ନ ଥିଲି ଯେ ଆପଣଙ୍କର ହୋଇ ନାହିଁ।

ଭାଇ ବେନ୍, ଏଠାରେ, ଆମ ପାଖକୁ ଆସିଛନ୍ତି। ମୁଁ ଭାବେ ଯେ କିଛି ସମୟ ହେଲା ସେ ପ୍ରଚାର କରି ଆସିଛନ୍ତି। ତଥାପି, ତାଙ୍କର ଆନୁଷ୍ଠାନିକ ଭାବରେ (ମୁଁ ଭାବୁଥିଲି ଯେ ତାଙ୍କର ହୋଇଅଛି; ସେହି କାରଣରୁ ମୁଁ ତାଙ୍କୁ ଡାକିଥିଲି।) ନିଯୁକ୍ତ କରା ହୋଇନାହିଁ, କିମ୍ବା ତାଙ୍କ ଉପରେ ଏଠାରେ ହାତ ରଖା ହୋଇନାହିଁ।

31 ତେବେ, ଭାଇ ବେନ୍‌ଙ୍କ ପତ୍ନୀ ଏଠାରେ କେଉଁଠାରେ ଅଛନ୍ତି, ଏବଂ ସେ ଜଣେ ପ୍ରିୟ ବ୍ୟକ୍ତି ଅଟନ୍ତି। ସେ ଜଣେ ମହିଳା ପ୍ରଚାରକ ଥିଲେ। ଏବଂ ଯେତେବେଳେ ସେ ଓ ଆମ ଭାଇ ବିବାହ କଲେ, ଏବଂ ସେ ତାଙ୍କୁ ଆରାଧନାଳୟକୁ ନେଇକରି ଆସିଲେ, ଯେତେବେଳେ ସେ ବାକ୍ୟକୁ ଦେଖିଲେ ଏବଂ ଶୁଣିଲେ, ତଥାପି ଏକ ସୁନ୍ଦର ବ୍ୟକ୍ତିତ୍ୱ ସହିତ ଜଣେ ସୁନ୍ଦର ସାନ ମହିଳା, ମାତ୍ର ଯେତେବେଳେ ସେ ଦେଖିଲେ ଯେ ସ୍ତ୍ରୀଲୋକଙ୍କ ପାଇଁ ତାହା କରିବା ଭୁଲ୍ ଥିଲା, ସେ ପୃଥକ ହୋଇରହିଲେ; ଏବଂ ଏହାର ଦାୟୀତ୍ୱ ତାଙ୍କ ସ୍ୱାମୀଙ୍କ ଉପରକୁ ଆସିଲା ଭଳି ଲାଗିଲା। ତାହା ସଠିକ୍ ଭାବରେ ଅଟେ। ତାହା ପ୍ରେରିତିକ ଅଟେ। ତାହା ସେହିପରି ହିଁ ହେବା ଉଚିତ୍।

32 ଭାଇ ବେନ୍, ତାଙ୍କ ପତ୍ନୀଙ୍କ ସହିତ ଟେପ୍‌ଗୁଡିକୁ ନିଅନ୍ତି, ଯାହା ମୁଁ ବୁଝିଛି। ସେମାନେ ଆଭ୍ୟ- କୁ…ଅ-ଗ-ମ୍ୟ ସ୍ଥାନଗୁଡିକୁ ଯାଆନ୍ତି, ପର୍ବତମୟ ସ୍ଥାନକୁ, ଜଙ୍ଗଲକୁ ଯାଆନ୍ତି, ଏବଂ ସେମାନେ ଏହି ଟେପ୍‌ଗୁଡ଼ିକୁ ବଜାନ୍ତି ଏବଂ ଟେପ୍‌ଗୁଡ଼ିକ ଉପରେ ମନ୍ତବ୍ୟ ଦିଅନ୍ତି। ଅନେକ

ଥର ସେମାନଙ୍କୁ ତଡି ଦିଆଯାଏ, ବହିଷ୍କାର କରି ଦିଆଯାଏ, ପ୍ରତ୍ୟାଖାନ କରି ଦିଆଯାଏ। ଆମେମାନେ ତାହା ଆଶା କରୁ। "କାରଣ ଯେଉଁମାନେ ସମସ୍ତେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଧାର୍ମିକ ଭାବରେ ଜୀବନ ଯାପନ କରନ୍ତି ସେମାନେ ତାଡନା କରାଯିବେ।"

33 କେତେ ଜଣ ଏଠାରେ ଭାଇ ବେନ୍‌ଙ୍କୁ ଜାଣନ୍ତି? କେତେ ଜଣ ତାଙ୍କୁ ପରମେଶ୍ୱରଙ୍କ ସେବକ ଭାବରେ, ଏହି ଆଶୀର୍ବାଦକୁ ପାଇବା ନିମନ୍ତେ ଯୋଗ୍ୟ ବୋଲି ବିଶ୍ୱାସ କରନ୍ତି ଯାହା ଆମେ ତାଙ୍କ ପାଇଁ ପରମେଶ୍ୱରଙ୍କଠାରୁ ମାଗିବା? ଦେଖନ୍ତୁ, ସେ ଜଣେ ଅପରିଚିତ ବ୍ୟକ୍ତି ନୁହଁନ୍ତି। ସେ ବର୍ଷ ବର୍ଷ ଧରି ଆମ ସହିତରେ ରହିଛନ୍ତି। ମୁଁ ତାଙ୍କୁ ଜଣେ ନମ୍ର ବ୍ୟକ୍ତି ଭାବରେ ଜାଣେ। ସେ ମୋ ପରି ଅଟନ୍ତି; ସେ ଅନେକ ଭୁଲ୍ କରନ୍ତି। ଆମେ ସମସ୍ତେ ତାହା କରୁ। ମୁଁ ଭାଇ ବେନ୍ ବିଷୟରେ ଯାହା ପସନ୍ଦ କରେ, ତାହା ହେଉଛି ଯେ ସେ ଏହାକୁ ସଠିକ୍ କରିବା ପାଇଁ ନିଜ ଆଣ୍ଠୁରେ ଗୁରୁଣ୍ଡିବାକୁ ଇଚ୍ଛୁକ ଅଟନ୍ତି।

ଏବଂ ଯେତେବେଳେ ସେ ଅନ୍ୟ ଦିନ, *ବିବାହ ଏବଂ ଛାଡପତ୍ର* ଉପରେ, ଶୁଣିଲେ, ସେ ଏବଂ ତାଙ୍କ ପତ୍ନୀ ପୃଥକ ହେବାକୁ ପ୍ରସ୍ତୁତ ଥିଲେ, ଯେହେତୁ ସେ ତାଙ୍କ ପତ୍ନୀଙ୍କୁ ପ୍ରେମ କରନ୍ତି, ଏବଂ ତାଙ୍କ ପତ୍ନୀ ତାଙ୍କୁ ପ୍ରେମ କରନ୍ତି, ମାତ୍ର ସେମାନେ ପରମେଶ୍ୱରଙ୍କ ବାକ୍ୟ ସହିତ ସହମତ ହେବାକୁ ଚାହାଁନ୍ତି। ଯାହାକିଛି ବି ବାକ୍ୟ କହିଲା, ତାହାହିଁ ଅଟେ ଯାହାକି ସେମାନେ ଚାହୁଁଥିଲେ। ମୁଁ ପ୍ରାର୍ଥନା କରୁଛି ଯେ ପରମେଶ୍ୱର ବେନ୍ ଏବଂ ତାଙ୍କ ପତ୍ନୀଙ୍କୁ, ତାହାଙ୍କ ସେବାରେ ଆଶୀର୍ବାଦ କରିବେ।

ଆସନ୍ତୁ ଆମେମାନେ ଆମ ଭାଇଙ୍କ ଉପରେ ଆମର ହାତକୁ ରଖିବା।

34 ପ୍ରିୟ ପରମେଶ୍ୱର, ଆମେ ଆମର ଭାଇ ବେନ୍ ଉପରେ ଆମର ହାତକୁ ରଖୁଅଛୁ, ଏକ ସଙ୍କେତ ରୂପେ ଯେ ଆମେ ତାଙ୍କୁ ଭଲପାଉ। ଏବଂ ଆମେମାନେ ବିଶ୍ୱାସ କରୁଛୁ, ଯେ ହେ ପ୍ରଭୁ, ସେ ତୁମ ପାଇଁ ଏକ କାମ କରିବାକୁ ଇଚ୍ଛୁକ ଅଟନ୍ତି, ଏହି ଟେପ୍‌ଗୁଡ଼ିକ ସହିତ ପଠାଯିବାକୁ ଇଚ୍ଛୁକ ଅଟନ୍ତି, ଯେପରିକି ସୁଦୂର କିଛି ପାର୍ବତ୍ୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ସେଗୁଡିକୁ ବଜାନ୍ତି ଯେଉଁଠାରେକି ବୋଧହୁଏ ଆମମାନଙ୍କ ମଧ୍ୟେରୁ ଅନେକେ ସେଠାକୁ ଯାଇପାରିବା ନାହିଁ, ମାତ୍ର ତଥାପି ସେହି ବାର୍ତ୍ତାକୁ ସମସ୍ତ ଜଗତକୁ ଯିବା ଜରୁରୀ ଅଟେ। ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ଆମ ଭାଇଙ୍କୁ ଆଶୀର୍ବାଦ କରିବ, ଏବଂ ତାଙ୍କୁ ତୁମର ଆତ୍ମା ପ୍ରଦାନ କରିବ, ଏବଂ ଏହା ହେଉ ଯେ ଏହା ତାଙ୍କ ଉପରକୁ ଆସୁ। ଏବଂ ତାଙ୍କୁ ମାର୍ଗଦର୍ଶନ କର, ଏବଂ ତାଙ୍କୁ ଏବଂ ତାଙ୍କର ପତ୍ନୀଙ୍କୁ ସେହି ସ୍ଥାନମାନଙ୍କୁ ନିର୍ଦ୍ଦେଶିତ କର ଯେଉଁଠାରେକି ବୋଧହୁଏ ସେହି ଗୋଟିଏ ପ୍ରାଣ ସେଠାରେ ବାହାରେ ରହିଥିବ, ଏବଂ ସେହି ଗୋଟିଏ ମେଷ ଭିତରକୁ ନ ଆସିବା ପର୍ଯ୍ୟନ୍ତ ସେହି ଦ୍ୱାରଗୁଡିକ ବନ୍ଦ ହୋଇପାରେ ନାହିଁ। ତୁମେ ଅନେଶ୍ୱତ ସହିତ ସନ୍ତୁଷ୍ଟ ନୁହଁ। ସେହି...ସେହି ପୁସ୍ତକରେ ଥିବା ପ୍ରତ୍ୟେକ ନାମକୁ ଭିତରକୁ ଅଣାଯିବା ଆବଶ୍ୟକ। ହେ ପ୍ରଭୁ, ସେମାନଙ୍କୁ ସାହାଯ୍ୟ କର, ଯେତେବେଳେକି ଆମେମାନେ ତାଙ୍କୁ ଆମ ସହିତ ନିଜର ଭାଇ ସ୍ୱରୂପେ ଯୋଡ଼ି, ତାଙ୍କ ଉପରେ ହାତ ରଖୁଅଛୁ। ଏବଂ ତାଙ୍କ ପାଇଁ ଆମର ସାହାଯ୍ୟ

ଏବଂ ପ୍ରାର୍ଥନା, ତାଙ୍କ ସହିତରେ ଯିବ। ଏବଂ ଆମେମାନେ ପ୍ରାର୍ଥନା କରୁଛୁ ଯେ ପ୍ରଭୁ, ସେ ଯେଉଁଆଡେ ବି ଯାଆନ୍ତି, ତୁମେ ତାଙ୍କୁ ଆଶୀର୍ବାଦ କରିବ। ଯୀଶୁଙ୍କ ନାମରେ। ଆମେନ୍।

ଆପଣଙ୍କୁ ଆଶୀର୍ବାଦ ହେଉ, ଭାଇ ବେନ୍! ସେବକ ଭାଇ ଭାବରେ, ଆମେ ଆପଣଙ୍କୁ ସହଭାଗୀତାର ଦକ୍ଷିଣ ହସ୍ତ ଦେଉଅଛୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ।

35 [ଭାଇ ଅର୍ଲ ମାର୍ଟିନ୍ କୁହନ୍ତି, "ଭାଇ ବ୍ରାନହାମ୍, କଅଣ ଆପଣ ମୋ ଉପରେ ହାତ ରଖିବେ କି, ଜଣେ ପାଳକ ଭାବରେ କାମ କରିବାକୁ ମୋତେ ନିଯୁକ୍ତ କରିବେ କି?"—ସମ୍ପା।] ଜନ୍ ମାର୍ଟିନ...["ଅର୍ଲ।"] ଅର୍ଲ।

କେତେ ଜଣ ଅର୍ଲ ମାର୍ଟିନ୍‌କୁ ଜାଣନ୍ତି? କେତେ ଜଣ ତାଙ୍କୁ ଖ୍ରୀଷ୍ଟଙ୍କର ଜଣେ ସେବକ ବୋଲି ବିଶ୍ୱାସ କରନ୍ତି? ସେ ଆମ ପାଖକୁ...ମୁଁ ବିଶ୍ୱାସ କରେ ଯେ, ମୂଳତଃ, ଏକ ପେଣ୍ଟିକଷ୍ଟାଲ୍ ଗୋଷ୍ଠୀରୁ ଆସନ୍ତି, ଏବଂ ବର୍ତ୍ତମାନ ମୁଁ ଭାବୁଛି ସେ ପାଳକତ୍ୱ କରନ୍ତି ଏବଂ ଏକ ସ୍ୱାଧୀନ କାର୍ଯ୍ୟ କରନ୍ତି।

36 ମୁଁ ଅର୍ଲକୁ ଖ୍ରୀଷ୍ଟଙ୍କର ଜଣେ ପ୍ରକୃତ ସେବକ ବୋଲି ଜାଣିଛି। ମୁଁ ଗୋଟିଏ କାର୍ଯ୍ୟକୁ କେବେବି ଭୁଲିବି ନାହିଁ, ସେପରି ତ ଅନେକ ଅଛି, ମାତ୍ର ଅର୍ଲଙ୍କ ସହିତ ଗୋଟିଏ କାର୍ଯ୍ୟ। ମୋର ମନେ ଅଛି, ଗୋଟିଏ ରାତି ମୁଁ ଟେକ୍ସାସ୍‌ର ଡାଲାସ୍‌ରେ ଥିବାବେଳେ ସେମାନେ ତାଙ୍କୁ ଫୋନ୍‌ରେ ଡାକିଥିଲେ; କିମ୍ବା ମୁଁ—ମୁଁ ବିଶ୍ୱାସ କରେ, ନା, ଏହା ଥିଲା...[ଜଣେ ଭଉଣୀ କୁହନ୍ତି, "ବିୟୁମଣ୍ଟ।"—ସମ୍ପା।] ବିୟୁମଣ୍ଟ, ଟେକ୍ସାସ୍, ଠିକ୍ ଅଟେ, ଭଉଣୀ। ଏବଂ ସେମାନେ—ସେମାନେ...ତାଙ୍କ ଶିଶୁ ମୃତପ୍ରାୟଃ ଅବସ୍ଥାରେ, ପଡ଼ି ରହିଥିଲା, ମରୁଥିଲା, ଏବଂ ସେମାନେ ଭାବିଲେ ଯେ ଏହା ମରିଯାଇଛି। ଏହା ଆଉ ନିଶ୍ୱାସ ନେଉ ନ ଥିଲା। ଏବଂ ଅର୍ଲ ଜଣେ ବାପା ଭାବରେ, ମୋ କକ୍ଷ ଆଡକୁ ଆସିଲେ, କାନ୍ଧକୁ ନୁଆଇଁ, ମୋ ଆଗରେ ନଇଁ ପଡ଼ିଲେ, ଯେହେତୁ ମୁଁ ବିଛଣାରେ ଥିଲି। ବିଛଣାରୁ ଉଠିଲି; ସେ ନିଜର ବାହୁକୁ ମୋ ଚାରିପଟେ ରଖି କହିଲେ, "ଭାଇ, ମୁଁ ବିଶ୍ୱାସ କରେ ଯେ ଆପଣ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ଅଟନ୍ତି। ମୁଁ ସର୍ବଦା ବିଶ୍ୱାସ କରିଅଛି। ଏବଂ ଯଦି ଆପଣ କେବଳ ବାକ୍ୟକୁ କହି ଦେବେ, ଯଦିଓ ମୋ ଶିଶୁଟି ମରିଯାଇଛି, ତଥାପି ଏହା ବଞ୍ଚି ଉଠିବ।" ଏବଂ ତାଙ୍କ ଶିଶୁ ପୁନର୍ବାର ଜୀବନକୁ ଫେରି ଆସିଲା, ଜୀବିତ ଅଛି।

37 କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଏହି ବିଶ୍ୱାସୀମାନଙ୍କ ସହଭାଗିତାର ଦକ୍ଷିଣ ହସ୍ତ ପାଇଁ ଯୋଗ୍ୟ ଅଟନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।]

ଭାଇମାନେ, ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା, ଯେତେବେଳେ ଆମେ ତାଙ୍କ ଉପରେ ହାତ ରଖୁ।

38 ଅନୁଗ୍ରହକାରୀ ସ୍ୱର୍ଗସ୍ଥ ପିତା, ଆମେ ପୁଣିଥରେ, ଆମର ଭାଇ ମାର୍ଟିନ୍‌ଙ୍କ ଉପରେ, ହାତ ରଖୁଛୁ। ହେ ପ୍ରଭୁ, ଆମେ ତାଙ୍କୁ ସେହି ପ୍ରାନ୍ତ ପର୍ଯ୍ୟନ୍ତ ପଠାଉଅଛୁ ଯେଉଁଠାକୁ ସେ ଯାଆନ୍ତୁ ବୋଲି ତୁମେ ତାଙ୍କୁ ନିଯୁକ୍ତ କରିଛ; ତାହା ଯେଉଁଠାରେ ବି ଥାଉ, ଅନେକ ବା ଅଳ୍ପ, ବାଟ-

କଡରେ, ରାଜପଥରେ, ଗଳିପଥରେ, ଏହା ଯାହା ବି ହେଉ । ଏହା ଯେଉଁଠାରେ ବି ଅଟେ, ପ୍ରଭୁ, ତୁମର ଆଶୀର୍ବାଦ ତାଙ୍କ ସହିତରେ ରହୁ । ଆମେ ତାଙ୍କ ଉପରେ ନିଜର ହାତକୁ ରଖୁଅଛୁ ଯେତେବେଳେ ଆମେ ତାଙ୍କୁ ତୁମର ମଙ୍ଗଳଦାନ ଏବଂ ତାଙ୍କୁ ଆମର ଆଶୀର୍ବାଦ ଦେଉଅଛୁ, ଯେ ହେ ପ୍ରଭୁ, ସେହି ଆତ୍ମା ଯାହା ଆମ ଉପରେ ଅଛନ୍ତି, ତାଙ୍କ ସହିତରେ ଯାଉନ୍ତୁ, ଏବଂ ତାଙ୍କୁ ମାର୍ଗଦର୍ଶନ କରିବେ ଏବଂ ତାଙ୍କୁ ମାର୍ଗରେ ଓ ରାଜପଥରେ ହଜିଯାଇଥିବା ପ୍ରାଣଗୁଡିକ ଆଡ଼କୁ ନିର୍ଦ୍ଦେଶ କରିବେ । ଆମେ ତାଙ୍କୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପଠାଉଅଛୁ । ଆମେନ୍ ।

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ମାର୍ଟିନ୍ । ବର୍ତ୍ତମାନ ଯାଆନ୍ତୁ, ଏବଂ ପ୍ରଭୁ ଆପଣଙ୍କ ସହିତରେ ରୁହନ୍ତୁ ।

39 ସେହି ସମାନ ଉଦ୍ଦେଶ୍ୟ ପାଇଁ? [ଭାଇ ରିଚାର୍ଡ ବ୍ଲେୟାର ଭାଇ ବ୍ରାନହାମ୍‌ଙ୍କ ସହ କଥା ହୁଅନ୍ତି—ସମ୍ପା ।] ଆପଣଙ୍କ ନାମ ରିଚାର୍ଡ କି? ["ଠିକ୍ । ରିଚାର୍ଡ ବ୍ଲେୟାର ।"] କେତେ ଜଣ ରିଚାର୍ଡ ବ୍ଲେୟାରଙ୍କୁ ଜାଣନ୍ତି? କେତେ ଜଣେ ତାଙ୍କୁ ପରମେଶ୍ୱରଙ୍କ ଜଣେ ସେବକ ବୋଲି ବିଶ୍ୱାସ କରନ୍ତି? ସେ ୟୁନାଇଟେଡ୍ ପେଣ୍ଟିକଷ୍ଟାଲ୍ ମଣ୍ଡଳୀର ସେହି—ସେହି ଗୋଷ୍ଠୀରୁ ଆସନ୍ତି ।

ଏବଂ ଭାଇ, ଭାଇ ବ୍ଲେୟାର, ମୋତେ ତାଙ୍କର, ଏକ ବଡ଼ ଆହ୍ୱାନ ମନେ ଅଛି । ମୋର ସେହି ସମୟ ମନେ ଅଛି ଯେଉଁଠାରେ ଭାଇ ବ୍ଲେୟାର କରୁ ନ ଥିଲେ, ମୋତେ ବିଶ୍ୱାସ କରିବାକୁ ଚାହୁଁ ନ ଥିଲେ, କାରଣ ସେଠାରେ ତାଙ୍କ ସହିତ ଏକ ଆତ୍ମା କାମ କରୁଥିଲା, ତାଙ୍କୁ ଏହା କହୁଥିଲା ଯେ ମୁଁ ଭଣ୍ଡ ଅଟେ । ଏବଂ ଯେତେବେଳେ ସେ ଠିକ ସେଠାରେ ସେହି ସଭାରେ ବସିଥିଲେ, ପବିତ୍ରଆତ୍ମା ବୁଲି ପଡିଲେ ଏବଂ ଏହାକୁ ଡାକିଲେ । ଏବଂ ସେ ପ୍ରାୟଃ ଏକ—ଏକ ମାନସିକ ଭଙ୍ଗୁର ଅବସ୍ଥାକୁ ଚାଲିଯିବା ଉପରେ ଥିଲେ, ଏବଂ ତାହା ହିଁ ଅଟେ ଯାହାକି ତାଙ୍କୁ ସେହି ଅବସ୍ଥାକୁ ଆଣିଥିଲା ।

ଏବଂ ମୋର ମନେ ଅଛି ଯେ ତାଙ୍କର ସୁନ୍ଦର ପତ୍ନୀ ମୋତେ ଦିନେ ଫୋନ୍ କରିଥିଲେ । ସେ କହିଲେ, "ଭାଇ ବ୍ରାନହାମ୍, ମୁଁ ଭାବୁଛି ରିଚାର୍ଡ ମରିବାକୁ ଯାଉଛନ୍ତି ।" ଏବଂ ମୁଁ ଭାବୁଛି, ତାଙ୍କ ପାଖରେ, ଏକ ସ୍କାର୍ଫ ଥିଲା । ମୁଁ ଯେପରି ତାଙ୍କୁ କହିଲି, ସେପରି ସେ ଯାଇ ଏହାକୁ ତାଙ୍କ ଉପରେ ରଖିଦେଲେ, ଏବଂ ମୁଁ ପ୍ରାର୍ଥନା କଲି । ଏଠାରେ ସେ ଅଛନ୍ତି ।

40 ଗୋଟିଏ ଛୋଟ ଶିଶୁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା, କିମ୍ବା, [ଭାଇ ବ୍ଲେୟାର କୁହନ୍ତି, "ମୋ ପୁଅ ଥିଲା ।"—ସମ୍ପା ।] ତାଙ୍କ ପୁଅର, ଏକ ଦୁର୍ଘଟଣା ହୋଇଥିଲା, ଯାହାର ସୁସ୍ଥ ହେବାକୁ ନେଇ ସେମାନେ ଅଧିକ ଆଶାବାନ ନ ଥିଲେ, ମସ୍ତିଷ୍କରେ ଆଘାତ ଯୋଗୁ ସଂକୋଚନ ହୋଇଯାଇଥିଲା । ଏବଂ ପ୍ରାର୍ଥନା ଦ୍ୱାରା, ଏପରିକି ଫୋନ୍ ଯୋଗେ ସୁଦ୍ଧା, ସେହି ଶିଶୁଟି ସୁସ୍ଥ ହୋଇଥିଲା ।

କଅଣ ଆପଣମାନେ ଭାଇ ବ୍ଲେୟାରଙ୍କୁ ଖ୍ରୀଷ୍ଟଙ୍କର ଜଣେ ପ୍ରକୃତ ସାକ୍ଷୀ ବୋଲି ବିଶ୍ୱାସ କରନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ଆପଣମାନେ ପ୍ରାର୍ଥନା କରନ୍ତୁ ଯେ

ଆପଣମାନଙ୍କର ଆଶୀର୍ବାଦ ତାଙ୍କ ସହିତରେ ଯାଉ।

ଭାଇ ଓ ଭଉଣୀମାନେ, ତାଙ୍କ ଉପରେ ନିଜର ହାତକୁ ରଖନ୍ତୁ।

41 ପ୍ରିୟ ପରମେଶ୍ୱର, ଆମର ଦୟାଳୁ ଏବଂ ଅତି ପ୍ରିୟ ଭାଇଙ୍କୁ ତୁମର ସେବକ ଭାବରେ, ଚିହ୍ନିବା ପାଇଁ, ଯିଏକି ଆଲୋକରେ ଗମନ କରିବା ପାଇଁ, ଏପରିକି ନିଜ ଗୋଷ୍ଠୀରୁ ସୁଦ୍ଧା ବାହାରି ଆସିଛନ୍ତି। ହେ ପିତା, ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ଆମର ଭାଇ ବ୍ଲେୟାରଙ୍କୁ ଆଶୀର୍ବାଦ କରିବ, ଯେତେବେଳେ ଆମେମାନେ ତାଙ୍କ ହାତରେ ହାତ ରଖି, ତାଙ୍କୁ ଆମର ଆଶୀର୍ବାଦ ଏବଂ ଆମର ମଞ୍ଜୁରୀ ଦେଇ ପଠାଉଅଛୁ, ଯେଉଁ ସ୍ଥାନକୁ ବି ତୁମେ ତାଙ୍କୁ ଡାକିବ, ପ୍ରଭୁ, ଯାହା ବି କାମ ପାଇଁ ତାହା ହେବ। ଏହା ହେଉ ଯେ ତୁମର ଆତ୍ମା ଭାଇ ବ୍ଲେୟାରଙ୍କ ସହିତ ଯାଉ। ତାଙ୍କୁ ମାର୍ଗଦର୍ଶନ କର ଏବଂ ତାଙ୍କୁ ଏହି ଜଗତର ହଜିଯାଇଥିବା ଏବଂ ମରି ଯାଉଥିବା ମେଷମାନଙ୍କୁ ପାଖକୁ ନିର୍ଦ୍ଦେଶିତ କର, ଯେପରିକି ସେ ସେହି ହଜିଯାଇଥିବା ମେଣ୍ଢାଗୁଡିକୁ ଖୋଜିବାରେ ସାହାଯ୍ୟ କରିପାରିବେ, ଯେ ସେ ଏହାକୁ ପୁନର୍ବାର ପଲ ନିକଟକୁ ଫେରାଇ ଆଣିପାରନ୍ତି। ଏହା ଯେଉଁଠାରେ ବି ହେଉ, ତାଙ୍କ ପାଇଁ ତୁମେ ଯାହାକିଛି ରଖିଅଛ, ହେ ପ୍ରଭୁ, ଆମେ କେବଳ ଏତିକି ମାଗୁଅଛୁ ଯେ ତୁମର ଆତ୍ମା ତାଙ୍କୁ ମାର୍ଗଦର୍ଶନ କରୁ ଏବଂ ତାଙ୍କ ଜୀବନ ସାରା ତାଙ୍କୁ ନିର୍ଦ୍ଦେଶିତ କରୁ। ଆମେମାନେ ତାଙ୍କର ଭାଇ ଭଉଣୀ ଅଟୁ। ତାଙ୍କୁ ସହଭାଗୀତାର ଦକ୍ଷିଣ ହସ୍ତ ଦେବାରେ, ଆମେ ବିନତୀ କରୁଛୁ ଯେ ତୁମେ ତାଙ୍କ ସହିତରେ ଯାଅ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ। ଆମେନ୍।

ସହଭାଗୀତାର ଦକ୍ଷିଣ ହସ୍ତ! ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ବ୍ଲେୟାର। ଆମେ ଆପଣଙ୍କ ସହିତ, ଶତ ପ୍ରତିଶତ ଅଛୁ, ଆପଣଙ୍କ ପାଇଁ ପ୍ରାର୍ଥନା କରୁଛୁ ଏବଂ ଆପଣଙ୍କୁ ମାର୍ଗରେ ସାହାଯ୍ୟ କରିବା ପାଇଁ ଆମେ ଯାହାକିଛି କରିପାରୁ ତାହା କରିବୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

42 [ଭାଇ ମର୍ଲିନ୍ ଆଛନ୍ କୁହନ୍ତି, "ଭାଇ ବ୍ରାନହାମ୍, ଏହା ମୋ ପାଇଁ ମଧ୍ୟ, ନିଯୁକ୍ତି ହେତୁ ସମାନ ବିଷୟ ଅଟେ।"—ସମ୍ପା।] କଅଣ କହିଲ? ["ନିଯୁକ୍ତି।"] ଆପଣ କିଏ? ["ମର୍ଲିନ୍ ଆଛନ୍।"] ମର୍ଲିନ୍ ଆଛନ୍। ["ମୁଁ ମଣ୍ଡଳୀରେ ଅଛି।"] କେଉଁଠାରେ? ["ଏଠାରେ ମଣ୍ଡଳୀରେ।"] ଏହି ମଣ୍ଡଳୀରେ। ଭାଇ ମର୍ଲିନ୍ ଆଛନ୍‌ଙ୍କୁ କେହି ଜାଣନ୍ତି କି? ସେ ମୋ ପାଇଁ, ନୂଆ ଅଟନ୍ତି। ["ସାଲ୍‌ଭେସନ୍ ଆର୍ମି ସହିତ। ମୋତେ ସ୍ମରଣ କରୁଛନ୍ତି କି?"] ଓଃ, ହଁ। ଭାଇ, ମୋତେ କ୍ଷମା କରନ୍ତୁ।

ସାଲଭେସନ୍ ଆର୍ମି ଠାରୁ, ତାହା ଠିକ୍ ଅଟେ, ମୋର ତାଙ୍କୁ ସ୍ମରଣ ଅଛି। ନିଶ୍ଚିତରେ, ମୁଁ ତାଙ୍କୁ ବର୍ତ୍ତମାନ ଜାଣେ। ମୁଁ କେବଳ...ଏହି ସମୟରେ, ତାଙ୍କ ଚେହେରା ମୋ ପାଇଁ ପରିଚିତ ଲାଗୁ ନ ଥିଲା। କେତେ ଲୋକ ତାଙ୍କୁ ପରମେଶ୍ୱରଙ୍କ ଜଣେ ଲୋକ ବୋଲି ଜାଣନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] କେତେ ଲୋକ ବିଶ୍ୱାସ କରନ୍ତି ଯେ—ଯେ ପରମେଶ୍ୱର ତାଙ୍କ ସହିତ କାମ କରୁଛନ୍ତି କି? ନିଜର ହାତ ଉଠାନ୍ତୁ। ["ଆମେନ୍।"] କଅଣ ଆପଣମାନେ

ତାଙ୍କ ପାଇଁ ପ୍ରାର୍ଥନା କରିବେ କି? [“ଆମେନ୍ ।”]

43 ତେବେ, ଭାଇ, ଆମେମାନେ ଜାଣୁ ଯେ ଆପଣ ଲୋକମାନଙ୍କର ଏକ ବଡ଼ ଦଳ, ସାଲ୍‌ଭେସନ୍ ଆର୍ମିରୁ ଆସୁଛନ୍ତି, ସେମାନେ ଏକ ମହାନ ଗୋଷ୍ଠୀ ଅଟନ୍ତି । ମାତ୍ର, ଏବଂ, ମାତ୍ର ସେହି ସାଲ୍‌ଭେସନ୍ ଆର୍ମି ମାର୍ଗରେ ବହୁତ ଉତ୍ତମ ଉତ୍ତମ କାମଗୁଡିକୁ କରିଥାଏ । ଆମେମାନେ ନାଜରିନ୍, ପେଣ୍ଟିକଷ୍ଟାଲ୍ ମଣ୍ଡଳୀ, କିମ୍ବା ସାଲ୍‌ଭେସନ୍ ଆର୍ମି ଅବା ସେମାନଙ୍କ ମଧ୍ୟରୁ କୌଣସି ବିରୁଦ୍ଧରେ କିଛି ହେଲେ କହି ନ ପାରୁ; ସେମାନେ ତ ଆମର ଭାଇମାନେ ଅଟନ୍ତି । ମାତ୍ର, ଆପଣ ଦେଖନ୍ତୁ, ଆମେମାନେ ବିଶ୍ୱାସ କରୁ ଯେ ଆମେ ରହୁଥିବା ଏହି ଘଟିକା ପାଇଁ ଆମେ ଏକ ମହାନ ବାର୍ତ୍ତାର ବାହକମାନ ଅଟୁ । କଅଣ ଆପଣ ଆମ ସହିତ ତାହା କରିବାକୁ ଚାହାଁନ୍ତି କି? [ଭାଇ ଆଙ୍କନ୍ କୁହନ୍ତି, “ଆମେନ୍ ।”—ସମ୍ପା ।]

ଆସନ୍ତୁ ଆମେମାନେ ଯେତେବେଳେ ନିଜ ଭାଇ ଉପରେ ହାତ ରଖୁଅଛୁ ସେତେବେଳେ ଆମର ମସ୍ତକଗୁଡିକୁ ନତ କରିବା ।

44 ପ୍ରିୟ ସ୍ୱର୍ଗସ୍ଥ ପିତା, ତୁମେ ହିଁ ସେହି ଜଣକା ଅଟ ଯିଏକି ଆହ୍ୱାନ କରିଥାଅ । ତୁମେ ହିଁ ସେହି ଜଣକା ଅଟ ଯିଏକି ବାକ୍ୟକୁ ସଂଜୀବିତ କରିଥାଅ, ଯେପରିକି ସେମାନେ ବିଶ୍ୱାସ କରିପାରନ୍ତି । ଏବଂ ଆମେମାନେ ଆମର ମୂଲ୍ୟବାନ ଭାଇ ଉପରେ ନିଜର ହାତକୁ ରଖୁଅଛୁ, ଏକ ମଞ୍ଜୁରୀ ଭାବରେ ଯେ ଆମେ ବିଶ୍ୱାସ କରୁଛୁ ଯେ ତୁମେ ତାଙ୍କ ସହିତରେ ଅଛ ଏବଂ ତାଙ୍କୁ ସାହାଯ୍ୟ କରିବ । ଆମେମାନେ ତାଙ୍କ ସହିତ ଆମର ଆଶୀର୍ବାଦକୁ ପଠାଉଅଛୁ, ଯେ ଆମେ ଯିଏକି ଏହା ବିଶ୍ୱାସ କରୁଛୁ ଯେ ଆମେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛୁ ଏବଂ ବର୍ତ୍ତମାନ ଆମ ହୃଦୟରେ ସଂଜୀବିତ ଶକ୍ତିକୁ ଧରି ରଖିଛୁ, ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଆମେମାନେ ନିଜ ଭାଇ ଉପରେ ହାତକୁ ରଖି ତାଙ୍କୁ ଆଶୀର୍ବାଦ ଦେଇ ପଠାଉଅଛୁ, ଯେ ତୁମେ ତାଙ୍କୁ କଢ଼େଇ ନେବ ଏବଂ ତାଙ୍କୁ ମାର୍ଗଦର୍ଶନ କରିବ ଓ ପୃଥିବୀର ସେହି ପ୍ରତ୍ୟେକ ସ୍ଥାନକୁ ନିର୍ଦ୍ଦେଶିତ କରିବ, ହେ ପ୍ରଭୁ, ଯେଉଁ ସ୍ଥାନକୁ ଯିବା ପାଇଁ ତୁମେ ତାଙ୍କୁ ନିଯୁକ୍ତ କରିଅଛ । ତୁମର ଆତ୍ମା ତାଙ୍କ ସହିତ ଯାଉ ଏବଂ ତାଙ୍କୁ ସ୍ୱାସ୍ଥ୍ୟ, ଶକ୍ତି ପ୍ରଦାନ କରୁ, ଏବଂ ତାଙ୍କ ସେବାରେ ସଫଳତା ଦେଉ, କାରଣ ଆମେ ତାଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପଠାଉଅଛୁ । ଆମେନ୍ ।

45 ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହାହିଁ ହେଉଛି ସହଭାଗୀତାର ଦକ୍ଷିଣ ହସ୍ତ, ଆପଣ ଜାଣନ୍ତି, ଭାଇମାନେ ତାଙ୍କ ସହିତ ହାତ ମିଶାନ୍ତୁ, ସେହିପରି ଭାଇମାନେ । ତେଣୁ ତାହାହିଁ ଅଟେ ଯାହାକି ଆପଣ...ଠିକ ଅଛି, ପ୍ରଭୁ ଆପଣ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ।

46 [ଭାଇ କାରେଲ୍ କୁହନ୍ତି, “ମୋର—ମୋର ମଧ୍ୟ ଆନୁଷ୍ଠାନିକ ଭାବେ, କେବେ ହୋଇ ନ ଥିଲା । ଚାହେଁ ଯେ ଆପଣ ମୋ ଉପରେ ମଧ୍ୟ, ସେମାନଙ୍କ ଭଳି, ଯୀଶୁଙ୍କ ନାମରେ ହାତ ରଖନ୍ତୁ ।”—ସମ୍ପା ।] ଆପଣ, ଯାହା ଆପଣ ଇଚ୍ଛା କରନ୍ତି । ଏବଂ ଆପଣଙ୍କର...[“ହେବାର ସମୟ, ଏବଂ ସେମାନଙ୍କ ଭଳି ସମାନ ଭାବରେ ।”] ତେବେ ଆପଣଙ୍କର ନାମ କଅଣ? [“ଭାଇ କାରେଲ୍, ସିନ୍‌ସିନାଟିରୁ ।”] ଭାଇ କାରେଲ୍ ।

[ଭାଇ କାରେଲ୍ କୁହନ୍ତି, "ମୁଁ ଜଣେ ନିଯୁକ୍ତିପ୍ରାପ୍ତ ସେବକ ଥିଲି, ମାତ୍ର ମୁଁ ସେହି ଭାଇଙ୍କ ସହିତ ସହମତ ହୋଇପାରିଲି ନାହିଁ ଯିଏକି ସ୍ତ୍ରୀଲୋକମାନଙ୍କୁ ସେବକ ଭାବରେ ନିଯୁକ୍ତ କରୁଥିଲେ, ଏବଂ ମୋତେ ସେଥିରୁ ପୃଥକ ହେବାକୁ ପଡିଲା।"—ସମ୍ପା।]

ଏହା ହେଉଛନ୍ତି ସିନ୍‌ସିନାଟିରୁ ଭାଇ କାରେଲ୍। ଭାଇ କାରେଲ୍‌ଙ୍କୁ କେହି ଜାଣନ୍ତି କି, ନିଜର ଉଠାନ୍ତୁ…ସିନ୍‌ସିନାଟିରୁ ହୋଇଥିବାରୁ ମୁଁ ସନ୍ଦେହ କରେ, ଯେ କେହି ଜାଣିଥିବେ। ସେ କହୁଛନ୍ତି ଯେ ସେ ଏକ ଗୋଷ୍ଠୀ ସହିତ ଥିଲେ, ଏବଂ ସେହି ଗୋଷ୍ଠୀଟି ମହିଳା ସେବକମାନଙ୍କୁ ନିଯୁକ୍ତ କରିବାକୁ ଚାହୁଁଥିଲା। ସେ ଏହାକୁ ସହି ପାରିଲେ ନାହିଁ, ଏବଂ ତାଙ୍କୁ ସେମାନଙ୍କଠାରୁ ଅଲଗା ହେବାକୁ ପଡିଲା।

ଠିକ ସେହିପରି ଭାବରେ ହିଁ ତ ମୁଁ ମିଶନାରୀ ବାପ୍‌ଟିଷ୍ଟମାନଙ୍କଠାରୁ ଅଲଗା ହୋଇଥିଲି। ଡାକ୍ତର ରୟ ଇ. ଡେଭିସ୍, କେତେଜଣ ତାଙ୍କ ବିଷୟରେ ଶୁଣିଛନ୍ତି? ନିଶ୍ଚିତରେ, ଆପଣମାନେ ଶୁଣିଛନ୍ତି, ଦେଖନ୍ତୁ। ସେ କିଛି ମହିଳା ପ୍ରଚାରକମାନଙ୍କୁ ନିଯୁକ୍ତ କରିବାକୁ ଚାହୁଁଥିଲେ, ଏବଂ ମୁଁ କହିଲି, "ନା, ମହାଶୟ। ଜଣେ ପ୍ରାଚୀନ ଭାବରେ," ମୁଁ କହିଲି, "ମୁଁ ଜାଣିଶୁଣି, ତାହା କରିପାରେ ନାହିଁ। ଏହା ପରମେଶ୍ୱରଙ୍କ ବାକ୍ୟ ବିରୁଦ୍ଧରେ ଅଟେ।"

47 ଭାଇ କାରେଲ୍, ମୁଁ ଆପଣଙ୍କୁ ଜାଣେ ନାହିଁ। ମାତ୍ର ଆପଣଙ୍କ ସାକ୍ଷ୍ୟର ଆଧାରରେ, ଏବଂ ସେହି ସତ୍ୟର ଆଧାରରେ ଯାହା ସପକ୍ଷରେ ଆପଣ ଛିଡା ହୋଇଛନ୍ତି…ଆମର ସେହି ମହିଳାମାନଙ୍କ ବିରୁଦ୍ଧରେ କିଛି ନାହିଁ। ସେମାନେ ଭଉଣୀମାନେ ଅଟନ୍ତି। ଆମେ ସେମାନଙ୍କୁ ଭଲପାଉ। ମାତ୍ର ଆମେମାନେ ବିଶ୍ୱାସ କରୁ ଯେ ସେମାନଙ୍କର ସ୍ଥାନ ରହିଛି, ଏବଂ ସେମାନଙ୍କୁ ସେଠାରେ ରହିବା ଉଚିତ୍। ବୁଝିଲେ? ଏବଂ ଆମେମାନେ ବିଶ୍ୱାସ କରୁ ଯେ ସେମାନେ ଜଣେ ପୁରୁଷର ଜଣେ ସାହାଯ୍ୟକାରୀଣି ଭାବରେ, ପ୍ରିୟତମା ଅଟନ୍ତି। ଏବଂ କୌଣସି ମତେ…ଆମେମାନେ ଭାବୁ ଯେ ପରିତ୍ରାଣ ବାହାରେ, ସେମାନେ ହେଉଛନ୍ତି ସେହି ସର୍ବଶ୍ରେଷ୍ଠ ଉପହାର, ଯାହାକି ପରମେଶ୍ୱର କଦାଚ ଜଣେ ପୁରୁଷକୁ ଦେଇଛନ୍ତି। ମାତ୍ର ପରମେଶ୍ୱରଙ୍କ ବାକ୍ୟ ଅନୁଯାୟୀ, ତାଙ୍କର ପ୍ରଚାର ମଞ୍ଚରେ କୌଣସି ସ୍ଥାନ ନାହିଁ। ସେହି ଆଧାରରେ, ଏବଂ ପରମେଶ୍ୱରଙ୍କ ଉପରେ ଆପଣଙ୍କର ବିଶ୍ୱାସ ଆଧାରରେ, ଆମେମାନେ ଆପଣଙ୍କ ଉପରେ, ସହଭାଗୀତାର, ହସ୍ତ ରଖୁଅଛୁ, ଯେ ଆପଣ ଆସି ଆମ ସଙ୍ଗରେ ଯାଆନ୍ତୁ।

ଆସନ୍ତୁ ଆମେ ତାଙ୍କ ଉପରେ ନିଜର ହାତକୁ ରଖିବା।

48 ଆମମାନଙ୍କର ପ୍ରିୟ ସ୍ୱର୍ଗସ୍ଥ ପିତା! ଏହି ଯୁବା ଲୋକ, ମୁଁ ପ୍ରାୟଃ ତାହା ଭାବିପାରେ ଯେ ସେ କିପରି ଅନୁଭବ କରୁଥିବେ। ତାଙ୍କୁ ଏକ ପ୍ରକୃତ ସତ୍ୟ ହେତୁ ବାହାର କରି ଦିଆଯାଇଛି। ତାହା, "ମନୁଷ୍ୟ କେବଳ ରୁଟି ଦ୍ୱାରା ବଞ୍ଚିବ ନାହିଁ, ବରଂ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ।" ତେଣୁକରି ଆମେମାନେ ତାଙ୍କ ଉପରେ ଆଶୀର୍ବାଦ ରଖି, ତାଙ୍କ ଉପରେ ନିଜର ହାତକୁ ରଖୁଅଛୁ। ହେ ପ୍ରଭୁ, ଏହା ହେଉ ଯେ ତୁମର ଆତ୍ମା ତାଙ୍କୁ କଢ଼େଇ ନେଉ, ତାଙ୍କୁ ମାର୍ଗଦର୍ଶନ କରୁ, ଏବଂ ଜୀବନର ଯାତ୍ରାରେ ତୁମେ ତାଙ୍କୁ ଯେଉଁଠାକୁ ପଠାଇବାକୁ ଇଚ୍ଛା କର ସେହି ସ୍ଥାନକୁ

ନିର୍ଦ୍ଦେଶିତ କରୁ । ସେ ଏହା ଜାଣନ୍ତୁ ଯେ ଆମେ ତାଙ୍କ ପାଇଁ ପ୍ରାର୍ଥନା କରୁଅଛୁ, ଏବଂ ତାଙ୍କ ପାଇଁ ଏକ ସାହାଯ୍ୟସ୍ୱରୂପ ହେବୁ, ଯେତେ ଦିନ ପର୍ଯ୍ୟନ୍ତ ସେ ସତ୍ୟ ପାଇଁ ଛିଡା ହେବେ ତାଙ୍କୁ ସହଯୋଗ କରିବୁ । ହେ ପ୍ରଭୁ, ଏହା ପ୍ରଦାନ କର । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମେ ତାଙ୍କୁ ପଠାଉଅଛୁ । ଆମେନ୍ ।

ଭାଇ କାରେଲ୍, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

ଆପଣ କେବଳ ସେହି ଅନ୍ୟମାନଙ୍କ ଉପରେ, ସେହି ହାତକୁ ରଖନ୍ତୁ । ଆପଣମାନେ ସମସ୍ତେ ତାହା ପାଇଁ ଏକ ପ୍ରକାରେ ସହଭାଗୀତାର ଦକ୍ଷିଣ ହସ୍ତ ପ୍ରଦାନ କରନ୍ତୁ ।

49 ଭାଇ ରୁଡେଲ୍, ଏଠାରେ, ମଣ୍ଡଳୀରେ ଆନୁଷ୍ଠାନିକ ଭାବରେ କେବେବି ନିଯୁକ୍ତ ହୋଇନାହାଁନ୍ତି । ହୋଇପାରେ...କେତେ ଜଣ ଭାଇ ରୁଡେଲ୍‌ଙ୍କୁ ଜାଣନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ଆମେ ସମସ୍ତେ ତାଙ୍କୁ ଜାଣୁ । କେତେ ଜଣ ଜାଣନ୍ତି ଯେ ସେ ଜଣେ ପରମେଶ୍ୱରଙ୍କ ଲୋକ ଅଟନ୍ତି? ["ଆମେନ୍ ।"]

ପ୍ରିୟ ସ୍ୱର୍ଗସ୍ଥ ପିତା, ତୁମର ପ୍ରାଚୀନଗଣ ଭାବରେ ଏହି ଭାଇ ଉପରେ ହାତ ରଖୁଅଛୁ ଯିଏକି ଗଭୀର, କାଦୁଅ ଜଳ ଦେଇ ଗତି କରିଅଛନ୍ତି । ସେ ତାଙ୍କର ମଣ୍ଡଳୀକୁ ବିଖଣ୍ଡିତ ହୋଇଥିବାର ଦେଖିଛନ୍ତି । ସେ ସବୁକିଛି ବିଷୟ ଘଟୁଥିବାର ଦେଖିଛନ୍ତି, ମାତ୍ର ତଥାପି ବିଶ୍ୱାସ କରିଛନ୍ତି । ଯଦିଓ ସେ...?...ଆମେମାନେ ତାଙ୍କ ଉପରେ ନିଜର ହାତକୁ ରଖୁଅଛୁ, ଏବଂ ତାଙ୍କୁ ଆମର ଆଶୀର୍ବାଦକୁ ଦେଉଅଛୁ । ପ୍ରଭୁ, ବାକ୍ୟ ଦ୍ୱାରା, ଶକ୍ତିଶାଳୀ ଭାବରେ ତାଙ୍କୁ ଅଭିଷେକ କର, ହେ ପ୍ରଭୁ, ଏବଂ ତାଙ୍କୁ ପୃଥିବୀର ପ୍ରତ୍ୟେକ କୋଣକୁ ପଠାଅ!...?...ତାଙ୍କ ଉପରେ ରହୁ ଏବଂ ତାଙ୍କୁ ସାହାଯ୍ୟ କର । ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କୁ ପଠାଅ । ଆମେନ୍ ।

50 ଭାଇ ରୁଡେଲ୍, ଆପଣଙ୍କ ସହିତ ସବୁବେଳେ ସହଭାଗିତାର ଏକ ଦକ୍ଷିଣ ହସ୍ତ ରହିଛି । ମୁଁ ଭାଇ ରୁଡେଲ୍‌ଙ୍କୁ ଜାଣେ । ଏପରି ଲାଗୁଛି ଯେପରି—ଯେପରି ମୋର ନିଜର ପୁଅ ଅଟନ୍ତି । ତାଙ୍କ ବାପା ଏବଂ ମୁଁ, ମାଆ, ପରସ୍ପରକୁ ଅନେକ ଦିନରୁ ଜାଣିଛୁ । ଏବଂ ମୁଁ ଭାଇ ରୁଡେଲ୍‌ଙ୍କୁ ପରମେଶ୍ୱରଙ୍କ ଜଣେ ସେବକ ଭାବରେ ଜାଣେ । ମୁଁ ତାଙ୍କ ସହିତ ସେବା କରିଛି । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ରୁଡେଲ୍ ।

51 ତାଙ୍କର ନାମ କଅଣ? ଭାଇ, ଆପଣ କିଏ? [କେହି ଜଣେ କୁହନ୍ତି, "ଭାଇ ମାର୍ଟିନ୍‌ଙ୍କ ଭଉ-ଣୀ-ଜ୍ୱାଇଁ ।"—ସମ୍ପା ।] ଭାଇ ମାର୍ଟିନ୍, ଆପଣ ତାଙ୍କୁ ଜାଣିଛନ୍ତି, ଭାଇ ମାର୍ଟିନ୍?

ଆପଣଙ୍କର ନାମ କଅଣ? [ଭାଇ କୁହନ୍ତି, "ରେଭ. ମ୍ୟାକକୋମାସ୍ ।"—ସମ୍ପା ।] ଭାଇ ମ୍ୟାକକୋମାସ୍ । ମୁଁ ଅନୁମାନ କରୁଛି ଯେ ଏଠାରେ କେହି ହେଲେ ତାଙ୍କୁ ଜାଣନ୍ତି ନାହିଁ, ମାତ୍ର ସେ ଜଣେ...ହଁ, ଏଠାରେ ଥିବା ଏହି ବ୍ୟକ୍ତି ତାଙ୍କୁ ଜାଣନ୍ତି, ଭାଇ ଟାଇଲର । ଏବଂ ସେ ହେବାକୁ ଆସନ୍ତି...ତାଙ୍କ ଉପରେ ହାତ ରଖାଯାଉ, ଯେପରିକି ସେ ଜଣେ ସୁସମାଚାରର ବାହକ ହେବେ । ଭାଇ ମ୍ୟାକକୋମାସ୍, ଆପଣ କେଉଁଠାରୁ ଆସିଛନ୍ତି, ଭାଇ ମ୍ୟାକକୋମାସ୍? ["ରକଫୋର୍ଡ, ଇଲିନୋଇସ୍ ।"] ରକଫୋର୍ଡ, ଇଲିନୋଇସ୍ । ["ଆପଣଙ୍କର ସମ୍ପର୍କ ଫୋନ

ଯୋଗେ ମୋ ଘର ସହିତ ହୋଇଥିଲା, ଗତ ସପ୍ତାହରେ, କିମ୍ବା ଗତ ସୋମବାର ରାତିରେ, ଏବଂ ମୋ ପତ୍ନୀ ପାଇଁ ପ୍ରାର୍ଥନା କରିଥିଲେ।"] ଓଃ, କଅଣ ତାହା ଠିକ୍ କି? ଟ୍ୟୁସାନ୍‌ଠାରୁ। ["ଟ୍ୟୁସାନ୍, ଆରିଜୋନା।"] ଓଃ, ମୋର ବର୍ତ୍ତମାନ ସେହି ଫୋନ ଡାକରା ମନେ ପଡିଲା। ["ପରଦିନ ସକାଳେ ମୋ ପତ୍ନୀ ଉଠିଥିଲେ।"] ପ୍ରଭୁଙ୍କର ପ୍ରଶଂସା ହେଉ!

[ଭାଇ ମାର୍ଟିନ୍ ଭାଇ ବ୍ରାନହାମଙ୍କୁ କିଛି କୁହନ୍ତି—ସମ୍ପା।] କଅଣ କହିଲେ? ["ମୋର ସାନ ଭଉଣୀ।"] ଆପଣଙ୍କର ଭଉଣୀ। ["ସେ ବର୍ତ୍ତମାନ ଏଠାରେ ଅଛନ୍ତି। ପକ୍ଷାଘାତରେ ଗ୍ରସିତ ଅଟନ୍ତି।"] ତେଣୁ, ସେ ବର୍ତ୍ତମାନ ଏଠାରେ ଅଛନ୍ତି, ଅନ୍ୟ ରାତିରେ, ଟ୍ୟୁସାନ୍‌ଠାରୁ, ଟେଲିଫୋନ୍ ଯୋଗେ, ତାଙ୍କ ପାଇଁ ପ୍ରାର୍ଥନା କରାଯାଇଥିଲା। ["ପକ୍ଷାଘାତରେ ଆକ୍ରାନ୍ତ।"] ପକ୍ଷା-...["ସେ ପକ୍ଷାଘାତରେ ପୀଡିତ, ଏବଂ ସେ ବର୍ତ୍ତମାନ ଏଠାରେ ଅଛନ୍ତି।"] କିଛି ରାତି ପୂର୍ବରୁ, ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ, ଏବଂ ସେ ବର୍ତ୍ତମାନ ଏଠାରେ ଅଛନ୍ତି। ଭାଇ ମାର୍ଟିନ୍ ଏହା ଜାଣନ୍ତି, ବନ୍ଧୁ। ଆଶ୍ଚର୍ଯ୍ୟର ବିଷୟ ନୁହେଁ ସେ ଏହି ବାର୍ତ୍ତାକୁ ନେଇଯିବାକୁ ଚାହାଁନ୍ତି!

ଆସନ୍ତୁ ଆମେମାନେ ଆମ ଭାଇ ଉପରେ ହାତ ରଖିବା।

52 ପ୍ରିୟ ପରମେଶ୍ୱର, ମୁଁ ଏହି ଅନ୍ୟମାନଙ୍କ ସହିତ, ତୁମର ସେବକ ଉପରେ, ହାତ ରଖୁଛି, ଏବଂ ତାଙ୍କୁ ସହଭାଗୀତାର ଦକ୍ଷିଣ ହସ୍ତ ପ୍ରଦାନ କରୁଛି, ଏହା ପ୍ରାର୍ଥନା କରୁଛି ଯେ ପରମେଶ୍ୱରଙ୍କ ଆଶୀର୍ବାଦ ରହିବ...?...ଯାହା ପାଇଁ ତୁମେ ତାଙ୍କୁ ନିଯୁକ୍ତ କରିଅଛ। ତୁମର ଆଶୀର୍ବାଦ ତାଙ୍କ ଉପରେ ହେଉ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କୁ ମାର୍ଗଦର୍ଶନ କର ଏବଂ ନିର୍ଦ୍ଦେଶ ଦିଅ। ଆମେନ୍।

ସହଭାଗୀତାର ଦକ୍ଷିଣ ହସ୍ତ, ମୋର ଭାଇ, ଏବଂ ଯେଉଁମାନେ ବି ଆପଣଙ୍କ ସହିତରେ ଅଛନ୍ତି। ପରମେଶ୍ୱର ଆପଣଙ୍କ ସହିତରେ ରୁହନ୍ତୁ।

53 [କେହି ଜଣେ କୁହନ୍ତି, "ଭାଇ ବ୍ରାନହାମ୍?"—ସମ୍ପା।] ହଁ, ଭାଇ? ["ମୋ ପାଖରେ ଆଉ ଜଣେ ଅଛନ୍ତି ଯିଏକି ମଧ୍ୟ ତାହା ଚାହାଁନ୍ତି।"] ଠିକ୍ ଅଛି, ମହାଶୟ। ମୁଁ ବିଶ୍ୱାସ କରେ ଯେ ଏହା ହେଉଛି...["ଭାଇ ଡେରିସ୍।"] ଭାଇ ଡେରିସ୍। ମୁଁ ନୁହେଁ...["ମୁଁ ଭାଇ ଅର୍ଲ ଏବଂ ଭାଇ ବ୍ରିୟୁରଙ୍କୁ ଜାଣେ।"] ଏହି ବ୍ୟକ୍ତି ହେଉଛନ୍ତି ଭାଇ ଡେରିସ୍। ଭାଇ, ଆପଣ କେଉଁଠାରୁ ଆସିଛନ୍ତି? ["ବ୍ଲାକ୍ ରକ୍, ଆରକାନ୍‌ସାସ୍‌ରୁ।"] ବ୍ଲାକ୍ ରକ୍, ଆରକାନ୍‌ସାସ୍। ଭାଇ...["ଭାଇ, ମୁଁ ତାଙ୍କୁ ଜାଣେ।"]...ତାଙ୍କୁ ଜାଣିଛି। ମୁଁ ଭାବୁଛି ଯେ, ଏଠାରେ, ଆଉ କେହି ଜଣେ, କହିଲେ...ଭାଇ ବ୍ରିୟୁର। ମୁଁ ଭାବୁଛି ଯେ ଆଜି ସକାଳେ, ମୁଁ ସେମାନଙ୍କୁ ଭେଟିଥିଲି। ଏବଂ—ଏବଂ ଭଉଣୀ ଭେଲ, ମୁଁ ଅନୁମାନ କରେ, ଭାଇ ଭେଲ, ଏବଂ ଯେଉଁମାନେ ତାଙ୍କୁ ଜାଣନ୍ତି, ଏବଂ ତାଙ୍କୁ ପରମେଶ୍ୱରଙ୍କ ଜଣେ ବ୍ୟକ୍ତି, ପରମେଶ୍ୱରଙ୍କ ଜଣେ ସେବକ ବୋଲି ଜାଣେ। ଅଦ୍ଭୁତ!

54 ତେବେ, ବର୍ତ୍ତମାନ, ମୋର ପ୍ରିୟ ଭାଇ, ବାର୍ତ୍ତାର ଏକ ବାହକ ହେବା ହେତୁ, ଆମେମାନେ ଚାହୁଁଛୁ ଯେ ଆପଣ ଜାଣନ୍ତୁ ଯେ ଆମେ ଆପଣଙ୍କ ପଛରେ ଛିଡା ହେବୁ, ଆମେ ଯାହାସବୁ

କରିପାରୁ ତାହା କରିବୁ । ଆମେ ଆପଣଙ୍କ ପାଇଁ ପ୍ରାର୍ଥନା କରିବୁ, ଯେ ଆପଣ ମଧ୍ୟ ଏହି ବାର୍ତ୍ତାକୁ ପ୍ରାନ୍ତ ପର୍ଯ୍ୟନ୍ତ ବହନ କରିବେ ଯେଉଁଠାକୁ ବି ପରମେଶ୍ୱର ଆପଣଙ୍କୁ ଯିବା ପାଇଁ ନିଯୁକ୍ତ କରିଛନ୍ତି ।

ଆସନ୍ତୁ ଆମେମାନେ ଆମ ଭାଇ ଡେରିସ୍ ଉପରେ ହାତ ରଖିବା ।

ପ୍ରିୟ ପରମେଶ୍ୱର, ଆମେ ଆମର ଭାଇ ଉପରେ ହାତ ରଖୁଅଛୁ, ତାଙ୍କୁ ସହଭାଗୀତାର ଦକ୍ଷିଣ ହସ୍ତ ପ୍ରଦାନ କରୁଛୁ, ଏବଂ ଯୀଶୁ ଯୀଶୁଙ୍କ ନାମରେ ତାଙ୍କୁ ପଠାଉଅଛୁ, ଯେ ତୁମେ ତାଙ୍କୁ ଅଭିଷେକ କରିବ । ଏବଂ…?…ତାଙ୍କୁ ସହଭାଗୀତାର ଦକ୍ଷିଣ ହସ୍ତ ପ୍ରଦାନ କରିବା!…?… ଏବଂ ତୁମର ଆତ୍ମା ତାଙ୍କ ସହିତ ଯାଉ, ଏବଂ ତାଙ୍କୁ ମାର୍ଗଦର୍ଶନ କରୁ ଏବଂ ନିର୍ଦ୍ଦେଶ କରୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଆମେନ୍ ।

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ।

55 ତେବେ, ମୁଁ ବିଶ୍ୱାସ କରେ, ଭାଇ ଆଣ୍ଟୋନୀ । ଆପଣମାନଙ୍କ ମଧ୍ୟରୁ ଅନେକେ ଭାଇ ଆଣ୍ଟୋନୀଙ୍କୁ ଜାଣନ୍ତି । ସେ ବହୁତ ଦିନ ଧରି ଆମ ସହିତରେ ଏଠାରେ ଅଛନ୍ତି । ମୁଁ ନିଜେ, ତାଙ୍କୁ ଖ୍ରୀଷ୍ଟଙ୍କର ଜଣେ ସେବକ ବୋଲି ଜାଣେ । ମୁଁ ବିଶ୍ୱାସ କରେ ଯେ ସେ ଜଣେ ଉତ୍ସର୍ଗୀକୃତ ଯୁବା ବ୍ୟକ୍ତି ଅଟନ୍ତି । ତାଙ୍କର ମଧ୍ୟ ଆନୁଷ୍ଠାନିକ ଭାବରେ କେବେବି ତାଙ୍କ ଉପରେ ହାତ ରଖାଯାଇ ନାହିଁ । ବନ୍ଧୁଗଣ, ସେ ଜାଣି ନ ଥିଲେ ଯେ ଏହା ହେବାକୁ ଯାଉଅଛି । ବୁଝିଲେ? ମାତ୍ର ଠିକ ବର୍ତ୍ତମାନ ତାହା ଯେକୌଣସି ବିଷୟ ପରି ସେତିକି ଉତ୍ତମ ଅଟେ । ତେଣୁକରି ଆମେ ଭାଇ ଆଣ୍ଟୋନିଙ୍କ ଉପରେ ହାତ ରଖିବାକୁ ଯାଉଅଛୁ ଏବଂ ତାଙ୍କୁ ସହଭାଗିତାର ଦକ୍ଷିଣ ହସ୍ତ ଠିକ ଦେବାକୁ ଯାଉଅଛୁ । ପରମେଶ୍ୱରଙ୍କୁ ଏହି ନିଯୁକ୍ତି କରିବାକୁ ଅଛି । ଏହା ତ କେବଳ ତାଙ୍କୁ ଜଣାଇବା ପାଇଁ ଅଟେ, ଏବଂ ଆପଣମାନେ ଜାଣନ୍ତୁ, ଯେ ଆମେ ଏହି ଭାଇକୁ ବିଶ୍ୱାସ କରୁ ଏବଂ ଆମେ ତାଙ୍କୁ ପ୍ରେମ କରୁ, ଏବଂ ଏହି ବାର୍ତ୍ତାରେ, ସେ ଆମମାନଙ୍କ ମଧ୍ୟରୁ ଜଣେ ଅଟନ୍ତି । ଏବଂ ଆମେମାନେ ଚାହୁଁଛୁ ଯେ ସେ ପରମେଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ କରନ୍ତୁ, ଏବଂ ତାହା ହିଁ ଅଟେ ଯାହାକି ଆମେ ତାଙ୍କ ଉପରେ ମାଗୁଅଛୁ । ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା, ଯେତେବେଳେ ଆମେମାନେ ଭାଇଙ୍କ ଉପରେ, ହାତ ରଖୁଅଛୁ ।

56 ପ୍ରିୟ ପରମେଶ୍ୱର, ତୁମର ଏହି ନମ୍ର ଛୋଟ, ଇଟାଲୀୟ ସେବକ, ପ୍ରଭୁ, ଆଜି ରାତିରେ ଆସିଛନ୍ତି, ଯେପରିକି ତାଙ୍କ—ତାଙ୍କ ଉପରେ ହାତ ରଖାଯାଏ, ଏବଂ ସହଭାଗୀତାର ଦକ୍ଷିଣ ହସ୍ତ ଆନୁଷ୍ଠାନିକ ଭାବରେ, ମଣ୍ଡଳୀରୁ ତାଙ୍କ ନିକଟକୁ ବଢାଯାଏ । ପ୍ରଭୁ, ତୁମର ମହାନ ଶକ୍ତି ଏହି ଯୁବା ବାଳକକୁ ପୃଥିବୀର ପ୍ରାନ୍ତ ଏବଂ କୋଣ ପର୍ଯ୍ୟନ୍ତ ପଠାଉ ଯାହା ପାଇଁ ତୁମେ ତାଙ୍କୁ ଆହ୍ୱାନ କରିଅଛ । ଏବଂ ଏହା ହେଉ ଯେ ସେ ଯାଆନ୍ତୁ ଓ ସେହି ଲୋକମାନଙ୍କୁ ପାପ ଏବଂ ରୋଗରୁ ଉଦ୍ଧାର କରନ୍ତୁ, ଏବଂ ପ୍ରଭୁ, ତାଙ୍କ ଜୀବନସାରା ତୁମର ସେବା କରନ୍ତୁ । ତୁମେ ତାଙ୍କୁ କଢେଇ ନିଅ, ତାଙ୍କୁ ମାର୍ଗଦର୍ଶନ କର । ଯେତେବେଳେ ଆମେ ତାଙ୍କୁ ପଠାଉଛୁ, ଆମ ଆଶୀର୍ବାଦ ତାଙ୍କ ସହିତରେ ରହୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ । ଆମେନ୍ ।

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

57 [କେହି ଜଣେ ଭାଇ ବ୍ରାନହାମ୍ ସହିତ କଥା ହୁଅନ୍ତି—ସମ୍ପା ।] ହୁଃ? ଓଃ, ମୁଁ ଜାଣେ ନାହିଁ । ଆମେମାନେ ଏକ ଟେଲିଫୋନ୍ ସଂଯୋଗରେ ଅଛୁ; ଏକ ମିନିଟରେ ପଚାଶ ସେଣ୍ଟ୍ ଦରରେ । କଅଣ ଏଠାରେ ଆଉ କେହି ଅଛନ୍ତି କି ଯିଏକି ଚାହୁଁଥିଲେ…

ଏଠାରେ ଉପରକୁ ଆସନ୍ତୁ ଏବଂ ନିଜର ନାମକୁ କୁହନ୍ତୁ, ଆପଣ ଯେକେହି ବି ଅଟନ୍ତି, ଭାଇମାନେ, ଠିକ୍ *ଏଠା*ରେ ଏହି ମାଇକ୍ରୋଫୋନରେ କୁହନ୍ତୁ । ସେମାନଙ୍କୁ କେବଳ କୁହନ୍ତୁ । [ପ୍ରତ୍ୟେକ ଭାଇ ନିଜର ନାମ କୁହନ୍ତି, "ପ୍ୟାଟ୍ ଟାଇଲର୍," "କ୍ଲାଉଡ୍ ବଗ୍ଗେସ୍," "ଡେଲ ପୋଟର୍," "…?…ହେନାସେ," "ଜେମ୍ସ ହ୍ୟୁମ୍ସ," "ଅର୍ଲ ହର୍ନର୍ ।"—ସମ୍ପା ।] କଅଣ ତାହା ସେତିକି ଅଟନ୍ତି କି? [କେହି ଜଣେ କୁହନ୍ତି, "ହଁ ।"] ମୋର ଭାଇମାନେ ।

ଏହି ଲୋକମାନେ, କଅଣ ଆପଣମାନେ ଏହି ବାର୍ତ୍ତାକୁ ପରମେଶ୍ୱରଙ୍କ ବାକ୍ୟଠାରୁ ଆଗତ ସତ୍ୟ ବୋଲି ବିଶ୍ୱାସ କରନ୍ତି କି? [ଭାଇମାନେ କୁହନ୍ତି, "ଆମେନ୍ ।"—ସମ୍ପା ।] କଅଣ ଆପଣ ଏହାକୁ ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତି କି? ["ଆମେନ୍ ।"] ଠିକ୍ ଅଛି । ଏବଂ ଆପଣମାନେ ଇଚ୍ଛୁକ ଅଟନ୍ତି, ଏବଂ ଭାବନ୍ତି ଯଦି ଆମେ ଆପଣମାନଙ୍କ ଉପରେ ହାତ ରଖିବୁ…ଆମେମାନେ ଚାହୁଁଛୁ ଯେ ଆପଣ ଏହା ଜାଣନ୍ତୁ ଯେ ଆମେ ଆପଣମାନଙ୍କ ସହିତରେ ଅଛୁ, ଏବଂ ଆମେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଯଥା ସମ୍ଭବ ଯାହା କିଛି କରିପାରିବୁ ତାହା କରିବୁ ।

ଏବଂ ବର୍ତ୍ତମାନ ମୁଁ ଚାହୁଁଛି ଯେ ଆପଣ ଭାଇମାନେ, ଯେପରିକି ମୁଁ ମଧ୍ୟ ସେମାନଙ୍କ ଉପରେ ହାତ ରଖିପାରେ, ଯେ ଆପଣ ଠିକ ବର୍ତ୍ତମାନ ଏଠାରେ ଉପରକୁ ଆସନ୍ତୁ । ଏବଂ ଆସନ୍ତୁ ଆମେମାନେ ସମସ୍ତେ ନିଜର ମସ୍ତକଗୁଡିକୁ ନତ କରିବା, ଯେତେବେଳେ ଆମେ ସେମାନଙ୍କ ଉପରେ ହାତ ରଖୁଅଛୁ ।

ପ୍ରିୟ ପରମେଶ୍ୱର, ଏଠାରେ ପୁରୁଷମାନଙ୍କର ଏକ ସମଷ୍ଟି ଅଛି । ମୁଁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଉପରେ, ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ହାତ ରଖୁଛି । ଏବଂ ହେ ସଦାପ୍ରଭୁ, ଏହା ହେଉ ଯେ ତୁମେ, ଯିଏକି ସେମାନଙ୍କୁ ସେବକ ହେବା ପାଇଁ ଆହ୍ୱାନ କରିଅଛ, ଯେପରିକି ସେମାନେ ତାଙ୍କର ଜୀବନସାରା, ଏହାକୁ ପ୍ରଚାର କରିପାରନ୍ତି, ଏବଂ…?…ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କରିପାରନ୍ତି । ଆମେମାନେ ସେମାନଙ୍କୁ ସହଭାଗୀତାର ଦକ୍ଷିଣ ହସ୍ତ ପ୍ରଦାନ କରୁଅଛୁ, ଏବଂ ପ୍ରାର୍ଥନା କରୁଛୁ ଯେ ତୁମର ଆଶୀର୍ବାଦ ସେମାନଙ୍କ ସହିତ ରହୁ, ହେ ପ୍ରଭୁ, ଯେତେବେଳେ ଆମେ ସେମାନଙ୍କୁ ଆଶୀର୍ବାଦ କରୁଅଛୁ, ଆମର ଆଶୀର୍ବାଦକୁ ପଠାଉଅଛୁ । ଏହା ହେଉ ଯେ ତାହା ପୃଥିବୀର ପ୍ରତ୍ୟେକ କୋଣକୁ ଯାଉ ଯାହା ପାଇଁ ତୁମେ ସେମାନଙ୍କୁ ଆହ୍ୱାନ କରିଅଛ । ଏହା ହେଉ ଯେ ସେମାନେ ସେହି ସାମର୍ଥ୍ୟରେ କାର୍ଯ୍ୟ କରନ୍ତୁ ଏବଂ ତୁମର ସେବା କରନ୍ତୁ ଯାହା ପାଇଁ ତୁମେ ସେମାନଙ୍କୁ ଆହ୍ୱାନ କରିଅଛ । ଏହା ହେଉ ଯେ ସେମାନେ ପରମେଶ୍ୱରଙ୍କ ସାହସିକ ଏବଂ ପ୍ରକୃତ ସେବକ ହୁଅନ୍ତୁ ।

ଏହାକୁ ପ୍ରଦାନ କର, ହେ ପ୍ରଭୁ । ଏବଂ ଆମେ ଏହାକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ ।

58 ଭାଇମାନେ, ପରମେଶ୍ୱର ଆପଣ, ପ୍ରତ୍ୟେକଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଭଗବାନ ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ହ୍ୟୁମ୍ସ । ପ୍ରଭୁ ଆପଣ, ପ୍ରତ୍ୟେକ ଜଣଙ୍କ ସହିତରେ ରୁହନ୍ତୁ ।

ସେହି ବନ୍ଧନଟି ଧନ୍ୟ ଯାହାକି ବାନ୍ଧିଥାଏ
ଖ୍ରୀଷ୍ଟିଆନ ପ୍ରେମରେ ଆମର ହୃଦୟଗୁଡିକୁ;
ସମ୍ପର୍କୀୟ ମନର ସହଭାଗିତା
ତାହା ଉପରିସ୍ଥ ପରି ଅଟେ ।

59 କଅଣ ସେ ଅଦ୍ଭୁତ ନୁହଁନ୍ତି କି? ବର୍ତ୍ତମାନ କେବଳ ଚିନ୍ତା କରନ୍ତୁ, ଆଜି ରାତିରେ ଏଠାରେ ସେମାନଙ୍କ ଉପରେ ହାତ ରଖିବା ପାଇଁ କେତେ ଜଣ ସେବକମାନେ ଅଛନ୍ତି!

60 ମୁଁ ଜାଣି ନ ଥିଲି ଯେ ଆମେମାନେ ଏହି ଟେଲିଫୋନ୍ ସଂଯୋଗରେ ରହିଛୁ । ଯଦି ସେଠାରେ ଥିବା ଲୋକମାନେ ମୋତେ ତାହା ପାଇଁ କ୍ଷମା କରିବେ; ମୁଁ ଏହା ଜାଣି ନ ଥିଲି । ବୁଝିଲେ? ମୁଁ ଏହା ଜାଣି ହିଁ ନ ଥିଲି ସେମାନେ ଆଜି ରାତିରେ ଏହି ଛୋଟ ବାର୍ତ୍ତାଟିକୁ ଟେଲିଫୋନ୍‌ରେ ସଂଯୋଗ କରିବାକୁ ଯାଉଛନ୍ତି । ମାତ୍ର ଆମେମାନେ…

61 ବର୍ତ୍ତମାନ ଆମେମାନେ ବାକ୍ୟ ପାଠ କରି ପ୍ରାର୍ଥନା କରିବା, ଏବଂ ସୀଧାସଳଖ ଏହି ବାର୍ତ୍ତାକୁ ଯିବା ଯାହାକି ମୁଁ ଅନୁଭବ କରେ ଯେ ଆଜି ରାତି ପବିତ୍ରଆତ୍ମା ଚାହାଁନ୍ତି ଯେ ମୁଁ ଆପଣଙ୍କ ନିକଟକୁ ନେଇ କରି ଆସେ ।

62 ଏବଂ ବର୍ତ୍ତମାନ ଯେତେବେଳେକି ଆମେମାନେ ପାଠ୍ୟ ପାଇଁ…ପଛକୁ ଓଲଟାଉଛୁ, ମୁଁ ଏହାକୁ ଅଳ୍ପ କିଛି କ୍ଷଣ ମଧ୍ୟରେ ଘୋଷଣା କରିବି । ଆସନ୍ତୁ ଏକ ପାଠ୍ୟ ପାଇଁ, ଆମେମାନେ ଗଣନାପୁସ୍ତକ, ତାର 22ତମ ପର୍ବ, 31 ପଦକୁ ଯିବା । ଏକ ପାଠ୍ୟ ପାଇଁ, ଗଣନାପୁସ୍ତକ 22:31 । ଯେତେବେଳେ ଆପଣମାନେ ଓଲଟାଉ ଅଛନ୍ତି, ଯଦି ଆପଣ ପାଠ କରିବାକୁ ଚାହିଁବେ, ଏହାକୁ ପାଠ କରିବାକୁ କିମ୍ବା ଏହାକୁ ଚିହ୍ନିତ କରିବାକୁ ଚାହିଁବେ ।

63 ମୁଁ ଚାହେଁ ଯେ ଆପଣମାନେ ସମସ୍ତେ ମୋତେ ବର୍ତ୍ତମାନ ସ୍ମରଣ କରନ୍ତୁ, ଯେପର୍ଯ୍ୟନ୍ତକି ମୁଁ ଆପଣମାନଙ୍କୁ ଆଉ ପୁଣିଥରେ ନ ଦେଖେ, ମୁଁ ଆଶା କରେ, ଯଦି ପ୍ରଭୁ ଇଚ୍ଛା କରନ୍ତି, ଏହି ଗ୍ରୀଷ୍ମ କାଳରେ କୌଣସି ସମୟରେ । ଏବଂ ଯଦି କିଛି ଗୋଟାଏ ଘଟେ, ମୁଁ ବିଦେଶ ଗସ୍ତକୁ ନ ଯିବାକୁ ପାଏ, ତାହାହେଲେ ମୁଁ ଫେରି ଆସିବି । ମାତ୍ର ବର୍ତ୍ତମାନ ଆମେମାନେ ଏହା ବିଶ୍ୱାସ କରୁଛୁ ଯେ, ଏହି ସବୁ ବିଷୟ କିପରି କାର୍ଯ୍ୟକାରୀ କରିଛି, ଯେ ପବିତ୍ରଆତ୍ମା ବର୍ତ୍ତମାନ ଆମକୁ ଏପରି ଏକ ସ୍ଥାନକୁ ପଠାଇବାକୁ ଯାଉଛନ୍ତି ଯେଉଁଠାକୁ ପଠାଇବା ନିମନ୍ତେ ସେ ଆମକୁ ନିଜେ ବାଛିଅଛନ୍ତି । ଏବଂ ଆମେମାନେ ତାହା ସେହିପରି ଭାବରେ ହିଁ କରିବାକୁ ଚାହୁଁଛୁ । ପ୍ରଭୁ ଆଶୀର୍ବାଦ କରନ୍ତୁ!

64 ପିତା, ଆମେମାନେ ତୁମର ବାକ୍ୟ ପାଠ କରିବାକୁ ଯାଉଛୁ । ଆପଣ ଏହାକୁ ଆଶୀର୍ବାଦ କରିବେ ଏବଂ ଏହାକୁ ଆମର ବୁଝିବା ହେତୁ ଅଭିଷେକ କରିବେ, ଆମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ । ଆମେନ୍ ।

65 ଗଣନାପୁସ୍ତକ, ତାର 22ତମ ପର୍ବ ଏବଂ 31ତମ ପଦ ।

> *ଏଥିରେ **ସଦାପ୍ରଭୁ** ବିଲିୟମର ଚକ୍ଷୁ ପ୍ରସନ୍ନ କରନ୍ତେ, ସେ **ସଦାପ୍ରଭୁ**ଙ୍କ ଦୂତଙ୍କୁ ପଥ ମଧ୍ୟରେ, ନିଷ୍କୋଷ ଖଡ୍ଗ ହସ୍ତରେ ଧରି ଠିଆ ହୋଇଥିବାର ଦେଖିଲା: ତହିଁରେ ସେ ମସ୍ତକ ନୁଆଁଇ, ମୁହଁ ମାଡ଼ି ପଡ଼ିଲା ।*

66 ତେବେ, ଏହାକୁ ପାଠ କରିବାରେ, ଏହାର ଆଖପାଖରେ ଏକ ପ୍ରସଙ୍ଗ ଗଠନ କରିବା ପାଇଁ, ମୁଁ ଏହି ବିଷୟ ନେବାକୁ ଚାହୁଁଛି: *କଅଣ ପରମେଶ୍ୱର କେବେ ତାହାଙ୍କର ବାକ୍ୟ ପ୍ରତି ଆପଣା ବିଚାର ବଦଳାନ୍ତି କି?*

67 ତାହା ବାସ୍ତବରେ ଏକ ପାଠ ଅଟେ, ଏବଂ ଏହା ଏକ ମହାନ ସତ୍ୟ ଯାହାକୁ ଆମେ ବୁଝିବା ଉଚିତ୍ । କଅଣ ପରମେଶ୍ୱର କିଛି କହି ତତ୍ପରେ ଏହା କହିପାରନ୍ତି କି, "ମୁଁ ଦୁଃଖିତ ଯେ ମୁଁ ଏହା କହିଲି"? କଅଣ ପରମେଶ୍ୱର ଗୋଟିଏ ବିଷୟ କହିବା ପରେ, ଏହାକୁ ଫେରାଇ ନେଇପାରନ୍ତି କି?

68 ତେବେ, ଏଠାରେ ଏହି ବିବୃତ୍ତିରେ, ମୁଁ ଏହି ବିବୃତ୍ତିକୁ ବାଛିବାର କାରଣ ହେଲା, ଯେହେତୁ ଏହା ବାଇବଲର ବକ୍ତବ୍ୟଗୁଡିକ ମଧ୍ୟରୁ ଅନ୍ୟତମ ଅଟେ ଯେଉଁଥିରେକି ଜଣେ ପାଠକ, ଏହା ଦେଖିବାକୁ ଚେଷ୍ଟା କରୁଥାଏ, କିମ୍ବା କହିବାକୁ ଚେଷ୍ଟା କରୁଥାଏ ଯେ ପରମେଶ୍ୱର ତାହାଙ୍କର ବିଚାରକୁ ବଦଳାନ୍ତି; ଏହା ଅଧିକନ୍ତୁ ସେହିପରି କିଛି ହେବ ଯେପରିକି ମୋର ଜାଣିବାରେ ବାଇବଲର ଯେକୌଣସି ସ୍ଥାନ ଅପେକ୍ଷା, ସେ ନିଜର ବିଚାରକୁ ବଦଳାଇ ଥିଲେ, କାରଣ ସେ ବିଲିୟାମ୍‌କୁ ଗୋଟିଏ କଥା କହିଥିଲେ ଏବଂ ପରେ ତାକୁ ଅନ୍ୟ ଏକ ବିଷୟ କହିଲେ । ଏବଂ ବର୍ତ୍ତମାନ, ଅନେକ ଲୋକ ବିଲିୟମ୍‌କୁ କେବଳ ଏକ, ଓଃ, ଜଣେ ମନ୍ତ୍ରଜ୍ଞ କିମ୍ବା ସେହିପରି କିଛି କରିବାକୁ ଚେଷ୍ଟା କରିଥାଆନ୍ତି । ମାତ୍ର ବିଲିୟୟାମ୍ ଜଣେ ମନ୍ତ୍ରଜ୍ଞ ନ ଥିଲେ । ସେ ପ୍ରଭୁଙ୍କର ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ ।

69 ତେବେ, ଆମେମାନେ ପ୍ରଥମେ, ସେହି ବାର୍ତ୍ତାର ଏକ ପ୍ରକାରେ ବାହ୍ୟ ରୂପରେଖା ପାଇବା । ଇସ୍ରାଏଲ ପାଲେଷ-ରୁ ତାର ଯାତ୍ରାରେ ଥିଲା…ମିସରରୁ ବାହାରି ଆସି, ପାଲେଷ୍ଟାଇନ୍‌କୁ ଯାଉଥିଲା । ଏବଂ ପ୍ରଭୁ ସେମାନଙ୍କ ସହିତରେ ଥିଲେ, ଏବଂ ସେମାନେ ମଧ୍ୟ…ପ୍ରତ୍ୟେକ ଶତ୍ରୁ ଯାହା ଇସ୍ରାଏଲ ସମ୍ମୁଖରେ ଉଠିଥିଲା ତାକୁ ରାସ୍ତାରୁ ହଟାଇ ଦିଆ ଯାଇଥିଲା, କାରଣ ପରମେଶ୍ୱର କହିଥିଲେ ଯେ ସେ ସେମାନଙ୍କ ସମ୍ମୁଖରେ ବିରୁଡିମାନଙ୍କୁ ପଠାଇ ଶତ୍ରୁକୁ ଘଉଡାଇ ଦେବେ, ଯେତେବେଳେ ପର୍ଯ୍ୟନ୍ତ ସେମାନେ ତାହାଙ୍କର ଆଦେଶ ପାଳନ କରି ଚାଲିଥିବେ । ସେହି କାର୍ଯ୍ୟଟି କେବେ ବି ବହୁତ ବଡ ନ ଥିଲା । ସେହି ଅମାଲେକୀୟମାନେ, ସେହି ଦିନର ମହାବୀରଗଣ, ଇସ୍ରାଏଲ ପାଇଁ କିଛି ନ ଥିଲେ ।

ଯଦିଓ ସେମାନେ ଆକାରରେ ଛୋଟ ଲୋକମାନେ ଥିଲେ, ମାତ୍ର ସେମାନେ *ସଦାପ୍ରଭୁ ଏହି କଥା କୁହନ୍ତି* ବାକ୍ୟରେ ଚାଲୁଥିଲେ । ତେଣୁ ଯାଏ ଆସେ ନାହିଁ ଯେ ବିରୋଧୀ କଅଣ ଥିଲା, ପରମେଶ୍ୱର ସର୍ବଦା ଏହା ଦେଖିଥିଲେ ଯେ ତାହାଙ୍କର ପ୍ରତିଜ୍ଞାତ ବାକ୍ୟ କଦାପି ଇସ୍ରାଏଲକୁ ବିଫଳ ନ କରେ ।

70 ଏବଂ ପୁରାତନ ନିୟମର ଇସ୍ରାଏଲ୍ ହେଉଛି ନୂତନ ନିୟମର କନ୍ୟାର ଏକ ପ୍ରତିରୂପ, ଯିଏକି ସେହି—ସେହି ଜଗତରୁ ବାହାରି ଆସି, କିଣାନର ମାର୍ଗରେ ଆଗେଇ ଚାଲୁଛି, କିମ୍ବା ସେହି କିଣାନକୁ ଯେଉଁଠାକୁ ଆମେମାନେ ଯାଉଅଛୁ, ସେହି ସହସ୍ରାବ୍ଦୀକୁ ।

71 ତେବେ, ବର୍ତ୍ତମାନ, ଆମେମାନେ ଲକ୍ଷ୍ୟ କରୁ ଯେ ମୋୟାବ ଏଠାରେ ମଣ୍ଡଳୀର ଏକ ପ୍ରତିରୂପ ଅଟେ । ଏବଂ ମୋୟାବ…ସେମାନେ ଠିକ କେତେକ ରାଜାମାନଙ୍କୁ ସଂହାର କରିଥିଲେ ଓ ଶତ୍ରୁକୁ ପରାସ୍ତ କରିଥିଲେ, ସବୁକିଛିକୁ ଘାତ କରିଥିଲେ, ଦେଶକୁ ଅଧିକାର କରିଥିଲେ, ଏବଂ ମୋୟାବ ଦେଇ ଗମନ କରୁଥିଲେ । ତେବେ, ମୋୟାବ କୌଣସି ପ୍ରକାରେ ଏକ ବିଜାତିୟ ଦେଶ ନ ଥିଲା । ମୋୟାବ ଏପରି ଏକ ରାଷ୍ଟ୍ର ଥିଲା ଯିଏକି ସେହି ସମାନ ପରମେଶ୍ୱରଙ୍କୁ ସେବା କରୁଥିଲା ଯାହାକୁ ଇସ୍ରାଏଲ ସେବା କରୁଥିଲେ । ଏବଂ ମୋୟାବର ଦେଶ ମୂଳତଃ ଲୋଟଙ୍କର ପୁତ୍ର ଯାହାକି ସେ ନିଜ କନ୍ୟାଙ୍କ ସହ ଜାତ କରିଥିଲେ, ତାହା ଦ୍ୱାରା ଆରମ୍ଭ ହୋଇଥିଲା । ଏବଂ ସେ, ଏହି ଜାତିର ପ୍ରତିଷ୍ଠାତା ଭାବରେ, ଏବଂ ତାଙ୍କର ଗଣ୍ୟମାନ୍ୟ ଲୋକମାନଙ୍କୁ ଓ ଇତ୍ୟାଦିକୁ ସଂଗଠିତ କରିଥିଲେ, ଏବଂ ଏଥିରୁ ଏକ ମହାନ ରାଷ୍ଟ୍ର ନିର୍ମାଣ କରିଥିଲେ, ଏବଂ ସେମାନେ ବହୁଗୁଣିତ ହୋଇ ବଢି ଚାଲିଥିଲେ ।

72 ଏବଂ ବର୍ତ୍ତମାନ, ଇସ୍ରାଏଲ ଅବ୍ରହାମଙ୍କ ବଂଶଧର ଥିଲେ, ଲୋଟଙ୍କର ନୁହେଁ । ଇସ୍ରାଏଲ ଇସ୍‌ହାକ, ଯାକୁବଠାରୁ ଜାତ ହୋଇଥିଲେ । ଏବଂ ଇସ୍ରାଏଲ ଯାକୁବଙ୍କଠାରୁ ବାହାରିଥିବା ସେହି ବାରଟି ଗୋଷ୍ଠୀ ମଧ୍ୟରୁ ଉତ୍ପନ୍ନ ହୋଇଥିଲା, ଯାହାକୁ ପରେ "ଇସ୍ରାଏଲ" ବୋଲି କୁହାଯାଇଥିଲା, କାରଣ ଯାକୁବ ପ୍ରଭୁଙ୍କ ସହ ମଲ୍ଲଯୁଦ୍ଧ କରିଥିଲେ । ଏବଂ ମୋୟାବ ଏଠାରେ…

73 ତେବେ, ଏଥିରେ, ଏବଂ ଆପଣ ଲୋକମାନେ ଯେଉଁମାନେକି ସେଠାରେ ଟେଲିଫୋନ ସଂଯୋଗରେ—ରେ ଅଛନ୍ତି, ମୁଁ ପ୍ରଥମେ କହିବାକୁ ଚାହେଁ ଯେ ମୁଁ—ମୁଁ ସମାଲୋଚକ ହେବାକୁ ଇଚ୍ଛା କରେ ନାହିଁ, ଏବଂ ମୁଁ ଆଶା କରେ ଯେ ମୁଁ ନୁହେଁ । ମାତ୍ର, ମୋତେ ଦିଆଯାଇଥିବା ସେହି ବାର୍ତ୍ତା ପ୍ରତି, ମୋତେ ସେହି ବାର୍ତ୍ତା ପ୍ରତି ବିଶ୍ୱସ୍ତ ରହିବା ଆବଶ୍ୟକ, ନଚେତ୍ ମୁଁ ଜଣେ କପଟୀ ହେବି । ବୁଝିଲେ? ମୁଁ—ମୁଁ ତାହାଠାରୁ ଅଧିକ କିଛି କହିପାରେ ନାହିଁ ଯାହା ମୋତେ କହିବା ପାଇଁ ପଠାଯାଇଅଛି ।

ଏବଂ ମୁଁ—ମୁଁ ଭାବୁଛି ଯେ ଆଜି ଖ୍ରୀଷ୍ଟିଆନ ସମାଜର ସେହି ମହାନ ଶତ୍ରୁ ହେଉଛି ସଂଗଠିତ ମଣ୍ଡଳୀମାନ । ମୁଁ ମୋର ସମ୍ପୂର୍ଣ୍ଣ ହୃଦୟ ସହିତ ବିଶ୍ୱାସ କରେ ଯେ ଏହା ଅବଶେଷରେ ପଶୁର ଚିହ୍ନରେ ପରିଣତ ହେବ, ଯାହାକି ମୁଁ ଭାବୁଛି, ମୁଁ କରିପାରେ, ଏହାକୁ

ମୁଁ ପରମେଶ୍ୱରଙ୍କ ସାହାଯ୍ୟରେ ବାଇବଲ ଦ୍ୱାରା ପ୍ରମାଣ କରିପାରେ। ମୁଁ ଏହାକୁ ଆଗରୁ କରିସାରିଛି। ତାହା, ଏହା ମଣ୍ଡଳୀ ସଂଘରେ, ପଶୁର ଚିହ୍ନରେ ପରିଣତ ହେବ। କାରଣ, ପରମେଶ୍ୱର କେବେ ବି, କୌଣସି ସମୟରେ, ଏକ ନିର୍ଦ୍ଦିଷ୍ଟ ନିଯୁକ୍ତିପ୍ରାପ୍ତ ମଣ୍ଡଳୀକୁ, ସଂଗଠିତ ମଣ୍ଡଳୀକୁ, କଦାପି ଚିହ୍ନଟ କରି ନାହାଁନ୍ତି। ସେ ଏହା କେବେ ବି କରିନାହାଁନ୍ତି।

ଏବଂ ପ୍ରତ୍ୟେକ ଥର ଯେତେବେଳେ ମନୁଷ୍ୟ ଏକ ସଂଗଠନ ନିର୍ମାଣ କରିଥିଲା, ପରମେଶ୍ୱରଙ୍କ ଆତ୍ମା ଏହାକୁ ଛାଡି ଚାଲିଗଲା ଓ କଦାପି ଫେରି ଆସିଲା ନାହିଁ। କୌଣସି ଇତିହାସକାରଙ୍କୁ ପଚାରନ୍ତୁ, କିଅବା ଆପଣ ନିଜେ ଜଣେ ପାଠକ ହୋଇପାରନ୍ତି। କଦାପି ନୁହେଁ! ଯେତେବେଳେ ସେମାନେ ସଂଗଠିତ ହେଲେ, ପରମେଶ୍ୱର ଏହାକୁ ଥାକରେ ଥୋଇଦେଲେ, ଏବଂ ସେହି ସ୍ଥାନ ହିଁ ଅଟେ ଯେଉଁଠାକୁ କି ଏହା ଚାଲିଗଲା; ସେହି ସମୟଠାରୁ, ଏହା ସେଠାରେ ରହିଗଲା। ସେମାନେ ସଦସ୍ୟମାନଙ୍କରେ ବୃଦ୍ଧିସାଧନ କଲେ, ମାତ୍ର କେବେବି ଆତ୍ମାର ଏକ ଜାଗରଣରେ ନୁହେଁ; କଦାପି, ଆଉ କେବେ ନୁହେଁ।

74 ମୋୟାବ, ଏଠାରେ, ଏହି ପ୍ରକାରର ଏକ ପ୍ରତିରୂପ ଅଟେ, କାରଣ ସେମାନେ ଏକ—ଏକ ସଂଗଠିତ ରାଷ୍ଟ୍ର ଥିଲେ; ସେମାନଙ୍କ ନିଜ ଦେଶରେ, ଯେପରିକି ସେମାନଙ୍କର ନାମଧାରୀ ସଂଗଠନରେ ରହିଥିଲା। ଏବଂ ସେଠାରେ ସେମାନଙ୍କର ନିଜସ୍ୱ ଧର୍ମ ଥିଲା, ଏବଂ ସେମାନଙ୍କର ଧର୍ମ ଠିକ ସେହି ସମାନ ଧର୍ମ ଥିଲା ଯାହାକି ଇସ୍ରାଏଲର ରହିଥିଲା। ସେମାନେ ମୋୟାବୀୟ ଥିଲେ ଏବଂ ଯିହୋବା ପରମେଶ୍ୱରଙ୍କଠାରେ ବିଶ୍ୱାସ କରୁଥିଲେ, ମାତ୍ର ସେମାନେ ଲୋକମାନଙ୍କର ଏକ ସଂଗଠିତ ଗୋଷ୍ଠୀ ଥିଲେ।

75 ଏବଂ, ବର୍ତ୍ତମାନ, ଯେପରି ସେମାନେ ପ୍ରାକୃତିକ ମଣ୍ଡଳୀକୁ ପ୍ରତିନିଧିତ୍ୱ କରନ୍ତି, ସେହିପରି ଇସ୍ରାଏଲ୍ ଆତ୍ମିକ ମଣ୍ଡଳୀକୁ ପ୍ରତିନିଧିତ୍ୱ କରେ ଯିଏକି ନିଜର ଯାତ୍ରାରେ ରହିଛି। ତେବେ, ଇସ୍ରାଏଲ୍ ଏକ ସଂଗଠିତ ରାଷ୍ଟ୍ର ନ ଥିଲା। ଯେପର୍ଯ୍ୟନ୍ତ ସେମାନେ ପରମେଶ୍ୱରଙ୍କୁ ଅନୁସରଣ କରୁଥିଲେ, ସେମାନେ ସ୍ୱାଧୀନ ଥିଲେ। ସେମାନେ ପ୍ରବାସୀରୂପେ, ଆସିଥିଲେ, ଯିବା ପାଇଁ କୌଣସି ସ୍ଥାନ ନ ଥିଲା। ଅଗ୍ନିସ୍ତମ୍ଭ ଯେଉଁଆଡେ ବି ଗମନ କରୁଥିଲା, ସେମାନେ ତାହା ସହିତ ଗମନ କରୁଥିଲେ। ସେମାନେ ଏକ ସଂଗଠିତ ରାଷ୍ଟ୍ର ନ ଥିଲେ। ସେମାନଙ୍କ ମଧ୍ୟରେ ଏକ ଜୀବ ରହିଥିଲା, କାରଣ ସୁନ୍ନତବିଧି ସେମାନଙ୍କୁ ପରମେଶ୍ୱରଙ୍କ ଆଦେଶ ଅଧୀନରେ ତାହା ଦେଇଥିଲା, ମାତ୍ର ଏହି ସମୟରେ କେବେ ବି ଏକ ସଂଗଠିତ ରାଷ୍ଟ୍ର ନ ଥିଲେ। ଯେତେବେଳେ ସେମାନେ ଅବଶେଷରେ ଏକ ସଂଗଠିତ ରାଷ୍ଟ୍ର ହୋଇଗଲେ, ସେହିଠାରେ ହିଁ ସେମାନେ ପତିତ ହେଲେ ଏବଂ ସେମାନଙ୍କର ମଶୀହଙ୍କୁ ପ୍ରତ୍ୟାଖ୍ୟାନ କଲେ।

76 ଏବଂ ବର୍ତ୍ତମାନ ଆମେମାନେ ସର୍ବଦା ଏହା, ପାଇଥାଉ, ଯେ ଯେତେବେଳେ ଏହି ପ୍ରାକୃତିକ ଏବଂ ଆତ୍ମିକ, ମଣ୍ଡଳୀ ଏବଂ ସଂଗଠନର ଆତ୍ମାଗୁଡିକ, ମିଳିତ ହୁଅନ୍ତି, ସେଠାରେ ସବୁବେଳେ ଏକ ସଂଘର୍ଷ ହୋଇଥାଏ। ଏହା ହେବାରେ କେବେ ବି ବିଫଳ ହୋଇନାହିଁ। ଏହା ସର୍ବଦା ସଂଘର୍ଷ ହୋଇଥାଏ। କାରଣ, ଆମେମାନେ ଜାଣୁ ଯେ ସେଠାରେ ଏକ ଈର୍ଷାଭାବ

ରହିଛି । ଏବଂ ସେଠାରେ, ଏହି ଇର୍ଷାଭାବରେ, ତାହା ଶାରୀରିକ ତୁଳନାଗୁଡିକୁ, ନକଲଗୁଡିକୁ ନେଇ ଆସିଥାଏ । ଏବଂ ଆମେମାନେ ଆଜି ମଧ୍ୟ ତାହା ପାଉ, ଯେପରିକି ତାହା ସେଦିନ ଥିଲା । ଯେତେବେଳେ ପରମେଶ୍ୱର ଜଣେ ବ୍ୟକ୍ତିଙ୍କ ପାଇଁ କିଛି କରନ୍ତି, ସେତେବେଳେ ସମସ୍ତେ ତାହା ନକଲ କରିବାକୁ ଚେଷ୍ଟା କରନ୍ତି ଠିକ ଯେପରି ପରମେଶ୍ୱର ତାହା ସେହି ବ୍ୟକ୍ତିଙ୍କ ପାଇଁ କରିଥିଲେ । ଦେଖନ୍ତୁ, ଏହା ଏକ ପ୍ରତିଯୋଗିତାକୁ ସୃଷ୍ଟି କରେ, ଏବଂ ଏହା ଶାରୀରିକତାକୁ ଉତ୍ପନ୍ନ କରିଥାଏ । ଏବଂ ତାହାପରେ ଯଦି ସେମାନେ ତାହା ନ କରିପାରନ୍ତି, ଅନ୍ୟ ପଟରେ, ଆତ୍ମିକ ଫଳ ଧାରଣ କରନ୍ତି, ତେବେ ସେମାନେ ଏହାକୁ ଏକ ରାଜନୈତିକ ଶକ୍ତି ଦ୍ୱାରା ଗ୍ରହଣ କରିନିଅନ୍ତି, କିମ୍ବା ସେମାନେ ଲୋକମାନଙ୍କର ମନଗୁଡିକୁ ବିବ୍ରତ କରିବା ନିମନ୍ତେ, କିଛି ଗୋଟାଏ ଜିନିଷକୁ ବଦଳାନ୍ତି, ଯେପରିକି ସେମାନଙ୍କ ପଛରେ ଅନୁକାରୀ ଶିଷ୍ୟମାନଙ୍କୁ ଆକର୍ଷଣ କରନ୍ତି ।

77 ଅବିକଳ ତାହା ହିଁ ଥିଲା ଯାହାକି ଠିକ ପ୍ରାରମ୍ଭରେ ଘଟିଥିଲା; ଯେତେବେଳେ କୟିନ ଏବଂ ହେବଲ, ଉଭୟ ବାଳକ ଏଠାରେ ପୃଥିବୀରେ ଥିଲେ । ଏବଂ ଯେତେବେଳେ ହେବଲ କୟିନଙ୍କ ଅପେକ୍ଷା ଏକ ଅଧିକ ଉତ୍କୃଷ୍ଟତର ବଳିଦାନ ପରମେଶ୍ୱରଙ୍କୁ ଉତ୍ସର୍ଗ କଲେ, ଏବଂ ପରମେଶ୍ୱର ତଳକୁ ଓହ୍ଲାଇ ଆସି, ତାଙ୍କ ବଳିକୁ ଗ୍ରହଣ କରିବା ଦ୍ୱାରା ହେବଲକୁ ସୁପ୍ରମାଣିତ କଲେ, ଏହା କୟିନଙ୍କ ଭିତରେ ଇର୍ଷାଭାବ ଉତ୍ପନ୍ନ କଲା, କାରଣ ସେ ନିଜ ଭାଇକୁ ଇର୍ଷା କରିଥିଲେ, ଓ ନିଜ ଭାଇକୁ ହତ୍ୟା କଲେ ।

78 ଏହା ପ୍ରାରମ୍ଭରେ ହିଁ ଆରମ୍ଭ ହୋଇଥିଲା, ଯେତେବେଳେ ସେହି ଶାରୀରିକ ଏବଂ ଆତ୍ମିକ…ତଥାପି କୟିନ ଓ ହେବଲ ସେହି ସମାନ ପରମେଶ୍ୱରଙ୍କୁ ଉପାସନା କରିଥିଲେ, ସେମାନେ ଦୁହେଁ ସମାନ ପ୍ରକାରର ବେଦୀ ନିର୍ମାଣ କରିଥିଲେ, ଏବଂ ସେମାନେ ଦୁହେଁ ସମାନ ମଣ୍ଡଳୀରେ, ସମାନ ଯଜ୍ଞବେଦୀରେ, ସମାନ ପରମେଶ୍ୱରଙ୍କୁ ଉପାସନା କରିଥିଲେ । ମାତ୍ର କୟିନ, ଶାରୀରିକ ଯୁକ୍ତିତର୍କ ଦ୍ୱାରା, ଭୂମିର ଫଳ ଉତ୍ପାଦ ଆଣି ବଳିଦାନ ସ୍ୱରୂପେ ବେଦୀ ଉପରେ ରଖିଲେ, ଏହା ଭାବି ଯେ ନିଶ୍ଚିତରେ ଏହା ପ୍ରାୟଶ୍ଚିତ ପାଇଁ ପରମେଶ୍ୱରଙ୍କ ପ୍ରୟୋଜନକୁ ପୂରଣ କରିବ । ତେଣୁ ସେ ନିଶ୍ଚୟ ଆଣିଥିବେ, ଯେପରିକି ଲୋକମାନେ ଆଜି ଭାବନ୍ତି, "ସେଉ ହିଁ ଅଟେ ଯାହାକି ଆଦମ ଏବଂ ହବା ଭୋଜନ କରିଥିଲେ, ଯାହା ପାପର କାରଣ ହୋଇଥିଲା ।" ଏବଂ, ଯାହାକିଛି ବି ହେଉ, ମୁଁ ଭାବୁଛି ଯେ ବର୍ତ୍ତମାନ ସେମାନେ ଏହାକୁ ଏକ "ଡାଳିମ୍ବ" କିମ୍ବା ସେପରି କିଛିକୁ ତେବେ ନେଇ ଆସିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଲୋକ, ଅଳ୍ପ କିଛି ଦିନ ପୂର୍ବରୁ କହିଲେ, ଏହା ତ ଅନ୍ୟ କିଛି ଗୋଟାଏ ଥିଲା ।

79 ଏବଂ, ମାତ୍ର ହେବଲଙ୍କଠାରେ ସଠିକ୍ ବଳିଦାନ ଥିଲା । ସେ ଜାଣିଥିଲେ ଯେ ତାହା ରକ୍ତ ହିଁ ଥିଲା ଯାହାକି ଏହା କରିଅଛି, ତେଣୁ ସେ ଏକ ମେଷଶାବକ ଆଣିଥିଲେ । ଏବଂ ଯେତେବେଳେ ପରମେଶ୍ୱର ତାହାର ଗ୍ରହଣ କରି ନେଲେ, ତେବେ, ହେବଲ, ବିଶ୍ୱାସ ଦ୍ୱାରା, ପ୍ରକାଶନ ଦ୍ୱାରା, ଅନ୍ୟ କୌଣସି ଉପାୟରେ ନୁହେଁ । ସେଠାରେ କୌଣସି ଲିଖିତ ବାଇବଲ ନ ଥିଲା । ତେଣୁ,

ଆପଣ ଦେଖନ୍ତୁ, ଧାର୍ମିକତାର ଆରମ୍ଭ ହେଉଛି ପରମେଶ୍ୱରଙ୍କ ପ୍ରକାଶିତ ସତ୍ୟ, ଏବଂ ଜୀବନ୍ତ ପରମେଶ୍ୱରଙ୍କ ସମଗ୍ର ମଣ୍ଡଳୀ ତାହାରି ଉପରେ ନିର୍ମିତ।

80 ଯୀଶୁ, ଦିନେ, ପର୍ବତରୁ ଓହ୍ଲାଇ ଆସି, ନିଜ ଶିଷ୍ୟମାନଙ୍କୁ କହିଲେ, "ମନୁଷ୍ୟପୁତ୍ର କିଏ ବୋଲି ଲୋକମାନେ କଅଣ କୁହନ୍ତି?"

"କେହି କୁହନ୍ତି ଆପଣ ମୋଶା, ଏବଂ ଅନ୍ୟ କେହି କୁହନ୍ତି ଯେ ଆପଣ ଏଲିୟ, ଏବଂ ଆପଣ ଯିରିମିୟ, କିମ୍ବା ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ ଜଣେ।"

ସେ କହିଲେ, "ମାତ୍ର ମୁଁ କିଏ ବୋଲି ତୁମେମାନେ କଅଣ କହୁଛ?"

81 ସେତେବେଳେ ହିଁ ଥିଲା ଯେତେବେଳେକି ପ୍ରେରିତ ପିତର, ପରମେଶ୍ୱରଙ୍କ ପ୍ରେରଣାରେ, ଆତ୍ମାଙ୍କ ଦ୍ୱାରା ସଂଜୀବିତ ହୋଇ, ସେହି ଜବରଦସ୍ତ ବକ୍ତବ୍ୟ ଦେଇଥିଲେ, "ତୁମେ ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର, ଖ୍ରୀଷ୍ଟ।"

82 ସେହି ବକ୍ତବ୍ୟକୁ ଧ୍ୟାନ ଦିଅନ୍ତୁ। "ଯୂନସର ପୁତ୍ର ଶିମୋନ, ତୁମେ ଧନ୍ୟ, ମାଂସ ଓ ରକ୍ତ ଏହାକୁ ତୁମଠାରେ ପ୍ରକାଶ କରି ନାହିଁ। ମୋର ସ୍ୱର୍ଗସ୍ଥ ପିତା ଏହାକୁ ତୁମଠାରେ ପ୍ରକାଶ କରିଛନ୍ତି। ତୁମେ ଶିମୋନ ଅଟ। ଏହି ଶୈଳ ଉପରେ..."

କେଉଁ ଶୈଳ? ତେବେ, କ୍ୟାଥୋଲିକ୍ କୁହନ୍ତି, "ସେହି ଶୈଳ, ଛୋଟ ପଥର, ପିତର ଉପରେ।" ଏବଂ ପ୍ରୋଟେଷ୍ଟାଣ୍ଟ କୁହନ୍ତି, "ସେହି ଶୈଳ, ଖ୍ରୀଷ୍ଟଙ୍କ ଉପରେ।"

ଭିନ୍ନ ହେବା ପାଇଁ ନୁହେଁ; ମାତ୍ର ଏହା ତ ପିତରଙ୍କଠାରେ ଥିବା ସେହି ପ୍ରକାଶନ ଯେ ସେ କିଏ ଥିଲେ, ତାହା ଉପରେ ଅଟେ। "କୌଣସି ଲୋକ ମୋ ପାଖକୁ ଆସିପାରେ ନାହିଁ," ଯୀଶୁ କହିଲେ, "ଯେପର୍ଯ୍ୟନ୍ତ ମୋ ପିତା ତାଙ୍କୁ ଆକର୍ଷିତ ନ କରନ୍ତି। ଏବଂ ଯେସମସ୍ତଙ୍କୁ ପିତା ମୋତେ ଦେଇଅଛନ୍ତି ସେମାନେ ମୋ ନିକଟକୁ ଆସିବେ।"

"ତୁମେ ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର, ଖ୍ରୀଷ୍ଟ।"

83 "ଯୂନସର ପୁତ୍ର ଶିମୋନ, ତୁମେ ଧନ୍ୟ; ମାଂସ ଓ ରକ୍ତ ଏହାକୁ ତୁମଠାରେ ପ୍ରକାଶ କରି ନାହିଁ, ମାତ୍ର ମୋର ପିତା ଯିଏକି ସ୍ୱର୍ଗରେ ଅଛନ୍ତି। ଏହି ଶୈଳ ଉପରେ ମୁଁ ମୋର ମଣ୍ଡଳୀ ନିର୍ମାଣ କରିବି, ଏବଂ ନରକର ବଳ ଏହା ବିରୁଦ୍ଧରେ ପ୍ରବଳ ହୋଇପାରେ ନାହିଁ।" ଆତ୍ମିକ ଭାବେ ପ୍ରକାଶିତ ପରମେଶ୍ୱରଙ୍କ ବାକ୍ୟ!

84 ଧ୍ୟାନ ଦିଅନ୍ତୁ, ହେବଲ, ପରମେଶ୍ୱରଙ୍କ ଉପରେ ବିଶ୍ୱାସ ଦ୍ୱାରା, ଏକ ଅଧିକ ଉତ୍କୃଷ୍ଟତର ବଳିଦାନ ଉତ୍ସର୍ଗ କଲେ। ଏବଂ ସେହି ଶାରୀରିକ ବିଶ୍ୱାସୀ ଭାବିଲା ଯେ ଏହା ତ ତାଙ୍କ ନିଜର ହସ୍ତକୃତ କର୍ମ ଅଟେ, ଯେ, ଏବଂ ତାଙ୍କର ଫଳ ଏବଂ ତାଙ୍କର ସୁନ୍ଦର ନୈବେଦ୍ୟ ଯାହାକି ସେ ଆଣିଥିଲେ, ତାହା ପରମେଶ୍ୱର ଚିହ୍ନିବେ, ଏବଂ ଏହା ଏକ ସଂଘର୍ଷକୁ ଉତ୍ପନ୍ନ କରିଥିଲା।

ଆମେମାନେ ଜାଣୁ ଯେ ଅବ୍ରହାମ ଏବଂ ଲୋଟଙ୍କର ସଂଘର୍ଷ ହେବାକୁ ଥିଲା।

85 ଆମେ ଜାଣୁ ଯେ ମୋଶା ଏବଂ—ଏବଂ ଦାଥନ୍, କୋରହଙ୍କର, ମଧ୍ୟ ସେହି ସମାନ ସଂଘର୍ଷ ହୋଇଥିଲା।

ମୋଶା, ପ୍ରଭୁଙ୍କର ବାକ୍ୟ ସହିତ ଜଣେ ନିଯୁକ୍ତିପ୍ରାପ୍ତ ଭବିଷ୍ୟଦ୍‌ବକ୍ତା ହୋଇଥିବାରୁ, ଏହା ପ୍ରମାଣିତ କରିଥିଲେ ଯେ ସେ ଏହି ସମୟର ନେତା ହେବା ନିମନ୍ତେ ମନୋନୀତ ହୋଇଅଛନ୍ତି, ଏବଂ ଏହା ଯେ ଅବ୍ରହାମ ଏହି ସମସ୍ତ ବିଷୟ ପ୍ରତିଜ୍ଞା କରିଥିଲେ, ଏବଂ ଏଠାରେ ମୋଶା ଅବିକଳ ଠିକ ତାହାହିଁ କଲେ ଯାହା ପରମେଶ୍ୱର, ତାହା ଘଟିବ ବୋଲି କହିଥିଲେ।

ଏବଂ କୋରହ, ଶାରୀରିକ ହୋଇଥିବାରୁ, ସେମାନଙ୍କ ମଧ୍ୟରେ ଏକ ସଂଗଠନ ଗଢିବାକୁ ଚାହିଁଲେ। ସେ ପୁରୁଷମାନଙ୍କର ଏକ ଗୋଷ୍ଠୀ ନିର୍ମାଣ କରିବାକୁ ଚାହିଁଲେ। ଏବଂ ପରମେଶ୍ୱର ସେହିପରି ଭାବରେ ଲୋକମାନଙ୍କ ସହିତ ବ୍ୟବହାର କରନ୍ତି ନାହିଁ। ଏହା ଠିକ୍ ସେହିଠାରେ, ସେହି ଶାସ୍ତ୍ରରେ, ଆଜିର ଯାତ୍ରାର ଏକ ପ୍ରତିରୂପକୁ ଦର୍ଶାଏ, ଯେ ତାହା ସେହି ସଂସ୍ଥା ନୁହେଁ ଯାହାକୁ ପରମେଶ୍ୱର ନିଯୁକ୍ତ କରନ୍ତି। କାରଣ, ଯେତେବେଳେ କୋରହ ଏହାକୁ କଲେ, ସେତେବେଳେ ସେ ମୋଶାଙ୍କୁ କହିଲେ, "ତୁମେ ନିଜ ଉପରେ ଅତ୍ୟଧିକ ଭାର ନେଉଅଛ।" ଅନ୍ୟ ଶବ୍ଦରେ କହିବାକୁ ଗଲେ, "ସମଗ୍ର ମଣ୍ଡଳୀ ପବିତ୍ର ଅଟେ! କାହିଁକି, ତୁମେ କହୁଛ ଯେ ତୁମେ ହିଁ ଏକମାତ୍ର ପବିତ୍ର ଜନ ଅଟ। ତୁମଠାରେ ସେହିପରି କୌଣସି ବିଷୟ କରିବାର କିଛି ଅଧିକାର ନାହିଁ। ତୁମେ ନିଜକୁ କିଛି ଗୋଟାଏ ବଡ଼ କରିବାକୁ ଚେଷ୍ଟା କରୁଅଛ। ଆମେମାନେ ସମସ୍ତେ ପବିତ୍ର ଅଟୁ। ଆମେମାନେ ସମସ୍ତେ ପରମେଶ୍ୱରଙ୍କ ସନ୍ତାନ ଅଟୁ।"

86 ଏବଂ ମୋଶା କେବଳ ନିଜର ମୁଣ୍ଡକୁ ଘୁରାଇ ଦେଇ ଅନ୍ୟତ୍ର ଚାଲିଗଲେ। ସେ କହିଲେ, "ପ୍ରଭୁ, ମୁଁ କଅଣ କରିବି?"

87 ପରମେଶ୍ୱର କହିଲେ, "ଆପଣାକୁ ତାଙ୍କଠାରୁ ପୃଥକ କର। ମୋର ଏହା ଯଥେଷ୍ଟ ହେଲା।" ଏବଂ ସେ ମ କୋରହକୁ ପୃଥିବୀର ଗର୍ଭରେ ଗ୍ରାସ କଲେ।

88 ଦେଖନ୍ତୁ, ସେଠାରେ ଏକ ସଂଘର୍ଷ ହୋଇଥିଲା। ଯେତେବେଳେ ଶାରୀରିକ ଏବଂ ଆତ୍ମିକ ସାକ୍ଷାତ ହୁଅନ୍ତି, ସେଠାରେ ସର୍ବଦା ଏକ ସଂଘର୍ଷ ହୋଇଥାଏ। ଯେତେବେଳେ ଯିହୂଦା ଏବଂ ଯୀଶୁ ସାକ୍ଷାତ କଲେ, ସେଠାରେ ଏକ ସଂଘର୍ଷ ହୋଇଥିଲା: ଜଣେ, ପରମେଶ୍ୱରଙ୍କ ପୁତ୍ର; ଅନ୍ୟଟି, ଶୟତାନର ପୁତ୍ର। ଠିକ ଯେପରି କୟିନ ଏବଂ ହେବଲ ଥିଲେ, ଯେତେବେଳେ ସେମାନଙ୍କର ସାକ୍ଷାତ ହେଲା ସେତେବେଳେ ଏକ ସଂଘର୍ଷ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ମଣ୍ଡଳୀର କୋଷାଧ୍ୟକ୍ଷ ଥିଲେ, ଏବଂ ଅନ୍ୟଜଣକ ଜଣେ ପାଳକ ଥିଲେ। ଏବଂ ବର୍ତ୍ତମାନ ଯେତେବେଳେକି, ଆମେମାନେ ଏହି ଦିନରେ, ପୁନର୍ବାର ସେହି ସମାନ ବିଷୟକୁ ଆସିଅଛୁ। ଖ୍ରୀଷ୍ଟଙ୍କ ଆତ୍ମିକ କନ୍ୟା ପ୍ରତି ଶାରୀରିକ ନାମଧାରୀ ସଂଗଠନ। ଖ୍ରୀଷ୍ଟଙ୍କ ଆତ୍ମିକ କନ୍ୟା ସେହି ଶାରୀରିକ ସଂଗଠନମାନଙ୍କରୁ ବହୁତ ଭିନ୍ନ ଅଟେ, ଏପରିକି ସେମାନଙ୍କ ମଧ୍ୟରେ କୌଣସି ତୁଳନା ହିଁ ନାହିଁ।

89 ତେବେ ଧ୍ୟାନ ଦିଅନ୍ତୁ, ପ୍ରାକୃତିକ ସର୍ବଦା ସେହି ଆତ୍ମିକକୁ ନକଲ କରିବାକୁ ଚେଷ୍ଟା

କରିଥାଏ । ମାତ୍ର, ଯେପରି ଯାକୁବ ଏବଂ ଏଷୌଠାରେ ଥିଲା, ଏହା କାମ କରିବ ନାହିଁ । ଏହା କରିବ ନାହିଁ । ତେବେ, ଯେତେବେଳେ ଏହା ଉତ୍ତମ କାମ କରିବା ବିଷୟ ଆସେ, ମୁଁ—ମୁଁ ବିଶ୍ୱାସ କରେ ଯେ ମନୁଷ୍ୟର ଦୃଷ୍ଟିରେ, ଏଷୌ ପ୍ରକୃତରେ ଯାକୁବ ଅପେକ୍ଷା ଜଣେ ଭଲ ବ୍ୟକ୍ତି ଥିଲେ । ସେ ତାଙ୍କ ବାପାଙ୍କର ଯତ୍ନ ନେବାକୁ ଚେଷ୍ଟା କରିଥିଲେ; ତାଙ୍କ ବାପା ଅନ୍ଧ, ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ଏବଂ ଏହି ସମସ୍ତ ବିଷୟ ଯାହା ସେ କରିବାକୁ ଚେଷ୍ଟା କରିଥିଲେ, ମାତ୍ର ତଥାପି ଏଷୌ ଏହାକୁ କେବଳ ଶାରୀରିକ କାର୍ଯ୍ୟ ବୋଲି ଭାବି ନ ଥିଲେ । ସେ ଭାବିଥିଲେ ଯେ ସେ ଯାହା କରୁଛନ୍ତି ତାହା ଦ୍ୱାରା ସେ ରକ୍ଷା ପାଇଯିବେ, କାହାରି ପାଇଁ କିଛି ଗୋଟାଏ ଭଲ କରିବା, ଯାହାକି ଠିକ୍ ଥିଲା । ମାତ୍ର ଯାକୁବ, ତାଙ୍କର ସମ୍ପୂର୍ଣ୍ଣ ପ୍ରାଣ ତ ସେହି ଜନ୍ମ ଅଧିକାରକୁ ପାଇବାର ଥିଲା, ଏବଂ ତାହା ହିଁ ଅଟେ ଯାହାକି ପରମେଶ୍ୱର ତାଙ୍କଠାରେ ଆତ୍ମିକ ବୋଲି ଚିହ୍ନଟ କରିଥିଲେ ।

90 ଧ୍ୟାନ ଦିଅନ୍ତୁ, ଏବଂ ଏହା ସର୍ବଦା ପ୍ରାକୃତିକ ମନୁଷ୍ୟକୁ ସେହି ଆତ୍ମିକ ବ୍ୟକ୍ତିକୁ ଘୃଣା କରିବାକୁ ପ୍ରବର୍ତ୍ତାଇ ଥାଏ । ଏହା କୟିନଙ୍କୁ ହେବଲକୁ ଘୃଣା କରିବାକୁ ପ୍ରବର୍ତ୍ତାଇଲା । ଏହା କୋରହଙ୍କୁ ମୋଶାଙ୍କୁ ଘୃଣା କରିବାକୁ ପ୍ରବର୍ତ୍ତାଇଲା । ଏହା ଯିହୂଦାକୁ ଯୀଶୁଙ୍କୁ ଘୃଣା କରିବାକୁ ପ୍ରବର୍ତ୍ତାଇଲା । । ଏବଂ ଏହିପରି ଭାବରେ ଏହା ଆଗକୁ ଓ ଅଗାକୁ ବଢି ଚାଲିଥାଏ । ଏହା ଜଣେ ଶାରୀରିକକୁ ସେହି ଆତ୍ମିକକୁ ଘୃଣା କରିବାକୁ ପ୍ରବର୍ତ୍ତାଇ ଥାଏ, ଠିକ ଯେପରିକି ଆରମ୍ଭରେ କୟିନ ହେବଲକୁ ଘୃଣା କରିଥିଲା, ସେହି ହେବଲ ଯାହାଠୁ ପରମେଶ୍ୱର ବଳିଦାନ ଗ୍ରହଣ କରିଥିଲେ, ଏବଂ ସେମାନଙ୍କୁ ବିନାଶ କରିବାକୁ ଚେଷ୍ଟା କରିଥିଲା ।

ଏପରିକି ସେମାନେ ସେହି ପ୍ରଭାବକୁ ନଷ୍ଟ କରିବାକୁ ଚେଷ୍ଟା କରନ୍ତି । ସେମାନେ ସବୁକିଛିକୁ ନଷ୍ଟ କରିବାକୁ ଚେଷ୍ଟା କରନ୍ତି, କାରଣ ଏହା ଈର୍ଷା ବ୍ୟତୀତ ଆଉ କିଛି ନୁହେଁ । ଏହା କୟିନଠାରେ ଆରମ୍ଭ ହୋଇଥିଲା ଏବଂ ଏହା ଈର୍ଷା ବୋଲି ପ୍ରମାଣ କରିଥିଲା, ଏବଂ ଏହା ଆଜି ମଧ୍ୟ ସେହି ସମାନ ବିଷୟ ଅଟେ ଯେତେବେଳେ ସେହି ପ୍ରାକୃତିକ (ଶାରୀରିକ) ଏବଂ ଆତ୍ମିକ ଏକତ୍ର ମିଳିତ ହୁଅନ୍ତି । ଏହା ପ୍ରମାଣ କରେ ଯେ ଏହା ଶୟତାନ ଅଟେ, ଅନ୍ୟ କୌଣସି କିଛି ବିଷୟ ନୁହେଁ, କାରଣ ଈର୍ଷା ଶୟତାନଠାରୁ ଆସିଥାଏ । ଏବଂ ତାହାପରେ ସତ୍ୟର ଏକ ନକଲକୁ ସୃଷ୍ଟି କରେ, କେହି ଜଣେ ଏପରି କିଛି ବିଷୟକୁ ନକଲ କରିବାକୁ ଚେଷ୍ଟା କରନ୍ତି ଯାହାକି ତାହା ନୁହେଁ, ଯାହା ସେମାନେ କରିବା ପାଇଁ ନିଯୁକ୍ତିପ୍ରାପ୍ତ ନୁହଁନ୍ତି । ଆମେ ଏହି ଶେଷ ଦିନରେ ତାହା କେତେ ଅଧିକ ଦେଖିଅଛୁ! ଓଃ, ମୋର ପ୍ରଭୁ, ଏହାର କେତେ ଅଧିକ ଅଟେ!

91 ତେଣୁ ଆମେମାନେ ଦେଖୁ ଯେ ପରମେଶ୍ୱର କରନ୍ତି-...ତାହାଙ୍କର ମୂଳ ବାକ୍ୟ ବିଷୟରେ ଆପଣା ବିଚାରକୁ କେବେବି ବଦଳାନ୍ତି ନାହିଁ । ମାତ୍ର, ସେ ଯାହାକୁ ଡାକନ୍ତି, ତାହାକୁ ସେ ନିଯୁକ୍ତ କରନ୍ତି । ଅନ୍ୟ କେହି ହେଲେ ସେହି ସ୍ଥାନକୁ ନେଇପାରେ ନାହିଁ । ଅନ୍ୟ କେହି ମୋଶାଙ୍କ ସ୍ଥାନକୁ ନେଇପାରିବେ ନାହିଁ । ଯାଏ ଆସେ ନାହିଁ ଯେ କେତେ କୋରହ ଉଠନ୍ତି, ଏବଂ କେତେ ଜଣ ଦାଥନ ଉଠନ୍ତି; ଏହା ତ ମୋଶା ହିଁ ଥିଲେ, ଯାହାକୁ କୌଣସି କିଛି

ନିର୍ବିଶେଷରେ, ପରମେଶ୍ୱର ଡାକିଥିଲେ।

92 ମାତ୍ର, ଏବଂ ଯଦି ଲୋକମାନେ ତାହାଙ୍କର ସିଦ୍ଧ ଇଚ୍ଛାରେ ଚାଲିବେ ନାହିଁ, ତେବେ ତାହାଙ୍କ ପାଖରେ ଏକ ଅନୁମତିପ୍ରାପ୍ତ ଇଚ୍ଛା ଅଛି ଯେଉଁଥିରେ ସେ ଆପଣଙ୍କୁ ଚାଲିବା ପାଇଁ ଦେବେ। ଧ୍ୟାନ ଦିଅନ୍ତୁ, ସେ ଏହାକୁ ଅନୁମତି ଦିଅନ୍ତି, ଠିକ୍ ଅଛି, ମାତ୍ର ସେ ଏହାକୁ ଆପଣା ମହିମା ନିମନ୍ତେ ତାହାଙ୍କର ସିଦ୍ଧ ଇଚ୍ଛାରେ, ହିଁ କାର୍ଯ୍ୟକାରୀ କରିବେ। ତେବେ ଯଦି ଆପଣ ଚାହାଁନ୍ତି…

93 ଠିକ୍ ଯେପରିକି, ଆରମ୍ଭରେ ହୋଇଥିଲା, ଏହା ପରମେଶ୍ୱରଙ୍କ ସିଦ୍ଧ ଇଚ୍ଛା ନ ଥିଲା ଯେ ଯୌନ ସମ୍ପର୍କ ଦ୍ୱାରା ପୃଥିବୀରେ ସନ୍ତାନମାନେ ଜନ୍ମ ହୁଅନ୍ତୁ। ନା, ମହାଶୟ। ପରମେଶ୍ୱର ମନୁଷ୍ୟକୁ ପୃଥିବୀର ଧୂଳିରୁ ସୃଷ୍ଟି କରିଥିଲେ, ତାହା ଭିତରେ ଜୀବନର ନିଶ୍ୱାସବାୟୁକୁ ଫୁଙ୍କ ଦେଇଥିଲେ, ଏବଂ ସେ ଏକ ଜୀବିତ ପ୍ରାଣୀ ହୋଇଗଲା। ସେ ସେହି ମନୁଷ୍ୟଠାରୁ ଜଣେ ସାହାଯ୍ୟକାରୀଙ୍କୁ ନେଲେ, ଏବଂ ତାହା ପାଇଁ ଏକ ସ୍ତ୍ରୀ ତିଆରି କଲେ। ତାହା ପରମେଶ୍ୱରଙ୍କର ପ୍ରଥମ ଏବଂ ମୂଳ ଇଚ୍ଛା ଥିଲା। ମାତ୍ର ଯେତେବେଳେ ପାପ ଭିତରକୁ ଆସିଲା ଏବଂ ସେହି ବିଷୟକୁ କଲା ଯାହାକି ତାହା କରିଥିଲା, ତାହାପରେ ସେ ପୁରୁଷକୁ ଆଇନଗତ ଭାବରେ, ଏକ ପତ୍ନୀଙ୍କୁ ବିବାହ କରିବାକୁ ଅନୁମତି ଦେଲେ, ଏବଂ ତାଙ୍କ ଦ୍ୱାରା ସନ୍ତାନ ଜନ୍ମ କରିବାକୁ ଅନୁମତି ଦେଲେ। "ବହୁଗୁଣିତ ହୁଅ ଏବଂ ପୃଥିବୀକୁ ପୁରଣ କର, ତେବେ, ଯଦି ତାହାହିଁ ସେହି ଉପାୟ ଯେ ତୁମେ ତାହା କରିବାକୁ ଯାଉଅଛ।" ମାତ୍ର, ଆପଣ ଦେଖନ୍ତୁ, ଏହା କଦାପି ତାହାଙ୍କର ସିଦ୍ଧା ଇଚ୍ଛା ନ ଥିଲା।

94 ଅତଏବ, ଏହି ସମସ୍ତ ଜିନିଷଗୁଡ଼ିକ ଯାହାରକି ଏକ ଆରମ୍ଭ ରହିଥିଲା ତାର ଏକ ସମାପ୍ତି ରହିବା ଆବଶ୍ୟକ। ସମସ୍ତ ପାପକୁ ବିନଷ୍ଟ ହେବାକୁ ଅଛି। ସମସ୍ତ ପାପକୁ ଦୂର କରାଯିବାକୁ ଅଛି। ଅତଏବ, ସେହି ମହାନ ସହସ୍ରାବ୍ଦୀରେ ଯେତେବେଳେ ସେହି ପୁନରୁତ୍ଥାନ ଆସେ, ଆମକୁ ଆମର ପିତା ଏବଂ ମାତାମାନଙ୍କ ଦ୍ୱାରା ପୁନର୍ବାର ଜନ୍ମ ହେବାକୁ ପଡିବ ନାହିଁ, ମାତ୍ର ପରମେଶ୍ୱର ଯେପରି ଆରମ୍ଭରେ କରିଥିଲେ, ସେ ପୃଥିବୀର ଧୂଳିରୁ ମନୁଷ୍ୟକୁ ଏବଂ ତାହା ସହିତ ତାଙ୍କ ସାହାଯ୍ୟକାରିଣୀଙ୍କୁ ଡାକିବେ। ତାହା ଠିକ୍। ସେହି ପ୍ରକାରେ ହିଁ ସେ ତାହା ଆରମ୍ଭରେ କରିଥିଲେ।

95 ଅତଏବ ତେଣୁକରି, ପରମେଶ୍ୱର କୌଣସି ବିଷୟରେ ଆପଣା ବିଚାରକୁ ବଦଳାନ୍ତି ନାହିଁ, ମାତ୍ର ସେ ଆପଣଙ୍କୁ ଆଗକୁ ବଢିବାକୁ ଅନୁମତି ଦେବେ। ତେବେ, ମୁଁ ଏହି ବିଷୟରେ ଏଠାରେ ଯାହା କହିବାକୁ ଚାହେଁ ତାହା ନିକଟକୁ ଯିବା ବିଷୟଠାରୁ ଏହା ଅନେକ ବାଟ ଅଟେ। ମାତ୍ର, ଏବଂ, ମାତ୍ର, ଏହା ତ, ଆପଣ…ମୁଁ ଚାହେଁ ଯେ ଆପଣ ଏହାକୁ ବୁଝନ୍ତୁ। ବୁଝିଲେ? ପରମେଶ୍ୱର ଆପଣଙ୍କୁ ଏପରି କିଛି ବିଷୟ କରିବାକୁ ଅନୁମତି ଦେବେ, ଏବଂ ଏପରିକି ତାହା କରିବାରେ ଆପଣଙ୍କୁ ଆଶୀର୍ବାଦ ମଧ୍ୟ କରିବେ, ମାତ୍ର ତଥାପି ଏହା ତାହାଙ୍କର ସିଦ୍ଧ ଇଚ୍ଛା ନୁହେଁ।

96 ପରମେଶ୍ୱର ଯାତ୍ରାପୁସ୍ତକ ତାର ୧୨ତମ ପର୍ବରେ, ଇସ୍ରାଏଲକୁ ଏକ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁମତି ଦେଲେ। ଯେତେବେଳେକି ଅନୁଗ୍ରହ ସେମାନଙ୍କୁ ଆଗରୁ ଏକ ଭବିଷ୍ୟଦ୍‌ବକ୍ତା, ଅଗ୍ନିସ୍ତମ୍ଭ, ଏକ ବଳିକୃତ ମେଷଶାବକ, ଏକ ମୁକ୍ତିଦାୟକ ଶକ୍ତି ପ୍ରଦାନ କରିସାରିଥିଲେ, ମାତ୍ର ସେମାନେ ଏକ ବ୍ୟବସ୍ଥା ପାଇଁ ଆର୍ତ୍ତନାଦ କଲେ। ଏହା ପରମେଶ୍ୱରଙ୍କ ଇଚ୍ଛା ନ ଥିଲା, ମାତ୍ର ଏହାକୁ ତ ଯୋଗ କରା ଯାଇଥିଲା କାରଣ ମନୁଷ୍ୟ ଏହାକୁ ଚାହିଁଥିଲା। ଏବଂ ସେ ଚାହୁଁଥିବା ଠିକ ସେହି ସମାନ ବ୍ୟବସ୍ଥା ଦ୍ୱାରା ସେ ଅଭିଶାପ ଦିଆଗଲା।

97 ପରମେଶ୍ୱରଙ୍କ ଇଚ୍ଛା ସାଧନ କରିବା ହିଁ ସର୍ବୋତ୍ତମ ଅଟେ। ତାହାହିଁ ଅଟେ ଯାହାକି ସେ ଆମକୁ ଶିଖାଇଛନ୍ତି। "ତୁମର ଇଚ୍ଛା ସଫଳ ହେଉ। ତୁମର ରାଜ୍ୟ ଆସୁ। ତୁମର ଇଚ୍ଛା ସଫଳ ହେଉ।" ଆମେମାନେ ନିଜ ନିଜକୁ ତାହାଙ୍କର ଇଚ୍ଛା ଏବଂ ତାହାଙ୍କର ବାକ୍ୟରେ ସମର୍ପଣ କରିବା ଉଚିତ୍। ଏହାକୁ ପ୍ରଶ୍ନ କରନ୍ତୁ ନାହିଁ। ଏହାକୁ ବିଶ୍ୱାସ କରନ୍ତୁ। ଏହାର ଚାରିପାଖରେ ଅନ୍ୟତ୍ର ଏକ ଉପାୟ ଖୋଜିବାକୁ ଚେଷ୍ଟା କରନ୍ତୁ ନାହିଁ। ଏହା ଯେପରି ଅଛି ସେହିପରି ଭାବରେ ଏହାକୁ ଗ୍ରହଣ କରନ୍ତୁ।

ଅନେକେ ଚାରିପାଖରେ ଯିବାକୁ ଚାହାଁନ୍ତି, ଅନ୍ୟ କୌଣସି ଉପାୟ ଅବଲମ୍ବନ କରିବାକୁ ଚାହାଁନ୍ତି। ଏବଂ ଯେତେବେଳେ ଆପଣ ତାହା କରନ୍ତି, ଆପଣ ନିଜକୁ ଆଗକୁ ବଢୁଥିବାର ପାଆନ୍ତି, ପରମେଶ୍ୱରଙ୍କୁ ଆପଣଙ୍କୁ ଆଶୀର୍ବାଦ କରୁଥିବାର ପାଆନ୍ତି, ମାତ୍ର ଆପଣ ତାହାଙ୍କର ଅନୁମତିପ୍ରାପ୍ତ ଇଚ୍ଛାରେ କାର୍ଯ୍ୟ କରୁଅଛନ୍ତି ଏବଂ ତାହାଙ୍କର ସିଦ୍ଧ, ଇଶ୍ୱରୀୟ ଇଚ୍ଛାରେ ନୁହେଁ।

98 ମୁଁ ଯେପରି କହିଲି, ସେ ଏହାକୁ ଅନୁମତି ଦିଅନ୍ତି, ମାତ୍ର ସେ କରିବେ ନାହିଁ—ସେ ଏହାକୁ ତାହାଙ୍କର ସିଦ୍ଧ ଇଚ୍ଛା ହେବାକୁ ଦେବେ ନାହିଁ; ମାତ୍ର ସେ ଏହାକୁ ତାହାଙ୍କର ଆଦର ନିମନ୍ତେ ଏବଂ ଆପଣା ସିଦ୍ଧ ଇଚ୍ଛାକୁ ଆଶୀର୍ବାଦ କରିବା ପାଇଁ କାର୍ଯ୍ୟକାରୀ କରିବେ। ଏବଂ ଯୌନ ସମ୍ପର୍କ ଦ୍ୱାରା, ସନ୍ତାନ ପ୍ରସବ କରିବା, ତାହା ହେଉଛି ସେଥି ମଧ୍ୟରୁ ଗୋଟିଏ।

99 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ମୋୟାବ, ଆରମ୍ଭରୁ ହିଁ, ଏକ ଅବୈଧ ରାଷ୍ଟ୍ର ଥିଲା। ଏହା ଅବୈଧାନିକ ଭାବରେ, ଆରମ୍ଭ ହୋଇଥିଲା, ଯଦ୍ୟପି ଜଣେ—ଜଣେ ପିତା ବିଶ୍ୱାସୀ ଏବଂ ଜଣେ ଝିଅ ବିଶ୍ୱାସୀ ଦ୍ୱାରା।

ଠିକ୍ ଅବିକଳ ଭାବରେ, ଯଦି ଆପଣ ତାହାକୁ ପ୍ରତିରୂପକ ଭାବରେ ଦେଖିବେ ଏବଂ ଏକ ଆତ୍ମିକ ମନ ବ୍ୟବହାର କରିବେ, ଆପଣ ସେହି ନାମଧାରୀ ସଂସ୍ଥାକୁ ସେଠାରେ ଅନ୍ୟ ଯେକୌଣସି ବିଷୟ ପରି ସରଳ ଭାବରେ ଛିଡା ହୋଇଥିବାର ଦେଖିପାରିବେ। ନିଶ୍ଚିତରେ। ଦେଖନ୍ତୁ, ସମଗ୍ର ବିଷୟଟି ସମ୍ପୂର୍ଣ୍ଣ ଭାବେ ଭୁଲ୍ ଅଟେ। ଏବଂ, ଦେଖନ୍ତୁ, ଯେତେବେଳେ ଏହା ଅଣାଗଲା, ସେହିପରି ଭାବରେ ଆରମ୍ଭ ହେଲା, ଏହା କଦାପି କରିପାରେ ନାହିଁ...ଏହା ତ ଏକ, ବରଫର ପିଣ୍ଡୁଳା ପରି ରହିଥାଏ, ଏହା କେବଳ ଅଧିକରୁ ଅଧିକ ଏବଂ ଅଧିକ ଭାବରେ ଗଡ଼ି ଚାଲିଥାଏ। ଆପଣ ଗୋଟିଏ ତ୍ରୁଟି ପାଆନ୍ତି, ଏବଂ ସେହି ଗୋଟିଏ ତ୍ରୁଟିରେ ଆରମ୍ଭ କରନ୍ତି, ଏବଂ ଆପଣ କେବଳ ଗୋଟିଏ ଜିନିଷ ପରେ ଆଉ ଏକ ଜିନିଷରେ ଗଡ଼ି ଚାଲିଥାନ୍ତି,

ଏବଂ ଗୋଟିଏ ଜିନିଷ ପରେ ଆଉ ଗୋଟିଏ ଜିନିଷ, ଗୋଟିଏ ପରେ ଗୋଟିଏରେ ଗଡ଼ି ଚାଲିଥାନ୍ତି।

100 ଏବଂ ସେହିଭଳି ଭାବରେ ହଁ ସେହି ମଣ୍ଡଳୀ ଆରମ୍ଭ ହୋଇଥିଲା। ଏହା ସେହିପରି ଭାବରେ ହଁ ନାଇସିଆ, ରୋମ୍‌ରେ ଆରମ୍ଭ ହୋଇଥିଲା, ଯେତେବେଳେ ରୋମାନ କ୍ୟାଥୋଲିକ୍ ମଣ୍ଡଳୀ...ଠିକ ପ୍ରାରମ୍ଭରେ ହଁ, ଏହା ଯେଉଁଠାରୁ ଆସିଥିଲା, ତାହା ପେଣ୍ଟିକଷ୍ଟ ଥିଲା। ମାତ୍ର ଯେତେବେଳେ ସେମାନେ ସଂଗଠିତ ହୋଇ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କୁ, ମଣ୍ଡଳୀ ଭିତରକୁ ଆଣିଲେ, ସେମାନେ କରିବାକୁ ଆରମ୍ଭ କରି ଦେଲେ, ପ୍ରାର୍ଥନା କରିବା, ଏବଂ ମାଳା ଜପିବା, ଏବଂ—ଏବଂ ମୃତମାନଙ୍କ ପାଇଁ ପ୍ରାର୍ଥନା କରିବା, ଏବଂ ଏହିସବୁ ଅନ୍ୟାନ୍ୟ ବିଷୟ କଲେ। ଏବଂ ତାହାପରେ ଏହା କେବଳ ଗଡ଼ିବାକୁ ଆରମ୍ଭ କଲା, ଗୋଟିଏ ତ୍ରୁଟିରୁ ଅନ୍ୟ ତ୍ରୁଟିକୁ, ଗୋଟିଏ ତ୍ରୁଟିରୁ ଅନ୍ୟକୁ, ଏପରିକି ଦେଖନ୍ତୁ ଯେ ଏହା କେଉଁଠାରେ ପହଞ୍ଚି ଅଛି। ସେଠାରେ ପେଣ୍ଟିକଷ୍ଟର ଆଦୌ, ଏଥିରେ ଗୋଟିଏ ବି ପ୍ରତିନିଧିତ୍ୱ ନାହିଁ। ବୁଝିଲେ? ଏହା ତ ଗୋଟିଏ ତୃଟି ଅନ୍ୟକୁ ଗୋଟାଉଅଛି, ଅନ୍ୟକୁ ଗୋଟାଉଅଛି। ସେଠାରେ କେବଳ ଗୋଟିଏ ଜିନିଷ କରିବାକୁ ଅଛି, ତାହା ହେଉଛି, ଦସ୍ତାବେଜଗୁଡିକୁ ପରିଷ୍କାର କରି ଆରମ୍ଭକୁ ଫେରିଯାଆନ୍ତୁ।

101 ଯେତେବେଳେ ମାର୍ଟିନ୍ ଲୁଥର୍ ଧାର୍ମିକ ଗଣନା କରାଯିବା ଦ୍ୱାରା ଆରମ୍ଭ କଲେ...ଏହାକୁ ତ ଆହୁରି ଆଗକୁ ବଢାଯିବାର ଉଚିତ୍ ଥିଲା, ଲୁଥରାନ୍ ମଣ୍ଡଳୀ। ବୁଝିଲେ? ଯଦି...ଲୁଥର୍, ଯେତେବେଳେ ସେ ସଂଗଠିତ ହେଲେ, ସେ ୱେସ୍‌ଲିଙ୍କ ପବିତ୍ରୀକରଣକୁ ଗ୍ରହଣ କରିପାରିଲେ ନାହିଁ, କାରଣ ସେ ସଂଗଠିତ ହୋଇଥିଲେ; ଏବଂ ଲୋକମାନେ ଏହାକୁ ସହି ନ ଥିଲେ, ତେଣୁ ଆତ୍ମା ସେଥିରୁ ବାହାରିଗଲେ।

102 ତେବେ, ଲୋଟଙ୍କ ଗୋଷ୍ଠୀ ଏଠାରେ; କିମ୍ବା, ମୋୟାବ ଲୋଟଙ୍କ ଝିଅର ସନ୍ତାନ ଥିଲେ, ଯାହାକି ଆରମ୍ଭରୁ ଅବୈଧ ଥିଲା। ତେବେ ଧ୍ୟାନ ଦିଅନ୍ତୁ, ପ୍ରାକୃତିକ ମଣ୍ଡଳୀ ଭାବରେ, ମୋୟାବ, ପ୍ରାକୃତିକ ନାମଧାରୀ ସଂସ୍ଥାକୁ ନିଦର୍ଶନ କରେ।

ଇସ୍ରାଏଲ୍ ଆତ୍ମିକ ମଣ୍ଡଳୀକୁ ନିଦର୍ଶନ କରେ। ଇସ୍ରାଏଲ୍, ସେଠାରେ ଏକ ସତ୍ୟ ମଣ୍ଡଳୀ ଥିଲା, ସେଦିନର କନ୍ୟା ଥିଲା, ମିସରରୁ ଡକା ଯାଇଥିଲା, ଏବଂ ସତ୍ୟ ବୋଲି ପ୍ରମାଣିତ କରା ଯାଇଥିଲା।

103 ଧ୍ୟାନ ଦିଅନ୍ତୁ ଯେତେବେଳେ ସେମାନେ, ସେହି ଦୁଇଜଣ ଏକାଠି ଆସନ୍ତି। ସେମାନେ ଦୁହେଁ ସେହି ସମାନ ବଳିଦାନ ଉତ୍ସର୍ଗ କଲେ, ଉଭୟ ନିର୍ମାଣ କଲେ, ସାତୋଟି ଯଜ୍ଞବେଦୀ ଦେଖିଲେ, ଦୁହେଁ ପରିଷ୍କାର ବଳିଦାନ, ବୃଷ ଉତ୍ସର୍ଗ କରିଥିଲେ। ଏବଂ ଏପରିକି ସେମାନେ ନର ମେଷମାନଙ୍କୁ ମଧ୍ୟ ଉତ୍ସର୍ଗ କଲେ, ଓ ଏହା ସାକ୍ଷ୍ୟ ଦେଉଥିଲେ ଯେ ସେଠାରେ ଜଣେ ମଶୀହ ଆସୁଅଛନ୍ତି। ମୌଳିକ ଭାବରେ, ସେମାନେ ଦୁହେଁ ଅବିକଳ ସମାନ ଥିଲେ। ଇସ୍ରାଏଲ, ସେଠାରେ ତଳେ ଉପତ୍ୟକାରେ; ମୋୟାବ, ଉପରେ ପାହାଡରେ ଥିଲେ। ଏବଂ ମୋୟାବ

ସାତୋଟି ଯଜ୍ଞବେଦି ସହିତ, ଇସ୍ରାଏଲ ସାତୋଟି ଯଜ୍ଞବେଦି ସହିତ। ସାତୋଟି ବଳଦ ସହିତ ମୋୟାବ; ସାତୋଟି ବଳଦ ସହିତ ଇସ୍ରାଏଲ। ସାତୋଟି ନର ମେଷ ସହିତ ମୋୟାବ, ଯାହାକି ଆସୁଥିବା ଖ୍ରୀଷ୍ଟଙ୍କ ବିଷୟରେ କହୁଥିଲା; ସାତୋଟି ନର ମେଷ ସହିତ ଇସ୍ରାଏଲ ଥିଲା।

ସେମାନଙ୍କ ମଧ୍ୟରେ କଅଣ ପାର୍ଥକ୍ୟ ଥିଲା? ମୌଳିକ ଭାବରେ, ଉଭୟ ଠିକ୍ ଥିଲେ। ମାତ୍ର, ଆପଣ ଦେଖନ୍ତୁ, ମୋୟାବଙ୍କ ପାଖରେ ପରମେଶ୍ୱରଙ୍କ ସୁପ୍ରମାଣ ବିଷୟ ନ ଥିଲା; ସେମାନେ କେବଳ ଏକ ରାଷ୍ଟ୍ର ଥିଲେ, ଗଣ୍ୟମାନ୍ୟ ବ୍ୟକ୍ତିଙ୍କର ଏକ ଗୋଷ୍ଠୀ ଥିଲେ। ମାତ୍ର ଇସ୍ରାଏଲ ପାଖରେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ସେମାନଙ୍କ ପାଖରେ ଏକ ପ୍ରହାରିତ ଶୈଳ ଥିଲା। ସେମାନଙ୍କ ପାଖରେ ଏକ ଅଗ୍ନିସ୍ତମ୍ଭ ଥିଲା। ସେମାନଙ୍କ ପାଖରେ ଆରୋଗ୍ୟତା ପାଇଁ, ଏକ ପିତ୍ତଳ ସର୍ପ ଥିଲା। ସେମାନଙ୍କ ପାଖରେ ପରମେଶ୍ୱରଙ୍କ ଆଶୀର୍ବାଦ ସେମାନଙ୍କ ସହିତରେ ଗମନ କରୁଥିବାର ରହିଥିଲା, ଏବଂ ସେମାନେ ପରମେଶ୍ୱରଙ୍କ ଆହ୍ୱାନ-ପ୍ରାପ୍ତ ସନ୍ତାନମାନେ ଥିଲେ।

104 ତେବେ ଆମେମାନେ ଆଜିର ସେହି ମଣ୍ଡଳୀଗୁଡ଼ିକରେ ତାହାକୁ ସିଦ୍ଧ ରୂପେ ନିଦର୍ଶିତ ହେଉଥିବାର ପାଉ। ଯେହେତୁ, ମୋୟାବ ସେପରି ନ ଥିଲା। ଇସ୍ରାଏଲ ତ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ, ଜଣେ ଭ୍ରମଣକାରୀ ଥିଲା; ଯେଉଁଠାରେ ବି ସେହି ଅଗ୍ନିସ୍ତମ୍ଭ ଗମନ କରୁଥିଲା, ସେମାନେ ଏହା ସହିତ ଗମନ କରିଥିଲେ। ମୋୟାବ, ସେପରି ନ ଥିଲେ; ସେମାନେ ତାଙ୍କର ନିଜ ନାମଧାରୀ ସଂସ୍ଥାରେ, ସେମାନଙ୍କର ନିଜ ରାଷ୍ଟ୍ରରେ ବାସ କରୁଥିଲେ। ସେମାନେ ଘୁଞ୍ଚି ନ ଥିଲେ, ସେମାନେ ଠିକ ସେହିଠାରେ ହିଁ ରହିଲେ। ସେମାନଙ୍କର ତାଙ୍କର ଗଣ୍ୟମାନ୍ୟ ଲୋକମାନେ ରହିଥିଲେ। ସେମାନେ ଜିନିଷଗୁଡିକୁ ନିଯୁକ୍ତ କରିଥିଲେ ଯେପରି ସେମାନେ କରିବା ଉଚିତ୍, ଏବଂ ସେମାନଙ୍କ ପାଖରେ ନିଜର ଯୋଦ୍ଧାମାନ ଥିଲେ, ସେମାନଙ୍କ ପାଖରେ ତାଙ୍କର ଲଢୁଆମାନ ଥିଲେ, ସେମାନଙ୍କ ପାଖରେ ତାଙ୍କର ରାଜା ଥିଲେ ଯାହାକି ଥିଲା, ଯେଉଁଠାରୁ ସେମାନେ ତାଙ୍କର ଆଦେଶଗୁଡିକ ପାଉଥିଲେ, ଏବଂ ଇତ୍ୟାଦି ସବୁ।

105 ମାତ୍ର ମୋୟାବ ଇସ୍ରାଏଲକୁ ଏପରି କିଛି ବିଷୟ ସହିତରେ ଦେଖିଥିଲେ ଯାହା ସେମାନଙ୍କ ପାଖରେ ନ ଥିଲା। ସେମାନେ ଇସ୍ରାଏଲ ମଧ୍ୟରେ ଏକ ମହାନ ଶକ୍ତିକୁ ଦେଖିଥିଲେ, ଏବଂ ଏହା ଥିଲା ଜଣେ ଭବିଷ୍ୟଦ୍‌ବକ୍ତା। ଏବଂ ସେହି ଭବିଷ୍ୟଦ୍‌ବକ୍ତା ମୋଶା ଥିଲେ। ଏବଂ ସେମାନେ ଜାଣିଥିଲେ ଯେ ଯେତେବେଳେ ଯୁଦ୍ଧ ପରାଜୟ ଆଡକୁ ଯାଉଥିଲା, ସେମାନେ କେବଳ ତାଙ୍କର ହାତକୁ ଉଠାଇ ସେଠାରେ ଉପରେ ଧରି ରଖିଥିଲେ, ଏବଂ ଯୁଦ୍ଧ ବଦଳି ଯାଉଥିଲା। ତେଣୁ ସେମାନଙ୍କ ପାଖରେ ସେପରି କିଛି ନ ଥିଲା, ତେଣୁକରି ସେମାନେ ଏହାକୁ ରାଜନୀତି ସହିତ, ଏକ ରାଜନୈତିକ ଆକର୍ଷଣ ସହିତ ସମତୁଲ୍ୟ କରିବାକୁ ଚେଷ୍ଟା କରିଥିଲେ। ସେମାନେ ଅନ୍ୟ ଦେଶକୁ ଲୋକ ପଠାଇ ସେଠାରୁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଆସିବା ପାଇଁ ମୂଲ୍ୟ ଦେଇ ନିଯୁକ୍ତ କରିଥିଲେ, ଯେଣୁ ସେମାନଙ୍କ ପାଖରେ ଜଣେ ଭବିଷ୍ୟଦ୍‌ବକ୍ତା ରହିପାରିବେ, ଏବଂ ସେମାନଙ୍କ ମଧ୍ୟରେ ଠିକ ସେହି ଶକ୍ତି ରହିବ

ଯେପରି ଇସ୍ରାଏଲ ମଧ୍ୟରେ ରହିଥିଲା ।

106 କଅଣ ଆପଣ ସେହି ଶାରୀରିକ ତୁଳନାକୁ ଦେଖୁଛନ୍ତି କି? କଅଣ ଆପଣ ଆଜି ସେହି ଶାରୀରିକ ମଣ୍ଡଳୀକୁ ଦେଖିପାରନ୍ତି କି? ଏହା ଠିକ ସେହି ସମାନ କାର୍ଯ୍ୟକୁ ସାଧନ କରିଅଛି ।

107 ଧ୍ୟାନ ଦିଅନ୍ତୁ, ବର୍ତ୍ତମାନ, ସେମାନଙ୍କ ଦୁହିଁଙ୍କ ପାଖରେ ଭବିଷ୍ୟଦ୍‌ବକ୍ତା ରହିବାକୁ ଯାଉଛନ୍ତି । କେବଳ ପାର୍ଥକ୍ୟ ହେଲା ଯେ, ମୋଶା, ଯିଏକି ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ଅଟନ୍ତି, ତାଙ୍କର ରାଜା ପରମେଶ୍ୱର ଥିଲେ । ସେହିଠାରୁ ହିଁ ଅଟେ ଯେଉଁଠାରୁ ସେ ତାଙ୍କର ଆଦେଶମାନ, ପ୍ରଭୁଙ୍କ ବାକ୍ୟ ପାଉଥିଲେ । ଏବଂ ବିଲିୟାମ, ସେ ମଧ୍ୟ, ତାଙ୍କର ଜଣେ ରାଜା ଥିଲା, ଏବଂ ସେହି ରାଜା ବାଲାକ ଥିଲେ, ମୋୟାବର ରାଜା, ଏବଂ ସେହିଠାରୁ ହିଁ ସେ ତାଙ୍କର ଆଦେଶ ଓ ଆଶୀର୍ବାଦମାନ ପାଉଥିଲେ । ତେଣୁ ମୋୟାବ ବାଲାକକୁ କହିଲା, "ଏଠାରେ ତଳକୁ ଆସ," ଅବା ବିଲିୟାମ୍‌କୁ, କହିଲେ, "ଏଠାକୁ ଆସି ମୋ ପାଇଁ ଏହି ଲୋକମାନଙ୍କୁ ଅଭିଶାପ ଦିଅ, କାରଣ ସେମାନେ ସମଗ୍ର ପୃଥିବୀକୁ ବ୍ୟାପୀ ଯାଉଛନ୍ତି । ସେମାନେ କେବଳ ଆସନ୍ତି ଓ ସବୁକିଛି ବିଷୟକୁ ଖାଇ ସାରି ଦିଅନ୍ତି ଯେପରି ଗୋଟିଏ ବଳଦ ଘାସ ଖାଇଥାଏ ।" କହିଲେ, "ବର୍ତ୍ତମାନ ତଳକୁ ଆସ । ଏବଂ ମୁଁ ବୁଝୁଛି ଯେ ତୁମେ ଅଭିଶାପ ଦେଇପାର, ତୁମେ ଆଶୀର୍ବାଦ କରିପାର, ତୁମେ ଯାହା ବି କର ତାହା ସ୍ୱୀକୃତିପ୍ରାପ୍ତ ହୋଇଥାଏ ।"

108 ତେବେ, ଆମେମାନେ ଏହା ଲକ୍ଷ୍ୟ କରିବାକୁ ଚାହୁଁଛୁ ଯେ ଏହି ବ୍ୟକ୍ତିଜଣକ ପରମେଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ମାତ୍ର ସେ ରାଜନୈତିକ କାରଣରୁ ନିଜର ଜନ୍ମ ଅଧିକାରକୁ ବିକ୍ରୟ କରି ଦେଇଥିଲେ । ଠିକ ଯେପରିକି ଆଜି ମଣ୍ଡଳୀ କରିଥାଏ, ଯେପରି ଲୁଥର୍, ୱେସ୍‌ଲି, ପେଣ୍ଟିକଷ୍ଟ, ଏବଂ ସେମାନଙ୍କ ସମଗ୍ର ଗୋଷ୍ଠୀ କରିଥାନ୍ତି, ସେମାନଙ୍କ ସଂଗଠନରେ ଆକର୍ଷଣ ପାଇଁ ଏହାକୁ ବିକ୍ରୟ କରି ଦେଇଥାନ୍ତି । ମୋଶା, ପରମେଶ୍ୱରଙ୍କ ଅଧୀନରେ; ବିଲିୟାମ୍, ବାଲାକଙ୍କ ଅଧୀନରେ । ତଥାପି, ଉଭୟ ଭବିଷ୍ୟଦ୍‌ବକ୍ତାମାନେ ପରମେଶ୍ୱରଙ୍କର ଆହୂତ-ପ୍ରାପ୍ତ ଲୋକ ଥିଲେ, ଏବଂ ଉଭୟ ଆତ୍ମିକ ଥିଲେ । ସେହି ପାର୍ଥକ୍ୟକୁ ଧ୍ୟାନ ଦିଅନ୍ତୁ । ପ୍ରତ୍ୟେକଙ୍କର ଜଣେ ମସ୍ତକ ଥିଲା: ମୋଶାଙ୍କର ପରମେଶ୍ୱର ଥିଲେ, ବିଲିୟାମଙ୍କର ଥିଲେ ବାଲାକ ।

109 ଏଠାରେ ଧ୍ୟାନ ଦିଅନ୍ତୁ ଯେ କିପରି ସେହି ଆତ୍ମିକ ବିଷୟକୁ ପ୍ରୟୋଗ କରାଯାଏ, ଯେପରିକି ସେହି ପ୍ରାକୃତିକ ବିଷୟକୁ ଭୁଲ ପ୍ରମାଣ କରାଯାଏ । ମୋଶା, ପରମେଶ୍ୱରଙ୍କ ଦ୍ୱାରା ପ୍ରେରିତ, କର୍ତ୍ତବ୍ୟର ପଥରେ, ଅନ୍ୟ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ସାକ୍ଷାତ କରା ହୋଇ ଆହ୍ୱାନ କରାଗଲେ । କଅଣ ଆପଣ ତାହା କଳ୍ପନା କରିପାରନ୍ତି କି! ମୋଶା, ପରମେଶ୍ୱରଙ୍କ ଦ୍ୱାରା ଆହ୍ୱାନପ୍ରାପ୍ତ, ପରମେଶ୍ୱରଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ, ପରମେଶ୍ୱରଙ୍କ କର୍ତ୍ତବ୍ୟ ପଥରେ ଛିଡା ହୋଇଥିଲେ; ଏହି ଶୀତଳ, ଆନୁଷ୍ଠାନିକ ଗୋଷ୍ଠୀ ମଧ୍ୟକୁ ଚାଲିଗଲେ, ଏବଂ ପରମେଶ୍ୱରଙ୍କ ଅନ୍ୟ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ଆହ୍ୱାନ ଦାବୀ କରାଗଲେ, ଯାହା ପରମେଶ୍ୱର ଆଶୀର୍ବାଦ କରିଥିଲେ ଏବଂ ନିଯୁକ୍ତ କରିଥିଲେ । ଆପଣ ପାର୍ଥକ୍ୟକୁ

କିପରି କହିବେ? ଉଭୟଙ୍କ ପାଖରେ ଭବିଷ୍ୟଦ୍‌ବକ୍ତାମାନ ରହିଥିଲେ । ପରମେଶ୍ୱର ଉଭୟ ଭବିଷ୍ୟଦ୍‌ବକ୍ତାଙ୍କ ସହିତ କଥାବାର୍ତ୍ତା କରିଥିଲେ ।

110 ଏବଂ ସେମାନଙ୍କ ମଧ୍ୟରୁ କେତେକ କୁହନ୍ତି, "ପରମେଶ୍ୱର କହିଲେ, '*ଏହା* କର ।' ପରମେଶ୍ୱର କହିଲେ, '*ତାହା* କର ।'" ତେବେ, ମୁଁ ତାହା ପ୍ରଶ୍ନ କରେ ନାହିଁ, ମାତ୍ର ଏହା ପରମେଶ୍ୱରଙ୍କ ବାକ୍ୟର ଧାଡି ବାହାରେ । ସେହି ଭବିଷ୍ୟଦ୍‌ବକ୍ତା, ଯାଏ ଆସେ ନାହିଁ ଯେ ସେ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି କି ନୁହେଁ, ସେ ଧାଡ଼ିରୁ ବାହାରେ ଅଟନ୍ତି । ଅନେକ ଲୋକମାନେ ସେହିପରି ଭବରେ ପ୍ରତାରିତ ହୋଇଥାଆନ୍ତି । "ଓଃ, *ଏହି* ଭାଇ *ଏହା* କରିପାରେ, ଏବଂ *ଏହି* ଭାଇ *ତାହା* କରିପାରେ," ଏବଂ ବାକ୍ୟକୁ ଅସ୍ୱୀକାର କରିପାରନ୍ତି?

111 "ଯଦିଓ ମୁଁ ମନୁଷ୍ୟ ଏବଂ ଦୂତମାନଙ୍କ ଭାଷାରେ କଥା କୁହେ, ଯଦିଓ ମୋ ଠାରେ ବରଦାନ ରହିଥାଏ, ଯେ ମୁଁ ପର୍ବତଗୁଡ଼ିକୁ ଘୁଞ୍ଚାଇ ଦେଇପାରେ, ଯଦିଓ ମୁଁ ମୋର ସମସ୍ତ ସାମଗ୍ରୀକୁ ଦରିଦ୍ର ଲୋକମାନଙ୍କୁ ଖାଇବାକୁ ଦେଇ ଦିଏ, ତଥାପି ମୁଁ କିଛି ନୁହେଁ ।"

"ସେଦିନ ଅନେକ ଲୋକ ମୋ ପାଖକୁ ଆସିବେ, ଏବଂ କହିବେ, 'ପ୍ରଭୁ, ପ୍ରଭୁ, କଅଣ ମୁଁ ତୁମ ନାମରେ ଭବିଷ୍ୟତ୍‌ବାଣୀ କରି ନାହିଁ କି? କଅଣ, ତୁମ ନାମରେ, ମୁଁ ଭୂତମାନଙ୍କୁ ବାହାର କରି ନାହିଁ ଓ ଏବଂ ଶକ୍ତିଯୁକ୍ତ କାର୍ଯ୍ୟ କରି ନାହିଁ କି?' ଏବଂ ମୁଁ ସେମାନଙ୍କୁ କହିବି, 'ଦୂର ହୁଅ, ତୁମେ...ହେ ଅଧର୍ମାଚାରୀମାନେ, ମୋ ଠାରୁ ଦୂର ହୁଅ । ମୁଁ ତୁମକୁ କଦାପି ଜାଣି ହିଁ ନ ଥିଲି ।'" ତଥାପି, ସେମାନେ ଏକ ସ୍ୱୀକାରୋକ୍ତି ସହିତ ଆସନ୍ତି ଯେ ସେମାନେ ଏହା କରିଛନ୍ତି, ମାତ୍ର ଯୀଶୁ କହିଲେ ଯେ ସେମାନେ ଅଧର୍ମାଚାରୀ ଅଟନ୍ତି । ଅଧର୍ମାଚରଣ କଅଣ ଅଟେ? ଏପରି କିଛି ଯାହାକି ଆପଣଙ୍କୁ କରିବା ଉଚିତ ବୋଲି ଆପଣ ଜାଣନ୍ତି, ଯାହା କରିବା ସଠିକ୍ ଅଟେ, ଏବଂ ତଥାପି ଆପଣ ତାହା କରନ୍ତି ନାହିଁ । ଦେଖନ୍ତୁ ଯେ ଶେଷ ଦିନରେ ଏହା କଅଣ ହେବାକୁ ଯାଉଅଛି?

112 ସେହି ସମ୍ପୂର୍ଣ୍ଣ ପଂକ୍ତିକୁ ଶୁଣନ୍ତୁ! ଆଜି ରାତି ମୋର ଉଦ୍ଦେଶ୍ୟ ତାହା ଥିଲା । ମୁଁ କହିଲି ଯେ ମୁଁ ନଅଟା ବେଳକୁ ବାହାରି ଯିବି, ମାତ୍ର ହୋଇପାରେ ଯେ, ମୁଁ ଟିକିଏ ପରେ ଯିବାକୁ ଯାଉଅଛି । ଦେଖନ୍ତୁ, ତାହାହିଁ ମୋର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଥିଲା, ଯେ ଆପଣଙ୍କୁ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା, ଏହି ପଂକ୍ତିକୁ ଦେଖାଏ, ଦେଖନ୍ତୁ, ଯେ—ଯେ ପରମେଶ୍ୱରଙ୍କୁ ପରମେଶ୍ୱର ହୋଇ ରହିବା ପାଇଁ ତାହାଙ୍କର ବାକ୍ୟକୁ ରକ୍ଷା କରିବାକୁ ଅଛି ।

113 ତେବେ, ଆମେମାନେ ଲକ୍ଷ୍ୟ କରୁ ଯେ ଏହି ଦୁଇଜଣ ବ୍ୟକ୍ତି ଆତ୍ମିକ ବ୍ୟକ୍ତିମାନେ ଥିଲେ, ଉଭୟ ଭବିଷ୍ୟଦ୍‌ବକ୍ତା ଥିଲେ, ଉଭୟେ ଆହ୍ୱାନପ୍ରାପ୍ତ ଥିଲେ । ଏବଂ ମୋଶା, ଠିକ କର୍ତ୍ତବ୍ୟର ପଥରେ, ପ୍ରତ୍ୟେକ ଦିନ ତାଙ୍କ ସମ୍ମୁଖରେ ଏକ ନୂତନ ଅଗ୍ନିସ୍ତମ୍ଭ ସହିତ, କର୍ତ୍ତବ୍ୟର ପଥରେ, ପରମେଶ୍ୱରଙ୍କ ଆତ୍ମା ତାଙ୍କ ଉପରେ ରହିଥିଲା । ଏଠାରେ ପରମେଶ୍ୱରଙ୍କ ଆଉ ଜଣେ ସେବକ ଆସନ୍ତି, ପରମେଶ୍ୱରଙ୍କ ଆହ୍ୱାନପ୍ରାପ୍ତ, ପରମେଶ୍ୱରଙ୍କ ଦ୍ୱାରା ନିଯୁକ୍ତ, ଜଣେ ଭବିଷ୍ୟଦ୍‌ବକ୍ତା ଯାହାଙ୍କ ପାଖକୁ ପରମେଶ୍ୱରଙ୍କ ବାକ୍ୟ ଆସେ । ଏଠାରେ ସେହି ବିପଦଜନକ

ରେଖା ଅଛି । ସେଠାରେ କୌଣସି ବିବାଦ ନାହିଁ ଯେ ସେହି ବ୍ୟକ୍ତି ପରମେଶ୍ୱରଙ୍କର—ପରମେଶ୍ୱରଙ୍କର ଥିଲେ, କାରଣ ବାଇବଲ କୁହେ ଯେ ପରମେଶ୍ୱରଙ୍କ ଆତ୍ମା ତାଙ୍କ ସହିତ କଥା ହୋଇଥିଲେ, ଏବଂ ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ମାତ୍ର, ଆପଣ ଦେଖନ୍ତୁ, ଯେତେବେଳେ ସେ ପରମେଶ୍ୱରଙ୍କଠାରୁ ପ୍ରକୃତ ଉତ୍ତର ପାଇଲେ, ସେ ଏହାକୁ ରକ୍ଷା କରି ନ ଥିଲେ । ସେ ଏହାକୁ ଲକ୍ଷ୍ୟ କରି ନ ଥିଲେ, ତାହାପରେ ସେ ମୋଶାଙ୍କୁ ଆହ୍ୱାନ କରିବା ପାଇଁ ଦାବୀଦାର ହେବାକୁ ଗଲେ ।

114 ତେବେ, ବିଲିୟାମ ଆପଣା ସମସ୍ତ ହୃଦୟ ସହିତ, ପରମେଶ୍ୱରଙ୍କ ଇଚ୍ଛାକୁ ଅନ୍ୱେଷଣ କଲେ । ବର୍ତ୍ତମାନ, ଯେତେବେଳେ ଏହି ମହାନ ବ୍ୟକ୍ତି ଆସି କହିଲେ, "ବିଲିୟାମ! ବାଲାକ ରାଜା କହି ପଠାଇଛନ୍ତି, ଯେ ଆପଣ ତୁରନ୍ତ ତାଙ୍କ ନିକଟକୁ ଆସି ଏହି ଇସ୍ରାଏଲ ଲୋକମାନଙ୍କୁ ଅଭିଶାପ ଦିଅନ୍ତୁ, କାରଣ ସେମାନେ ପୃଥିବୀର ଚାରିଆଡ଼େ ବ୍ୟାପ୍ତ ହୋଇ ରହିଛନ୍ତି, ଏବଂ ବର୍ତ୍ତମାନ ସେମାନେ ମୋ ବିରୁଦ୍ଧରେ ଛାଉଣି ପକାଇଛନ୍ତି । ଏବଂ ସେମାନେ ସେଠାରେ ତଳେ ଥିବା, ପ୍ରତ୍ୟେକ ରାଜ୍ୟକୁ ସର୍ବନାଶ କରି ଦେଇଛନ୍ତି । ଏବଂ ବର୍ତ୍ତମାନ ଆମେମାନେ ଚାହୁଁ ଯେ ଆପଣ ଆସି ଏହି ଲୋକମାନଙ୍କୁ ଅଭିଶାପ ଦିଅନ୍ତୁ । କାରଣ, ମୁଁ ବୁଝିପାରୁଛି ଯେ ଯଦି ଆପଣ କାହାରିକୁ ଅଭିଶାପ ଦିଅନ୍ତି, ତେବେ ସେ ଅଭିଶପ୍ତ ହୋଇଥାଏ ।" ତେବେ, ଆପଣ ଦେଖନ୍ତୁ, ସେ ପରମେଶ୍ୱରଙ୍କ ଜଣେ ଲୋକ ଥିଲେ । "ତୁମେ ଯାହା ଆଶୀର୍ବାଦ କର, ତାହା ଆଶୀଷିତ ହୁଏ ।" ସେ ପରମେଶ୍ୱରଙ୍କର ଜଣେ ସେବକ ଥିଲେ ।

115 ଏବଂ ବିଲିୟାମ୍ ଜଣେ ଭବିଷ୍ୟଦ୍‌ବକ୍ତା ହୋଇଥିବା ହେତୁରୁ, ବର୍ତ୍ତମାନ ଭାବିଲେ, "ମୋ ପାଇଁ କରିବାକୁ କେବଳ ଗୋଟିଏ ବିଷୟ ଅଛି, ଏବଂ ତାହା ହେଲା ପରମେଶ୍ୱରଙ୍କ ଇଚ୍ଛା କଅଣ ଅନ୍ୱେଷଣ କରିବା ।"

116 ତାହା ଜଣେ ଭବିଷ୍ୟଦ୍‌ବକ୍ତାଙ୍କର କର୍ତ୍ତବ୍ୟ ଅଟେ, ଯଦି ସେ ଜଣେ ଭବିଷ୍ୟଦ୍‌ବକ୍ତା ହେବା ନିମନ୍ତେ ଡକା ଯାଇଛନ୍ତି । ପ୍ରଥମେ, ଜଣେ ଭବିଷ୍ୟଦ୍‌ବକ୍ତା କଅଣ କରିବା ଉଚିତ୍? ତାହା ହେଲା ସେହି ଇଚ୍ଛା, ପରମେଶ୍ୱରଙ୍କ ବାକ୍ୟ ଅନ୍ୱେଷଣ କରିବା । ତାକୁ ଏହା ନିଶ୍ଚୟ କରିବାକୁ ଅଛି । କାରଣ, ଜଣେ ଭବିଷ୍ୟଦ୍‌ବକ୍ତା ହୋଇଥିବା ହେତୁ, ପରମେଶ୍ୱରଙ୍କ ବାକ୍ୟ ତାଙ୍କ ନିକଟକୁ ଆସେ । ସେହି…ସେମାନେ କୁହନ୍ତି, "ତେବେ, ଆପଣ ଜଣେ ଧର୍ମଶାସ୍ତ୍ରୀ ନୁହଁନ୍ତି ।" ବାଇବଲ ଏହା କଦାପି କୁହେ ନାହିଁ ଯେ ପରମେଶ୍ୱରଙ୍କ ବାକ୍ୟ ଜଣେ ଧର୍ମଶାସ୍ତ୍ରୀଙ୍କ ନିକଟକୁ ଆସେ । ସେମାନେ ହିଁ ସେହି ଜଣକା ଅଟନ୍ତି ଯେଉଁମାନେକି ଏହାକୁ ଗୋଳମାଳ କରନ୍ତି । ସେହି ବାକ୍ୟ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଆସେ ।

117 ଏବଂ ଏଠାରେ ଜଣେ ବ୍ୟକ୍ତି ଥିଲେ ଯିଏକି ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ଥିଲେ । ଏବଂ ଯେତେବେଳେ ତାଙ୍କୁ ନିଯୁକ୍ତି ଦିଆଗଲା, ନିଯୁକ୍ତି ପାଇଁ ଡକାଗଲା, ଯେ ଆସି ପରମେଶ୍ୱରଙ୍କ ଅନ୍ୟ ଲୋକମାନଙ୍କୁ ଅଭିଶାପ ଦିଅନ୍ତୁ, ଧ୍ୟାନ ଦିଅନ୍ତୁ, ସେ ପରମେଶ୍ୱରଙ୍କ ଇଚ୍ଛା ଅନ୍ୱେଷଣ କରିବାକୁ ଗଲେ । ଏବଂ ସେ ତାହାଙ୍କର ସିଦ୍ଧ ଇଚ୍ଛା ଜାଣିବାକୁ ଚାହୁଁଥିଲେ, ଏବଂ ପରମେଶ୍ୱର

ତାଙ୍କୁ ସେହି ମାମଲାରେ ତାହାଙ୍କର ସିଦ୍ଧା ଇଚ୍ଛା ଦେଲେ। ତାହାଙ୍କର ସିଦ୍ଧ ଇଚ୍ଛା ତାଙ୍କଠାରେ ଉପସ୍ଥାପିତ କରାଗଲା। ତାହାଙ୍କର ଇଚ୍ଛା କଅଣ ଥିଲା? "ତୁମେ ଯାଅ ନାହିଁ!" ତାହା ପରମେଶ୍ୱରଙ୍କ ପ୍ରଥମ ବାକ୍ୟ ଥିଲା। "ସେମାନଙ୍କ ସହିତ ଯାଅ ନାହିଁ। ମୋର ସିଦ୍ଧ ପଥରେ ଗମନ କରୁଥିବା ମୋର ଲୋକମାନଙ୍କୁ, ତୁମେ ଆକ୍ରମଣ କରିବାକୁ ଚେଷ୍ଟା କର ନାହିଁ।"

118 ତାହା ଆଜି କିପରି ଅଟେ, ଯେ ସେମାନେ କଳି ଝଗଡା, ତର୍କ ବିତର୍କ ଏବଂ ଅନ୍ୟ ସବୁକିଛି କରିବାକୁ ଚାହାଁନ୍ତି, ଯେତେବେଳେ ସେମାନେ ଆପଣଙ୍କ ମଧ୍ୟରେ ପରମେଶ୍ୱରଙ୍କ ଆତ୍ମାଙ୍କୁ କାର୍ଯ୍ୟ କରୁଥିବାର ଦେଖନ୍ତି। ଏବଂ ସେମାନେ ଏହାକୁ ଧୂଳିସାତ୍ କରିବା ପାଇଁ, ଚେଷ୍ଟା କରୁଛନ୍ତି, ସେମାନେ ଏହାକୁ ଅନେକ ବର୍ଷ ହେବ ଚେଷ୍ଟା କରିଅଛନ୍ତି। ମାତ୍ର ସେମାନେ ଏହାକୁ ଯେତେ ଅଧିକ ଧୂଳିସାତ୍ କରିବାକୁ ଚେଷ୍ଟା କରନ୍ତି, ଏହା ସେତେ ଅଧିକ ବଢି ଉଠିଥାଏ। ପରମେଶ୍ୱର ଯାହା ଆଶୀର୍ବାଦ କରିଛନ୍ତି ଆପଣ ତାକୁ ଅଭିଶାପ ଦେଇପାରନ୍ତି ନାହିଁ। ଆପଣ କରି ହିଁ ପାରନ୍ତି ନାହିଁ। ଆପଣ କେବଳ ତାହା କରି ହିଁ ପାରନ୍ତି ନାହିଁ।

119 ତେଣୁ, ଆପଣ ଦେଖନ୍ତୁ, ତାହା ପରମେଶ୍ୱରଙ୍କ ଲୋକମାନେ ଥିଲେ। ତେବେ, ସେହି ଭବିଷ୍ୟଦ୍‌ବକ୍ତା, ଯଦିଓ ସେ ସେଠାରେ ଥିଲେ ଏବଂ ରାଜାଙ୍କ ଦ୍ୱାରା ନିଯୁକ୍ତ କରା ହୋଇଥିଲେ, ଗଣ୍ୟମାନ୍ୟ ଲୋକମାନଙ୍କ ମଧ୍ୟରେ ଓ ପ୍ରଭୃତି ସବୁରେ କାର୍ଯ୍ୟ କରିଥିଲେ। ଏବଂ ପରମେଶ୍ୱରଙ୍କ ବାକ୍ୟ ତାଙ୍କ ନିକଟକୁ ଆସିଲା। ସେ ପରମେଶ୍ୱରଙ୍କ ଇଚ୍ଛା ଅନ୍ୱେଷଣ କରିଥିଲେ, ଏବଂ ପରମେଶ୍ୱରଙ୍କ ଇଚ୍ଛା ତାଙ୍କୁ ପ୍ରତ୍ୟୁତ୍ତରରେ, କହିଲା, "ଏହି ଲୋକମାନଙ୍କୁ ଅଭିଶାପ ଦିଅ ନାହିଁ। ମୁଁ ସେମାନଙ୍କୁ ଆଶୀର୍ବାଦ କରିଅଛି।"

120 ବର୍ତ୍ତମାନ ସେଠାରେ ଆକାଶ ତଳେ ଏପରି ଜଣେ ହେଲେ ଧର୍ମଶାସ୍ତ୍ରୀ ନାହାଁନ୍ତି ଯିଏକି ଏହି ବାର୍ତ୍ତାକୁ ଯାହା ଆମେମାନେ ପ୍ରଚାର କରୁଅଛୁ ଅସ୍ୱୀକାର କରିପାରନ୍ତି, ମାତ୍ର ଏହା ତ ସବୁ ସମୟରେ ଅବିକଳ ପରମେଶ୍ୱରଙ୍କ ବାକ୍ୟ ହିଁ ଅଟେ। ପରମେଶ୍ୱର ସେସବୁ କିଛି ବିଷୟରେ ଯାହା କୁହାଯାଇଛି ବା କରାଯାଇଛି ପ୍ରମାଣିତ ହୋଇଅଛନ୍ତି, ସେ ଏହାକୁ ଠିକ୍ ବୋଲି ପ୍ରମାଣ କରିଅଛନ୍ତି। ତେବେ, ସେଠାରେ କୌଣସି ଧର୍ମଶାସ୍ତ୍ରୀ ନାହାଁନ୍ତି, କୌଣସି ବାଇବଲ ପାଠକ ନାହାଁନ୍ତି, କୌଣସି ଭବିଷ୍ୟଦ୍‌ବକ୍ତା ନାହାଁନ୍ତି, ଯିଏକି ସେହି ବାକ୍ୟରେ ଦେଖିପାରନ୍ତି, ଯଦି ସେ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି, ତେବେ ସେ ସେହି ସମାନ ବିଷୟକୁ ଦେଖିବେ। ମାତ୍ର ଯଦି ସେ ସେହି ସମାନ ବିଷୟକୁ ଦେଖୁ ନାହାଁନ୍ତି, ତାହାହେଲେ ଏହା ସେହି ବିଷୟକୁ ଦର୍ଶାଏ ଯେ ସେଠାରେ କିଛି ଗୋଟାଏ ଭୁଲ୍ ଅଛି। କାରଣ…

121 ଆପଣ କୁହନ୍ତି, "ତେବେ, ଓଃ, ମୁଁ ଏହାକୁ ବିପରୀତ ଭାବରେ ନେଇପାରିବି।" ଠିକ ସେହିପରି ଭାବରେ ବାଲାକ, ବିଲିୟାମ୍ ମଧ୍ୟ କରିପାରିଥିଲେ। ବୁଝିଲେ? ମାତ୍ର ପରମେଶ୍ୱର ମୋଶାଙ୍କୁ ଚିହ୍ନଟ କରିଥିଲେ।

ଏବଂ ତେବେ ଏହାର ପ୍ରମାଣ କଅଣ ଥିଲା? ପରମେଶ୍ୱରଙ୍କ ବାକ୍ୟ। ଏବଂ ସେ ପରମେଶ୍ୱରଙ୍କ ସରଳ, ସୀଧା-ସଳଖ ନିଷ୍ପତ୍ତି ଶୁଣିଲେ, "ତୁମେ ଯାଅ ନାହିଁ। ଯାହାକୁ—

ଯାହାକୁ ମୁଁ ଆଶୀର୍ବାଦ କରିଛି ତାକୁ ଅଭିଶାପ ଦେବାକୁ ଚେଷ୍ଟା କର ନାହିଁ । ସେମାନେ ମୋର ଲୋକମାନେ ଅଟନ୍ତି ।"

ମାତ୍ର କଅଣ ଆପଣ ଜାଣନ୍ତି? ବିଲିୟାମ୍ ତ ଆରମ୍ଭରୁ ହିଁ, ସେହି ଲୋକମାନଙ୍କୁ ପସନ୍ଦ କରୁ ନ ଥିଲେ । ଓଃ, କି ଏକ...ଆଜି ଜଗତରେ କେତେ ବିଲିୟାମ୍‌ମାନେ ଅଛନ୍ତି! ସେ ତ ଆରମ୍ଭରୁ ହିଁ, ସେହି ଗୋଷ୍ଠୀକୁ ପସନ୍ଦ କରୁ ନ ଥିଲେ ।

122 ତେବେ, ସେ ପରମେଶ୍ୱରଙ୍କ ସୀଧା-ସଳଖ ନିଷ୍ପତ୍ତି ପାଇବା ପରେ ଯେ, "ତୁମେ ଯାଅ ନାହିଁ," ମାତ୍ର, ଆପଣ ଦେଖନ୍ତୁ, ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ, ଏହା ତ ଠିକ ସେହି ସମାନ ବିଷୟ ଥିଲା ଯେପରିକି କୟିନ, ଯେପରିକି କୋରହଙ୍କ ସହିତରେ ଥିଲା, ସେ ଇର୍ଷାଳୁ ହୋଇଥିଲେ, ଏବଂ ସେ—ସେ ତ ଯେପରି ଭାବରେ ବି, ଏକ ବାହାନା କରି, ଯିବାକୁ ଚାହୁଁଥିଲେ ।

123 ଧ୍ୟାନ ଦିଅନ୍ତୁ, ତାଙ୍କର ନାମଧାରୀ ମୂଖ୍ୟାଳୟ, ସେ ସେହି ଖବର ପଠାଇବା ପରେ, କହିଥିଲେ, "ନା, ମୁଁ ବିଶ୍ୱାସ କରେ ନାହିଁ ଯେ ମୁଁ ତଳକୁ ଯିବି । ମୁଁ ଭାବୁ ନାହିଁ ଯେ ମୋର ସେମାନଙ୍କ ସହିତରେ କିଛି କରିବାର ଅଛି । ମୁଁ ସେହି ଲୋକମାନଙ୍କ ସହିତ ବାଦାନୁବାଦ କରିବି ନାହିଁ, କାରଣ ପରମେଶ୍ୱର ମୋତେ କହି ସାରିଛନ୍ତି ଯେ ସେମାନେ ତାହାଙ୍କର ଲୋକମାନେ ଅଟନ୍ତି, ଏବଂ ମୁଁ ଭାବୁ ନାହିଁ ଯେ ମୁଁ ଯିବି ।" ଯଦି ସେ ତାହା ସହିତରେ ରହିଥାଆନ୍ତେ!

କିନ୍ତୁ, ତାଙ୍କ ହୃଦୟର ଗଭୀରରେ, ସେ ସେମାନଙ୍କୁ ପସନ୍ଦ କରୁ ନ ଥିଲେ । ବୁଝିଲେ? ସେମାନେ ତାଙ୍କ ଗୋଷ୍ଠୀର ନ ଥିଲେ । ଏବଂ ଯାହାକିଛି ବିଷୟ ତାଙ୍କ ଗୋଷ୍ଠୀର ନ ଥିଲା, "ଆରମ୍ଭରୁ ହିଁ, ତାହା ଭଲ ନ ଥିଲା ।" ବୁଝିଲେ? ଏବଂ ସେ ସେମାନଙ୍କୁ ତଳେ ଅନାଇ, କହିଲେ, "ସେଠାରେ ସେହି ଲୋକମାନେ କେତେକ ଭୟଙ୍କର ବିଷୟ କରିଅଛନ୍ତି । ନିଶ୍ଚିତରେ ଜଣେ ପବିତ୍ର ପରମେଶ୍ୱର ସେହିପରି ଲୋକମାନଙ୍କୁ ଅଭିଶାପ ଦେବେ । ସେମାନେ—ସେମାନେ ଅଶିକ୍ଷିତ ଅଟନ୍ତି । ସେମାନେ ଆମ ପରି ଶିକ୍ଷିତ ନୁହଁନ୍ତି । ଆମେମାନେ ତ ଏକ ଅଧିକ ପ୍ରଖର ବୁଦ୍ଧିର ଲୋକମାନେ ଅଟୁ । ଓଃ, ସେମାନେ ପରମେଶ୍ୱରଙ୍କ ସେବା କରନ୍ତି ବୋଲି ଦାବି କରନ୍ତି, ମାତ୍ର, ସେମାନଙ୍କୁ ଦେଖନ୍ତୁ, ସେମାନେ କଅଣ ଅଟନ୍ତି? ଏକ ସମଷ୍ଟି, କାହିଁକି, କାଦୁଅ-ଚକଟୁ ଥିବାର, କ୍ରୀତ ଦାସମାନଙ୍କର ଏକ ସମୂହ, ଯାହାକୁ ମିସରୀୟମାନେ ସେଠାରେ ଅତ୍ୟାଚାର କରୁଥିଲେ । କାହିଁକି, ପରମେଶ୍ୱର ତ କଦାପି ସେହିପରି ଏକ ଅପରିଷ୍କାର ସମୂହ ସହିତ କୌଣସି ସମ୍ପର୍କ ରଖିବେ ନାହିଁ!"

124 ସେ ସେହି ପ୍ରହାରିତ ଶୈଳ ଏବଂ ସେହି ପିତ୍ତଳ ସର୍ପ, ସେହି ଅଗ୍ନିସ୍ତମ୍ଭକୁ ଦେଖିବାରେ ବିଫଳ ହୋଇଥିଲେ । ସେ ସେମାନଙ୍କୁ ଏକ ନୈତିକ ଦୃଷ୍ଟିକୋଣରୁ ବିଚାର କରିବାକୁ ଚେଷ୍ଟା କରିଥିଲେ । ସେ ପରମେଶ୍ୱରଙ୍କ ସେହି ଅଧିକ ଉଚ୍ଚତର ଆହ୍ୱାନକୁ ଦେଖିବାରେ ବିଫଳ ହୋଇଥିଲେ । ଅନୁଗ୍ରହ ଦ୍ୱାରା, ନିର୍ବାଚନ ଦ୍ୱାରା, ସେମାନେ ସେହି କର୍ତ୍ତବ୍ୟପଥରେ ଥିଲେ,

ଏବଂ ପରମେଶ୍ୱରଙ୍କ ବାକ୍ୟ ସହିତରେ ଥିଲେ। ଏବଂ ଯେତେବେଳେ ସେ ସେମାନଙ୍କୁ ଅଭିଶାପ ଦେବାକୁ ଚାହିଁଲେ, ପରମେଶ୍ୱର କହିଲେ, "ତୁମେ ତାହା କର ନାହିଁ। ସେମାନେ ମୋର ଅଟନ୍ତି। ସେମାନଙ୍କୁ ଏକାକୀ ଛାଡିଦିଅ। ତୁମେ ସେମାନଙ୍କୁ ସ୍ପର୍ଶ କର ନାହିଁ।"

125 ତେବେ, ତେଣୁକରି ସେହି ବ୍ୟକ୍ତିଟି ବୁଲି ପଡି, ଫେରିଗଲେ। ବର୍ତ୍ତମାନ ସେତେବେଳେ ତାଙ୍କର ନାମଧାରୀ ମୂଖ୍ୟାଳୟକୁ ଦେଖନ୍ତୁ, ଯଦିଓ, ଯେତେବେଳେ ସେ ଫେରି ଆସନ୍ତି। ସେମାନେ ଏକ ଅଧିକ ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ପଠାଇଲେ। ଏଥରକ ସେମାନେ ହୁଏତ କିଛି ଗୋଟାଏ ହୋଇଥିବେ, କେବଳ ନିୟମିତ ସାଧାରଣ ବ୍ୟକ୍ତିମାନଙ୍କ ବଦଳରେ, ହୁଏତ ସେମାନେ ଏଥର ଈଶ୍ୱରତତ୍ତ୍ୱ ଶାସ୍ତ୍ରର ଡାକ୍ତର ଉପାଧିପ୍ରାପ୍ତ ଲୋକମାନେ ହୋଇଥିବେ। ସେମାନେ ହୁଏତ ବିଶପ୍‌ମାନେ ହୋଇଥିବେ, କିମ୍ୱା ବୋଧହୁଏ ରାଜ୍ୟ ପ୍ରେସ୍‌ବାଇବଟରମାନେ ହୋଇଥିବେ…ସେ ଏକ—ଏକ—ଏକ ଅଧିକ ଉତ୍ତମ ଗୋଷ୍ଠୀ, ଏବଂ ଏକ—ଏକ ଟିକିଏ ଅଧିକ ପ୍ରଭାବଶାଳୀ ଗୋଷ୍ଠୀକୁ ପଠାଇଲେ, ଏପରି କାହାରିକୁ ଯାହାରକି ଟିକିଏ ଅଧିକ ଉତ୍ତମ ଶିକ୍ଷା ରହିଥିଲା ଏବଂ ଯିଏକି ତାଙ୍କଥାରେ ସେହି ଯୋଜନାକୁ ଅଧିକ ଭଲ ଭାବରେ ଉପସ୍ଥାପିତ କରିପାରିବେ, ଏହାକୁ ଯୁକ୍ତିଯୁକ୍ତ କରିପାରିବେ।

126 ଦେଖନ୍ତୁ, ତାହାହିଁ ଥିଲା ଯାହାକି କୟିନ କରିଥିଲେ; ସେ ତର୍କ କରିଥିଲେ। ତାହାହିଁ ଥିଲା କୋରହ କରିଥିଲେ; ସେ ତର୍କ କରିଥିଲେ। ଏହା ସେ ନୁହଁନ୍ତି ଯିଏକି ତର୍କ କରନ୍ତି।

"ଆମେ ତ ତର୍କ ବିତର୍କ ତ୍ୟାଗ କରିଥାଉ।" ଯିଏ ଯାହା କହୁ ନା କାହିଁକି, ଆମେ ତ ପରମେଶ୍ୱରଙ୍କୁ ବିଶ୍ୱାସ କରିଥାଉ। ଆମେ ପରମେଶ୍ୱରଙ୍କୁ ବିଶ୍ୱାସ କରିଥାଉ। ପରମେଶ୍ୱର ଯାହା କୁହନ୍ତି ଆମେ ସେଥିରେ ତର୍କ କରି ନ ଥାଉ। ଆପଣ ଏହା ସହିତ ତର୍କ ବିତର୍କ କରିପାରନ୍ତି ନାହିଁ। ଆପଣଙ୍କୁ ତ ଏହାକୁ ବିଶ୍ୱାସ ଦ୍ୱାରା ଗ୍ରହଣ କରିବାକୁ ହେବ। ଏବଂ ଯାହାକିଛି ବିଷୟ ଆପଣ ଜାଣିଥାଆନ୍ତି, ଆପଣଙ୍କୁ ଆଉ ଅଧିକ ତର୍କ ବିତର୍କ କରିବାକୁ ପଡ଼େ ନାହିଁ। ମୁଁ ଜାଣେ ନାହିଁ ଯେ ସେ ତାହା କିପରି କରନ୍ତି; ମୁଁ ତ କେବଳ ବିଶ୍ୱାସ କରେ ଯେ ସେ ଏହା କରନ୍ତି। ମୁଁ ଜାଣେ ନାହିଁ ଯେ ସେ କିପରି ସେହି ପ୍ରତିଜ୍ଞାକୁ ରକ୍ଷା କରିବାକୁ ଯାଉଛନ୍ତି; ମାତ୍ର ସେ କହିଥିଲେ ଯେ ସେ ଏହା କରିବେ। ମୁଁ ଏହାକୁ ବିଶ୍ୱାସ କରେ। ମୁଁ ଏହାକୁ ସେହି ଆଧାରରେ ଗ୍ରହଣ କରେ ଯେ ମୁଁ ବିଶ୍ୱାସ କରେ ଯେ ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ।

ଆପଣ କୁହନ୍ତି, "ତେବେ, ଆପଣ ତାହା ସହିତ ରକ୍ଷା ପାଇପାରନ୍ତି ନାହିଁ।" ମୁଁ ଜାଣେ ନାହିଁ ଯେ ମୁଁ ଏହା ସହିତ କିପରି ରକ୍ଷା ପାଇବି, ମାତ୍ର ସେ କହିଲେ, "ଏହାକୁ କୁହ।"

ମୋର ମନେ ଅଛି ଯେ ମୋର ବାପ୍‌ଟିଷ୍ଟ ପାଳକ ମୋତେ କହିଥିଲେ, କହିଲେ, "କାହିଁକି, ବିଲି, ତୁମେ ତ ମଣ୍ଡଳୀରେ ଥିବା ଖଣ୍ଡଗୁଡିକୁ ପ୍ରଚାର କରିବ। କାହିଁକି, କଅଣ ତୁମେ ଭାବୁଛ ଯେ କେହି ହେଲେ ଏପରି ଏକ କଥା ଶୁଣିବେ?"

ମୁଁ କହିଲି, "ପରମେଶ୍ୱର ଏହା କହିଛନ୍ତି।"

"କିପରି ତୁମେ, ଏକ ସପ୍ତମ-ଶ୍ରେଣୀର ଶିକ୍ଷା ସହିତ, ରାଜାମାନଙ୍କ ପାଇଁ ପ୍ରାର୍ଥନା କରିବାକୁ, ଏବଂ ସାରା ବିଶ୍ୱରେ ପ୍ରଚାର କରିବାକୁ ଯାଉଅଛ?"

127 ମୁଁ କହିଲି, "ମୁଁ ଜାଣେ ନାହିଁ ଯେ ମୁଁ ଏହା କିପରି କରିବାକୁ ଯାଉଅଛି, ମାତ୍ର, ସେ ଏହା କହିଛନ୍ତି, ଏବଂ ତାହା ମୋ ପାଇଁ ଯଥେଷ୍ଟ ଉତ୍ତମ ଅଟେ।" ବୁଝିଲେ? "ସେ ଏହା କହିଛନ୍ତି। ମୁଁ ଜାଣେ ନାହିଁ ଯେ ଏହା କିପରି ହେବାକୁ ଯାଉଅଛି।"

ସେ କହିଲେ, "କଅଣ ତୁମେ ଭାବୁଛ ଯେ ଏହି ମହାନ, ଶିକ୍ଷିତ ଜଗତର ଲୋକମାନେ ଯାହାଙ୍କ ବିରୁଦ୍ଧରେ ତୁମେ ଛିଡା ହେବାକୁ ଯାଉଅଛ, ଏହି ଈଶ୍ୱରୀୟ ଆରୋଗ୍ୟତା ଏବଂ ଇତ୍ୟାଦି ବିଷୟ ଉପରେ ନେଇ, କଅଣ ତୁମେ ଭାବୁଛ ଯେ ସେମାନେ ଏହାକୁ ବିଶ୍ୱାସ କରିବେ?"

128 ମୁଁ କହିଲି, "ଏହା ଜାଣିବା ମୋର କାମ ନୁହେଁ ଯେ ସେମାନେ ଏହାକୁ ବିଶ୍ୱାସ କରନ୍ତି କି ନାହିଁ।" ମୁଁ କହିଲି, "ମୋର କର୍ତ୍ତବ୍ୟ ହେଉଛି ଏହାକୁ ପ୍ରଚାର କରିବା। ତାହାହିଁ ଅଟେ ଯାହାକି ସେ ମୋତେ କହିଥିଲେ। ସେ କହିଥିଲେ ଯେ ସେ ମୋ ସହିତରେ ରହିବେ, ଏବଂ ସେ ମୋତେ କହିଥିଲେ ଯେ ଏହା କଅଣ କରିବ।"

ଏବଂ ଏହା ଅବିକଳ ଭାବେ ଠିକ ତାହା କରିଅଛି ଯାହା କରିବ ବୋଲି ସେ କହିଥିଲେ। "ପ୍ରଥମେ, ସେମାନଙ୍କ ହାତ ଧର; ତାହାପରେ ଏହା ଘଟିବ ଯେ ତୁମେ ଏପରିକି ସେମାନଙ୍କ ହୃଦୟର ରହସ୍ୟକୁ ମଧ୍ୟ ଜାଣି ପାଇବ।" ଏବଂ ମୁଁ ତୁମକୁ ଏହା ବିଷୟରେ କହିଥିଲି, ଏବଂ ଏହା ସେହିପରି ଭାବରେ ଘଟିଲା। ଏହା କିପରି ଭାବରେ କାମ କରେ? ମୁଁ ଏବେ ସୁଦ୍ଧା ଜାଣେ ନାହିଁ ଯେ ଏହା କିପରି କାମ କରେ। ଏହା କିପରି କାମ କରେ ତାହା ଜାଣିବା ମୋର କାମ ନୁହେଁ; ଏହା ତ କେବଳ ସଂଘଟିତ ହୋଇଥିଲା।

129 କିଏ ତାହା ବ୍ୟାଖ୍ୟା କରିପାରିବ ଯେତେବେଳେ ପରମେଶ୍ୱର ଏଲିୟଙ୍କୁ କହିଥିଲେ, "ସେଠାରେ ଉପରକୁ ଯାଅ ଏବଂ ପର୍ବତ ଉପରେ ବସି ଥାଅ, ଏବଂ ମୁଁ ତୁମକୁ ଭୋଜନ କରାଇବି। ମୁଁ ତୁମକୁ ଭୋଜନ କରାଇବା ପାଇଁ ସେହି—ସେହି କାଉମାନଙ୍କୁ ନିଯୁକ୍ତ କରିଅଛି।"? ଗୋଟିଏ କାଉ କିପରି ଏକ ଖଣ୍ଡେ ରୁଟି ଏବଂ ଖଣ୍ଡେ—ଖଣ୍ଡେ ମାଛ ନେଇପାରିବ, ଏବଂ ତାକୁ ପାକ କରି, ଏହାକୁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଆଣିପାରିବ? ତାହା ତ ମୋର ବୁଝାଇବାଠାରୁ ମଧ୍ୟ ଊର୍ଦ୍ଧ୍ୱରେ ଅଟେ। ମୁଁ ଭାବୁନାହିଁ ଯେ ଆପଣ ମଧ୍ୟ କରିପାରନ୍ତି, କିମ୍ବା କେହି ବି କରିପାରନ୍ତି। ମାତ୍ର ସେ ତାହା କରିଥିଲେ। ତାହାହିଁ ସବୁ ଯାହାକି ଆବଶ୍ୟକ କରିଥିଲା। ସେ ଏହାକୁ କରିଥିଲେ, ଏବଂ ତାହା ବିଷୟରେ ଏହାହିଁ ହେଉଛି ସତ୍ୟ।

ସେ ଏହା କିପରି କଲେ, ମୁଁ ଜାଣେ ନାହିଁ; ଏହା ମୋର କାମ ନୁହେଁ। ମାତ୍ର ସେ ତାହା କରିଥିଲେ। ସେ ପୃଥିବୀକୁ କିପରି ସୃଷ୍ଟି କଲେ, ମୁଁ ଜାଣେ ନାହିଁ; ମାତ୍ର ସେ ତାହା କରିଥିଲେ। ସେ ତାଙ୍କ ପୁତ୍ରଙ୍କୁ କିପରି ପଠାଇଲେ, ମୁଁ ଜାଣେ ନାହିଁ; କିନ୍ତୁ ସେ ତାହା କରିଥିଲେ। ସେ ମୃତ୍ୟୁରୁ କିପରି ପୁନରୁତ୍‌ଥିତ ହେଲେ, ମୁଁ ଜାଣେ ନାହିଁ; ମାତ୍ର ସେ ତାହା କରିଥିଲେ। ସେ ମୋତେ

କିପରି ରକ୍ଷା କଲେ? ମୁଁ ଜାଣେ ନାହିଁ; କିନ୍ତୁ ସେ ତାହା କରିଥିଲେ। ତାହା ଠିକ୍ ଅଟେ। ସେ ଆପଣଙ୍କୁ କିପରି ରକ୍ଷା କଲେ? ମୁଁ ଆପଣଙ୍କୁ କହିପାରେ ନାହିଁ; କିନ୍ତୁ ସେ ତାହା କରିଥିଲେ। ସେ ମୋତେ କିପରି ସୁସ୍ଥ କଲେ? ମୁଁ ଜାଣେ ନାହିଁ; କିନ୍ତୁ ସେ ତାହା କରିଥିଲେ। ସେ ଏହା କରିବେ ବୋଲି ପ୍ରତିଜ୍ଞା କରିଥିଲେ, ଏବଂ ସେ ତାହାଙ୍କର ବାକ୍ୟ ରକ୍ଷା କରନ୍ତି।

ତେବେ, ବିଲିୟାମ୍‌ଙ୍କର ତାହା ଜାଣିବା ଉଚିତ୍ ଥିଲା, ଏବଂ ସେ ଏହାକୁ ଅଧିକ ଉତ୍ତମ ଭାବରେ ଜାଣିଥିଲେ।

130 ଧ୍ୟାନ ଦିଅନ୍ତୁ, ଏହି ଉତ୍ତମ, ପ୍ରଭାବଶାଳୀ ଗୋଷ୍ଠୀ, ଆସିଲେ, ଏବଂ କଅଣ ଅଧିକ ଭଲ ଥିଲା? ସେମାନଙ୍କ ପାଖରେ ଅଧିକ ଉତ୍ତମ ଉପହାରଗୁଡିକ ରହିଥିଲା। ଏବଂ କେବଳ ସେତିକି ନୁହେଁ, ସେମାନେ ତାଙ୍କୁ ଅଧିକ ଟଙ୍କା ଦେଇପାରିଥିଲେ, ଏବଂ ସେମାନେ ତାଙ୍କୁ ଏକ ଅଧିକ ଉତ୍ତମ ପଦବୀ, ପ୍ରଦାନ କରିପାରିଥିଲେ। "ତେବେ, ସଂଗଠନରେ କେବଳ ଜଣେ ନିୟମିତ ସେବକ ହେବା ବ୍ୟତୀତ, ଆମେ ଆପଣଙ୍କୁ ଜିଲ୍ଲା ଅଧୀକ୍ଷକ କରିଦେବୁ। ବୁଝିଲେ? ତେବେ, ଆମେ କରିବୁ—ଆମେ ଆପଣଙ୍କ ପାଇଁ କିଛି କରିବୁ ଯଦି ଆପଣ କେବଳ ସେହି ଲୋକମାନଙ୍କର ଗୋଷ୍ଠୀକୁ ସେଠାରୁ ତଡି ବାହାର କରିଦେବେ, ଦେଖନ୍ତୁ, ଏବଂ ତାହା ବନ୍ଦ କରି ଦେବେ।" ଓଃ, ସେମାନେ ତାଙ୍କୁ ଏକ ଅଧିକ ଉତ୍ତମ ପଦବୀ ପ୍ରଦାନ କଲେ। କହିଲେ, "ଆପଣ ଯେତେ ଅଧିକ ଆଶୀର୍ବାଦ…" କହିଲେ, "ଆପଣ ଜାଣନ୍ତି, ମୁଁ ଆପଣଙ୍କୁ ପଦୋନ୍ନତି ଦେବାରେ ସକ୍ଷମ ଅଟେ।" ଦେଖନ୍ତୁ ଯେ ସେ ତାଙ୍କ ଶବ୍ଦ କେଉଁଠୁ ପାଉଛନ୍ତି, ସେହି ଦେଶର ମୂଖ୍ୟଠାରୁ।

131 ମୋଶା ତାଙ୍କ ବାକ୍ୟ କେଉଁଠାରୁ ପାଉଥିଲେ? ସ୍ୱର୍ଗର ରାଜାଙ୍କଠାରୁ। ଗୋଟିଏ ଥିଲା ପରମେଶ୍ୱରଙ୍କ ପ୍ରତିଜ୍ଞାର ବାକ୍ୟ, "ମୁଁ ତୁମକୁ ପ୍ରତିଜ୍ଞାତ ଦେଶକୁ ନେଇଯିବି, ଏବଂ ତୁମ ଆଗରେ କୌଣସି ବ୍ୟକ୍ତି ଛିଡା ହେବ ନାହିଁ। ମୁଁ ତୁମ ଆଗରେ ବିରୁଡିମାନଙ୍କୁ ପଠାଇ ସେମାନଙ୍କୁ, ଡାହାଣରୁ ବାମକୁ ଘଉଡାଇ ଦେବି। ଏବଂ ତୁମେ ସେହି ଦେଶ ଅଧିକାର କରିବାକୁ ଯାଉଅଛ। ମୁଁ ପ୍ରତିଜ୍ଞା-…ମୁଁ ତ ଏହା ତୁମକୁ ଦେଇସାରିଛି। ଯାଅ, ଏହାକୁ ଦଖଲ କର, ଅଧିକାର କର; ଏହା ତୁମର ଅଟେ।" ଏବଂ ତେବେ, ଦେଖନ୍ତୁ, ତାହାହିଁ ଅଟେ ଯାହାକୁ ମୋଶା ଶୁଣୁଥିଲେ। ଏବଂ ଏହି ବ୍ୟକ୍ତିଜଣକ ତାଙ୍କୁ ଶୁଣିଥିଲେ ଯେପର୍ଯ୍ୟନ୍ତକି ଏହା ତାଙ୍କ ହୃଦୟରେ ଏପରି କିଛି ବିଷୟ ନ ଆସିଗଲା ଯାହାକୁ ନେଇ ସେ ଇର୍ଷାଳୁ ଥିଲେ, ଏବଂ ତେଣୁକରି ତେବେ ସେ ତାଙ୍କର ପୁରୋହିତ ସମ୍ବନ୍ଧୀୟ ମୂଖ୍ୟ ନିକଟକୁ ଗଲେ। ବୁଝିଲେ?

132 ଧ୍ୟାନ ଦିଅନ୍ତୁ, ଏକ ଅଧିକ ଉତ୍ତମ ପଦ। ସେ କହିଲେ, "କଅଣ ତୁମେ ଜାଣ ଯେ ମୁଁ ତୁମକୁ ପଦୋନ୍ନତି ଦେବାରେ ସକ୍ଷମ ଅଟେ? ମୁଁ ତୁମକୁ ଏକ ଉତ୍ତମ ସ୍ଥାନକୁ ପଦୋନ୍ନତି କରିବି। ମୁଁ ତୁମ ପାଇଁ ଅଧିକ କରିବି। ମୁଁ ତୁମର ପାଉଣା ବଢାଇ ଦେବି। ମୁଁ ତୁମକୁ ଏକ ଅଧିକ ଭଲ ଦରମା ଦେବି।" ଏବଂ ଯେତେବେଳେ ସେ ତାଙ୍କୁ ଏହି ସବୁ ପ୍ରଦାନ କଲେ, ଏହା ତାଙ୍କୁ ଅନ୍ଧ କରିଦେଲା।

133 ଆଜି ଦୁନିଆରେ ସେମିତି କେତେ ବିଲିୟାମ୍‌ମାନେ ଅଛନ୍ତି, ଯେଉଁମାନେକି, ଏକ ଉତ୍ତମ ପଦ, ଏକ ଉତ୍ତମ ମଣ୍ଡଳୀ, କିଛି ଗୋଟାଏ ବିଷୟର ପ୍ରତିଜ୍ଞା ଦ୍ୱାରା! ଯେତେବେଳେ ଜଣେ ବ୍ୟକ୍ତିଙ୍କର ବାକ୍ୟ ଏବଂ ପରମେଶ୍ୱରଙ୍କ କାର୍ଯ୍ୟ ପ୍ରତି ଆଖି ଖୋଲିଯାଏ...ଏବଂ ସେହି ଉତ୍ତମ ବ୍ୟକ୍ତି, ଯାହାରକି ପ୍ରଭାବ ରହିଥାଏ, ସେ ପରମେଶ୍ୱରଙ୍କ ଜଣେ ସେବକ ଭାବରେ ଆରମ୍ଭ କରିବେ, ଏବଂ ସେ ଏକ ଉତ୍ତମ ମଣ୍ଡଳୀ ଚାଳନା କରିବେ। କିଛି ସମୟ ପରେ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବିଷୟ ତାଙ୍କ ନିକଟରେ ଉପସ୍ଥାପିତ କରାଯାଏ; ଯୀଶୁଙ୍କ ନାମରେ ବାପ୍ତିସ୍ମ ତାଙ୍କଠାରେ ଉପସ୍ଥାପିତ କରାଯାଏ, ଯାହାକି ଏକ ଶାସ୍ତ୍ରାଂଶ ଅଟେ ଏବଂ ବାପ୍ତିଜିତ କରିବାର ଏକମାତ୍ର ଶାସ୍ତ୍ରସଙ୍ଗତ ଉପାୟ ଅଟେ। ଏବଂ ଯେତେବେଳେ ଏହା ତାଙ୍କ ନିକଟରେ ଉପସ୍ଥାପିତ କରା ହୁଏ, ଏବଂ ସେହି ନାମଧାରୀ ସଂସ୍ଥା ଏହା ଜାଣିଯାଏ ଯେ ସେମାନେ ତାଙ୍କୁ ହରାଇବାକୁ ଯାଉଛନ୍ତି ଯେତେବେଳେ ସେ ତାହା ଆରମ୍ଭ କରନ୍ତି, ସେତେବେଳେ ସେମାନେ ତାଙ୍କୁ ଏକ ଅଧିକ ଉତ୍ତମ ପଦ ଏବଂ ମଣ୍ଡଳୀରେ ଏକ ପରିବର୍ତ୍ତନ ପ୍ରଦାନ କରନ୍ତି। ଦେଖନ୍ତୁ, ପୁରାତନ ବିଲିୟାମ୍‌ବାଦ, ପୁନର୍ବାର, ଠିକ୍ ଯେପରିକି ଏହା ଆରମ୍ଭରେ ରହିଥିଲା।

134 ତେବେ, ସେହି ବ୍ୟକ୍ତି ଯିଏକି ସେହି ବାଇବଲକୁ ପାଠ କରନ୍ତି, ସେ ଏହାକୁ ସେପର୍ଯ୍ୟନ୍ତ ପାଠ କରିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ସେ ତାହାକୁ ସତ୍ୟ ବୋଲି ନ ଦେଖନ୍ତି। "ପିତା, ପୁତ୍ର, ପବିତ୍ରଆତ୍ମା" ଙ୍କ ଉପାଧି ବ୍ୟବହାର କରି କେହି କେବେ ବାପ୍ତିଜିତ ହୋଇ ନାହାଁନ୍ତି। ଏହା ତ ଏକ କ୍ୟାଥୋଲିକ୍ ଧର୍ମମତ ଅଟେ ଏବଂ ବାଇବଲ ଶିକ୍ଷା ନୁହେଁ। ବାଇବଲରେ କେବେ ବି, କିମ୍ବା ଶେଷ ପ୍ରେରିତଙ୍କ ମୃତ୍ୟୁର ତିନି ଶହ ବର୍ଷ ପରେ ସୁଦ୍ଧା ଏପରି କୌଣସି ବ୍ୟକ୍ତି ନ ଥିଲେ, ଯିଏକି ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଥିଲେ। କ୍ୟାଥୋଲିକ୍ ମଣ୍ଡଳୀ ତାହା ଆରମ୍ଭ କରିଥିଲା, ଏବଂ ବାକି ସମସ୍ତେ ଏହା ନିକଟକୁ ଆସିଥିଲେ। ଏବଂ ଯେକୌଣସି ସେବକ ତାଙ୍କ ଅଧ୍ୟୟନ କକ୍ଷରେ ବସି ତାହା ଦେଖିବେ, ଏହା ଜାଣି ଯିବେ ଯେ ତାହା ସତ୍ୟ ଅଟେ, ମାତ୍ର ଲୋକପ୍ରିୟତା ପାଇଁ, ତାଙ୍କ ପଦବୀକୁ ବଜାୟ ରଖିବା ପାଇଁ, ଲୋକମାନଙ୍କ ଗହଣରେ ଭଲ ଚିନ୍ତା କରାଯିବାକୁ ନେଇ, ସେ ଆପୋଷ ବୁଝାମଣା କରି ନିଅନ୍ତି।

"ତେବେ," ଆପଣ କୁହନ୍ତି, "ପରମେଶ୍ୱର ତାଙ୍କୁ ଆଶୀର୍ବାଦ କଲେ।"

135 ନିଶ୍ଚିତ ଭାବରେ, ସେମାନଙ୍କ ମଧ୍ୟରୁ ତ କେତେକଙ୍କ ପାଖରେ ଆରୋଗ୍ୟତାର ବରଦାନ ରହିଛି, ସେମାନଙ୍କ ମଧ୍ୟରୁ କେତେକଙ୍କ ପାଖରେ ତ ମହାନ ଅଭିଯାନମାନ ରହିଛି। ଏବଂ ତାହା ଠିକ ବାରମ୍ବାର ସେମାନଙ୍କର ପୁନରାବୃତ୍ତି ହୁଏ, ଏବଂ ସେମାନେ ପରମେଶ୍ୱରଙ୍କ ବାକ୍ୟରୁ ଠିକ ସେହି ସମାନ ଉତ୍ତର ପାଆନ୍ତି ଯାହାକି ଆପଣ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ପାଇବେ; ପରମେଶ୍ୱର ବଦଳନ୍ତି ନାହିଁ। ମୁଁ କଅଣ କହୁଛି ତାହା ବୁଝନ୍ତୁ?

136 ବିଲିୟାମ୍, ଏକ ଅଧିକ ଉତ୍ତମ ପଦ ପାଇଁ, ସେ ଭାବିଲେ। ତେବେ ଦେଖନ୍ତୁ, ଯେତେବେଳେ ସେହି ଅଧିକ ଉତ୍ତମ ଗୋଷ୍ଠୀ ଫେରି ଆସିଲେ, ଠିକ୍ ସେହି...ବିଲିୟାମ୍, ଏଠାରେ ଏକ ଶ୍ରୁତିମଧୁର ଶାସ୍ତ୍ରର ପାଠ ନେଲେ। ଦେଖନ୍ତୁ? ସେ କହିଲେ...ସେହି—ସେହି

ଅଧିକ ଉତ୍ତମ ଗୋଷ୍ଠୀ ଫେରି ଆସିଲେ, ତାଙ୍କର—ତାଙ୍କର କହିବାର ଉଚିତ୍ ଥିଲା, "ମୋ ଉପସ୍ଥିତିରୁ ବାହାରି ଯାଅ! ମୁଁ ତୁମକୁ ପରମେଶ୍ୱରଙ୍କ ବାକ୍ୟ କହିସାରିଛି । ପଳାଇ ଯାଅ! ଏହା ହେଉଛି **ସଦାପ୍ରଭୁ ଏହି କଥା କୁହନ୍ତି** ।" ମାତ୍ର, ଆପଣ ଦେଖନ୍ତୁ, ସେହି ଉପହାରଗୁଡ଼ିକ, ଏବଂ ଏକ ଅଧିକ ଲୋକପ୍ରିୟ ବ୍ୟକ୍ତି ହେବା ନିମନ୍ତେ!

137 ଓଃ, ସେମାନେ ଏହାକୁ କିପରି କରିବାକୁ ପସନ୍ଦ କରନ୍ତି! "ଆମେ ଆପଣଙ୍କୁ ସମଗ୍ର ବିଶ୍ୱକୁ ପଠାଇବୁ । ଆମେ ଆପଣଙ୍କୁ ଏକ ସ୍ୱତନ୍ତ୍ର ବିମାନ ଦେବୁ । ଆମେ ଆପଣଙ୍କର ସଭାଗୁଡ଼ିକୁ ପ୍ରାୟୋଜିତ କରିବୁ ଯଦି ଆପଣ କେବଳ…" ଓଃ, ନା । ଉଃ-ହୁଃ । ବୁଝିଲେ?

ଆମେ ଜାଣୁ ଯେ ବାକ୍ୟ କଅଣ କୁହେ । ଆମେ ଜାଣିଛୁ ଯେ ପରମେଶ୍ୱର କଅଣ କହିଛନ୍ତି । ପରମେଶ୍ୱରଙ୍କ ସାହାଯ୍ୟରେ, ଆମେ ତାହା ସହିତ ରହିବାକୁ ଯାଉଅଛୁ । ବୁଝିଲେ? ଯାଏ ଆସେ ନାହିଁ ଯେ ତାହା କେଉଁ ପ୍ରକାରର ଏକ ପ୍ରତିଜ୍ଞା ଅଟେ, ଏବଂ ଆପଣଙ୍କୁ କେତେ ଅଧିକ ମୂଲ୍ୟ ଦେବାକୁ ପଡିପାରେ, ଏବଂ କେତେ ଅଧିକ *ଏହା, ତାହା,* କିମ୍ବା *ଅନ୍ୟ* କିଛି ଆପଣ କରିପାରନ୍ତି—ଆପଣ ଉତ୍ପାଦନ କରିପାରନ୍ତି; ଆମେମାନେ ତ **ସଦାପ୍ରଭୁ ଏହି କଥା କୁହନ୍ତି** ଚାହୁଁଅଛୁ, ଏବଂ ସେ ପ୍ରଥମେ *ଏଠାରେ* ଯାହା କହିଛନ୍ତି ।

"ତେବେ, ସେହି ମଣ୍ଡଳୀ କୁହେ, 'ତାହା ଦ୍ୱିତୀୟରେ ଆସେ ।'"

ଆମେମାନେ ତ ତାହା ଚାହୁଁ ଯାହା ପରମେଶ୍ୱର ଆରମ୍ଭରେ କହିଥିଲେ । "ଏବଂ ଯେକୌଣସି ବିଷୟ ଏଥିରେ ଯୋଗ କରାଯାଏ କିମ୍ବା ଏଥିରୁ ଲୋପ କରାଯାଏ, ଏପରିକି ତୁମର ନାମ ଜୀବନ ପୁସ୍ତକରୁ ମଧ୍ୟ ଲୋପ କରାଯିବ; ଏଥିରେ ଗୋଟିଏ ହେଲେ ଶବ୍ଦ ଯୋଗ କରିବା, କିମ୍ବା ଏଥିରୁ ଗୋଟିଏ ହେଲେ ବାକ୍ୟ ଲୋପ କରିବା ।" ଆମେମାନେ ତାହା ଚାହୁଁ ଯାହା ସେ କହିଛନ୍ତି; ତାହା ନୁହେଁ ଯାହା ମଣ୍ଡଳୀ କହିଛି, ଯାହା ଡାକ୍ତର ଜୋନ୍ସ କହିଛନ୍ତି ତାହା ନୁହେଁ, ଅନ୍ୟ କେହି କଅଣ କହିଛନ୍ତି ତାହା ନୁହେଁ । ଆମେମାନେ ତାହା ଚାହୁଁ ଯାହା **ସଦାପ୍ରଭୁ ଏହି କଥା କୁହନ୍ତି** କହିଅଛି, ଯାହା ବାକ୍ୟ କହିଅଛି ।

138 ମାତ୍ର ବର୍ତ୍ତମାନ ଆମେମାନେ ପାଉ ଯେ ବିଲିୟାମ୍, ପରମେଶ୍ୱରଙ୍କ ଜଣେ ସେବକ । ଏବଂ ସେହି ଲୋକମାନଙ୍କ ମଧ୍ୟରୁ ଅନେକେ ଯେଉଁମାନେକି ଆରମ୍ଭ କରନ୍ତି, ଏବଂ ପରମେଶ୍ୱରଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି, ଏବଂ ଅନେକ ବିଷୟରେ ପରମେଶ୍ୱରଙ୍କ ବାକ୍ୟ କୁହନ୍ତି; ମାତ୍ର ଯେତେବେଳେ ଏହା ସମ୍ପୂର୍ଣ୍ଣ ସତ୍ୟ ବିଷୟକୁ ଆସେ, ସେମାନେ ଏହାକୁ କରନ୍ତି ନାହିଁ ।

139 ଏଠାରେ ଧ୍ୟାନ ଦିଅନ୍ତୁ, ପରମେଶ୍ୱରଙ୍କ ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ ତ, ତାଙ୍କୁ ଆରମ୍ଭରୁ ହିଁ, ସେହିପରି ଏକ ଗୋଷ୍ଠୀ ମଧ୍ୟରେ ରହିବା ଉଚିତ୍ ନ ଥିଲା । ତାଙ୍କୁ ସେମାନଙ୍କ ସହିତ ଯିବାର ଉଚିତ୍ ନ ଥିଲା । ମାତ୍ର, ଧ୍ୟାନ ଦିଅନ୍ତୁ, ଲୋକପ୍ରିୟତା ପାଇଁ, ଦେଖନ୍ତୁ, ତାଙ୍କ ବିବେକ ପାଇଁ, ସେ କହିଲେ, "ତେବେ, ରାତିସାରା ରୁହ, ଏବଂ ମୁଁ ପୁନର୍ବାର ଚେଷ୍ଟା କରିବି ।"

ଦେଖନ୍ତୁ, "ମୁଁ ପୁଣିଥରେ ଚେଷ୍ଟା କରିବି"? ଆପଣ କେଉଁ ବିଷୟ ପାଇଁ ପୁନର୍ବାର ଚେଷ୍ଟା କରିବାକୁ ଚାହୁଁଛନ୍ତି?

140 ପରମେଶ୍ୱର ତାଙ୍କୁ ଆଗରୁ କହିସାରିଥିଲେ ଯାହା କହିବାର ଥିଲା। ପରମେଶ୍ୱର କହିଥିଲେ, "ସେମାନଙ୍କୁ କୁହ ଯେ ତୁମେ ଯାଉନାହଁ।" ତାହା ତାହାଙ୍କର ମୂଳ ବାକ୍ୟ ଥିଲା। "ମୁଁ ଯାଉ ନାହିଁ। 'ଏବଂ ତୁମେ ଯାଅ ନାହିଁ। ମୁଁ ଯାହା ଆଶୀର୍ବାଦ କରିଅଛି ତୁମେ ତାହା ଅଭିଶାପ ଦିଅ ନାହିଁ।'" ଦେଖନ୍ତୁ ଯେ କିଛି ସମୟ ପରେ, ଏହା କିପରି ତାଙ୍କ ନିଜ ଉପରକୁ ଫେରି ଆସିଥିଲା। ବୁଝିଲେ? ଏବଂ ଏହା ପ୍ରତ୍ୟେକ ଥର, ସେହିପରି ହିଁ ହେବ। ଯେତେବେଳେ ପରମେଶ୍ୱର କିଛି କୁହନ୍ତି, ସେଥିରେ ତାଙ୍କର କିଛି ଅଭିପ୍ରାୟ ରହିଥାଏ। ସେ ଏହା ବିଷୟରେ ନିଜର ମତ ବାଦଳାନ୍ତି ନାହିଁ। ସେ ଠିକ ତାଙ୍କର ବାକ୍ୟ ସହିତ ରହିଥାଆନ୍ତି। ଯାଏ ଆସେ ନାହିଁ ଯେ ଅନ୍ୟ କେହି କଅଣ କୁହେ, ସେ ତ ଠିକ ସେହି ବାକ୍ୟ ସହିତରେ ରହିଥାଆନ୍ତି।

141 ତେବେ, ବିଲିୟାମ୍‌ଙ୍କୁ ତାହାଠାରୁ ଅଧିକ ଉତ୍ତମ ଜାଣିବାର ଉଚିତ୍ ଥିଲା। ତାଙ୍କୁ ତ ନିଜକୁ ଏହିପରି ଗୋଷ୍ଠୀ ମଧ୍ୟରୁ ବରଖାସ୍ତ କରି ଦେବାର ଉଚିତ୍ ଥିଲା। ମାତ୍ର ସେହି ସମସ୍ତ ସୁନ୍ଦର ଉପହାରମାନ ଏବଂ ଏହି ରାଜାଙ୍କ ପ୍ରତିଜ୍ଞା ଯାହାକି, କହିଥିଲା, "ତୁମେ ଜାଣ ଯେ ମୁଁ ଏହା କରିପାରେ। ମୁଁ ବିଶପ୍ ଅଟେ। ମୁଁ ତାହା ସବୁକିଛି କରିପାରେ ଯାହା ମୁଁ ଚାହେଁ, ଏବଂ ଯଦି ତୁମେ ଆସି ମୋ ପାଇଁ ତାହା କରିବ ତେବେ ମୁଁ ତୁମକୁ ପଦୋନ୍ନତି ଦେବି।"

ଏବଂ ପରମେଶ୍ୱର ତାଙ୍କୁ କହିଥିଲେ, "ଏହା କରିବ ନାହିଁ।"

142 କିନ୍ତୁ ତଥାପି ବିଲିୟାମ କହିଲେ, "ଆପଣ, ଆପଣ ରାତିସାରା ରୁହନ୍ତୁ, ଏବଂ ମୁଁ କରିବି—ମୁଁ ପୁଣିଥରେ ଚେଷ୍ଟା କରିବି।"

ଦେଖନ୍ତୁ, ତାଙ୍କ ପାଖରେ ବାକ୍ୟ ରହିଥିଲା। ଆପଣଙ୍କୁ ଏହା ବିଷୟରେ ଆଉ ଅଧିକ ଯୁକ୍ତିତର୍କ କରିବାକୁ ପଡ଼ି ନ ଥାଏ। ପରମେଶ୍ୱର ତ ତାହା ଆଗରୁ କହି ସାରିଛନ୍ତି। ସେହିପରି ଏକ ଗୋଷ୍ଠୀ ସହିତ, ଯଦି ଆପଣ ସେମାନଙ୍କୁ ଅନୁମତି ଦେବେ, ତେବେ ସେମାନେ ଆପଣଙ୍କୁ ସର୍ବଦା ପରମେଶ୍ୱରଙ୍କ ଇଚ୍ଛାର ବାହାରୁ ହିଁ କଥା କହିବେ।

143 ସେଠାରେ ଥରେ, ଗୋଟିଏ ଗୋଷ୍ଠୀ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଆସିଥିଲା, ଯାହାଙ୍କ ନାମ ଆୟୁବ ଥିଲା। ସେମାନେ ତାଙ୍କୁ ପରମେଶ୍ୱରଙ୍କ ଇଚ୍ଛାର ବାହାରେ କଥା କହିପାରିଲେ ନାହିଁ। ସେ ଦର୍ଶନ ଦେଖିଲେ। ସେ ଜାଣିଥିଲେ ଯେ କଅଣ ଠିକ୍ ଥିଲା।

ବିଲିୟାମ୍ ଦର୍ଶନ ଦେଖିଲେ, ଏବଂ ତଥାପି ତାହା ସହିତ ରହିଲେ ନାହିଁ।

144 ଯାଏ ଆସେ ନାହିଁ ଯେ ତାଙ୍କର ମଣ୍ଡଳୀ ଗୋଷ୍ଠୀ କେତେ ଅଧିକ କହିଲେ, "ହେ, ଆୟୁବ, ତୁମକୁ *ଏହା* କରିବା ଉଚିତ୍, ତୁମକୁ *ତାହା* କରିବା ଉଚିତ୍।" ଏପରିକି ତାଙ୍କ ପତ୍ନୀ, ଆୟୁବ କହିଲେ, "ତୁମେ ଏକ ମୂଢ଼ା ବ୍ୟକ୍ତି ପରି କଥା କହୁଛ।" ବୁଝିଲେ? "ମୁଁ ଜାଣେ ଯେ ପ୍ରଭୁ କଅଣ କହିଛନ୍ତି। ମୁଁ ଜାଣେ ଯେ ତାଙ୍କର କଅଣ ଆବଶ୍ୟକତା ରହିଛି, ଏବଂ ତାହାହିଁ ଅଟେ ଯାହା ମୁଁ କରିଅଛି।" ଦେଖନ୍ତୁ, ସେ ତାହା ସହିତ ରହିଲେ ଯାହା ପରମେଶ୍ୱର ତାଙ୍କୁ କହିଥିଲେ।

145 ଧ୍ୟାନ ଦିଅନ୍ତୁ, ବିଲିୟାମ୍ ତାଙ୍କ ବିବେକ ପାଇଁ ଏହି ଶୃତିମଧୁର ଶାସ୍ତ୍ରାଂଶକୁ ବ୍ୟବହାର କରୁଛନ୍ତି। ବୁଝିଲେ? ସେ କହିଲେ, “ତେବେ, ମୁଁ—ମୁଁ ଖୋଜିବି। ମୁଁ ପୁଣିଥରେ ଚେଷ୍ଟା କରିବି।” ତେବେ, ସେହିଠାରେ ହିଁ ଅଟେ ଯେଉଁଠାରେକି ଆପଣ ଆସନ୍ତି, ଦ୍ୱିତୀୟରେ। ଆଜି ରାତି ଆମ ପାଖରେ କେତେ ବିଲିୟାମ୍‌ମାନେ ରହିଛନ୍ତି, ଯେଉଁମାନେକି ମାଥିଉ 28:19 ର ସେହି ଶୃତିମଧୁର ଶାସ୍ତ୍ରାଂଶକୁ କେବଳ ସେମାନଙ୍କର ବିବେକ ପାଇଁ ବ୍ୟବହାର କରିବାକୁ ପସନ୍ଦ କରନ୍ତି? କେତେଜଣ ମଲାଖି 4 କୁ ନିଜର ବିବେକ ପାଇଁ ବ୍ୟବହାର କରିବାକୁ ଚାହାଁନ୍ତି? କେତେ ଲୋକ ଲୂକ 17:30 କୁ କେବଳ ବିବେକ ପାଇଁ ବ୍ୟବହାର କରିବାକୁ ଚାହାଁନ୍ତି? କେତେଜଣ ଏହି ଜିନିଷଗୁଡିକୁ ବ୍ୟବହାର କରିବାକୁ ଚାହାଁନ୍ତି, ତଥାପି, “ତେବେ, ମୁଁ ଆପଣଙ୍କୁ କହୁଅଛି, ମୁଁ—ମୁଁ ଭାବୁଛି ଯେ ସେମାନେ ସମସ୍ତେ ସେହି ବିଷୟ ଉପରେ ଗୋଳମାଳ ଅଟନ୍ତି”?

146 ଏବଂ ତାହାପରେ ଏଠାରେ ବିଲିୟାମ କହିବାକୁ ଚେଷ୍ଟା କରିଥିଲେ, “ବୋଧହୁଏ ପରମେଶ୍ୱର ଗୋଳମାଳ କରି ଦେଇଛନ୍ତି। ମୁଁ ପୁନର୍ବାର ଚେଷ୍ଟା କରିବି, ଦେଖନ୍ତୁ, ଦେଖନ୍ତୁ ଯେ ସେ କଅଣ କହିଥିଲେ।” ତେବେ, ସେ ଆପଣଙ୍କର ହୃଦୟ ଜାଣନ୍ତି। ଧ୍ୟାନ ଦିଅନ୍ତୁ, ବିଲିୟାମ ଏହି ଶ୍ରୁତିମଧୁର ଶାସ୍ତ୍ରାଂଶକୁ ନିଜର ବିବେକ ପାଇଁ ବ୍ୟବହାର କରିଥିଲେ, କାରଣ, ପ୍ରକୃତରେ, ସେ ସେହି ଟଙ୍କା ଚାହୁଁଥିଲେ। ସେ ସେହି ସମ୍ମାନଜନକ ବିଷୟ ଚାହୁଁଥିଲେ। ସେ ତାହା ଚାହୁଁଥିଲେ। ସେ ସେହି କାମ ଚାହୁଁଥିଲେ। ସେ ସେହି ପଦବୀ ଚାହୁଁଥିଲେ, ଯେ ତାଙ୍କୁ, ଡାକ୍ତର *ଅମୁକ-ଓ-ଅମୁକ* ଭାବରେ ଦେଖାଯାଏ। ତେଣୁ ସେ—ସେ—ସେ କହିଲେ, “ମୁଁ ପୁଣିଥରେ ଚେଷ୍ଟା କରିବି।”

147 ଓଃ, ଆଜି ରାତି ଜଗତରେ ଥିବା ବିଲିୟାମ୍‌ମାନଙ୍କ ଠାରେ, ପଦବୀମାନ, ଲୋକପ୍ରିୟତା ପ୍ରତିଜ୍ଞା କରାଯାଇଛି! ଓଃ, ମୋର ପ୍ରଭୁ! ସେମାନେ ତାହା ଦ୍ୱାରା ନିଜର ବିବେକକୁ ଚେତାଶୂନ୍ୟ କରି ଦିଅନ୍ତି। ସେମାନଙ୍କର ନାମଧାରୀ ସଂଗଠନ ହେତୁରୁ, ସେମାନେ କୁହନ୍ତି, “ଯଦି ତୁମେ *ତାହା* କରିବ, ତେବେ ତୁମେ ବାହାରି ଯାଅ। ମୁଁ ଜାଣେ ଯେ ତୁମେ ଜଣେ ଭଲ ଲୋକ ଅଟ, ଏବଂ ଆମେ ତୁମକୁ ଭଲ ପାଉ,” ଏବଂ ସେ ଜଣେ ଭଲ ଲୋକ ଅଟନ୍ତି, “ଆମେ ତୁମକୁ ଭଲପାଉ। ମାତ୍ର ତୁମେ ତାହା ପ୍ରଚାର କରିପାର ନାହିଁ। ଆମର—ଆମର ଧର୍ମମତ କୁହେ ଯେ ତୁମେ ତାହା କରିପାର ନାହିଁ। ଡାକ୍ତର *ଅମୁକ-ଓ-ଅମୁକ* ଏହା କହିଛନ୍ତି ଯେ ଏହା ତ ଏହିପରି ଅଟେ। ବର୍ତ୍ତମାନ ତୁମେ ଯଦି ଆମ ସହିତରେ ରହିବ, ତାହାହେଲେ ତୁମକୁ ଏହା ଏହିପରି ଭାବରେ ବିଶ୍ୱାସ କରିବାକୁ ପଡିବ। ତେବେ, ଯଦି ତୁମେ ଚାହଁ, ମୁଁ ଜାଣେ ଯେ ତୁମର ଏକ କଷ୍ଟକର ସମୟ ରହିଥିଲା, ତେବେ, ମୁଁ ଦେଖିବି ଯେ ଯଦି ମୁଁ ତୁମକୁ ପଦୋନ୍ନତି ନ କରାଇପାରେ, ତେବେ ବୋଧହୁଏ ମଣ୍ଡଳୀକୁ ବଦଳାଇ ଦେବି।” ଓଃ, ବିଲିୟାମ ଯେ ତୁମେ! ଯେତେବେଳେ ତୁମେ ପରମେଶ୍ୱରଙ୍କ ଇଚ୍ଛା ଜାଣିଥାଅ, ତେବେ ତୁମେ ତାହା ସାଧନ କର! ପରମେଶ୍ୱର ତାହାଙ୍କ ବିଚାର ବଦଳାଇବାକୁ ଯାଉ ନାହାଁନ୍ତି। ନା।

148 ଏପରି କିଛି ବିଷୟ ଯାହାକୁ ସେ ତାଙ୍କର, ଧନ ପ୍ରାପ୍ତି କମିଶନ ପାଇଁ, ସତ୍ୟକୁ ଅଣଦେଖା କରି ଦେଇପାରିବେ । ସେ କହିଲେ, "ତେବେ, ମୁଁ କରିବି—ମୁଁ ପୁଣିଥରେ ଚେଷ୍ଟା କରିବି ।" ସେଠାରେ ଥିବା ବିଲିୟାମ୍‌ମାନଙ୍କୁ ଲକ୍ଷ୍ୟ କରନ୍ତୁ ।

149 ତେଣୁକରି ବର୍ତ୍ତମାନ ମନେରଖନ୍ତୁ, ଯେତେବେଳେ ସେ ଦ୍ୱିତୀୟ ରାତିରେ ଆସିଲେ, ଏହି ମହାନ ଗଣ୍ୟମାନ୍ୟ ଲୋକମାନଙ୍କ ସହିତରେ, ତାଙ୍କର ବିବେକ ଆଗରୁ ଦୁର୍ବଳ ଏବଂ ଚେତାଶୂନ୍ୟ ହୋଇ ଯାଇଥିଲା, ପରମେଶ୍ୱର ତାଙ୍କୁ ଯିବା ପାଇଁ ଛାଡିଦେଲେ । ତେବେ, ପରମେଶ୍ୱର କେବେ ବି ଆପଣା ବିଚାରକୁ ବଦଳାଇଲେ ନାହିଁ, ମାତ୍ର ସେ ତାଙ୍କୁ ନିଜର ଅନୁମତିପ୍ରାପ୍ତ ଇଚ୍ଛା ପ୍ରଦାନ କଲେ । "ତେବେ ଠିକ ଅଛି ଯାଅ ।" ମାତ୍ର ସେ ଜାଣିବାକୁ ପାଇଲେ ଯେ ଏହା କାମ କରିବ ନାହିଁ ।

150 ପରମେଶ୍ୱର ଜାଣିଥିଲେ ଯେ ବିଲିୟାମଙ୍କ ହୃଦୟରେ କଅଣ ଥିଲା । ଯଦିଓ ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ସେ ଜାଣିଥିଲେ ଯେ ସେ ସେହି ପବିତ୍ର-ଧର୍ମୋନ୍ମତ୍ତ ଲୋକମାନଙ୍କୁ ଘୃଣା କରୁଥିଲେ, ଏବଂ ସେ—ଏବଂ ସେ କେବଳ…ସେ—ସେ ଯେକୌଣସି ପ୍ରକାରେ ବି, ସେମାନଙ୍କୁ ଅଭିଶାପ ଦେବାକୁ ଚାହୁଁଥିଲେ । ଏବଂ ପରମେଶ୍ୱର ତାଙ୍କୁ ଏହା ନ କରିବାକୁ କହିଥିଲେ, ମାତ୍ର ତଥାପି ସେ ପୁନର୍ବାର, ଆସିଲେ, ତାହା କରିବାକୁ ଚାହିଁଲେ, ତେଣୁକରି ପରମେଶ୍ୱର ତାଙ୍କୁ ଯିବାକୁ ଅନୁମତି ଦେଲେ । ପରମେଶ୍ୱର କହିଲେ, "ଅଗ୍ରସର ହୁଅ ।" ତେବେ, ମନେରଖନ୍ତୁ, ସେ କେବେ ବି ନିଜର ବିଚାର ବଦଳାଇଲେ ନାହିଁ ।

151 ଲକ୍ଷ୍ୟ କରନ୍ତୁ, ସେମାନଙ୍କୁ ଅଭିଶାପ ଦେବା ଏହା ତାଙ୍କର ଇଚ୍ଛା ଥିଲା । ଯେଉଁ ଲୋକମାନଙ୍କୁ ସେ ପାଗଳ ବୋଲି ଶ୍ରେଣୀଭୁକ୍ତ କରିଥିଲେ, ସେ ସେମାନଙ୍କୁ ଅଭିଶାପ ଦେବାକୁ ଚାହୁଁଥିଲେ । ସେ ଏକ ପଦ ଚାହୁଁଥିଲେ । ସେ ସେମାନଙ୍କ ସହିତ ବୋକା ହେବାକୁ ଚାହୁଁ ନ ଥିଲେ, ତେଣୁକରି ସେ ଭାବିଲେ ଯେ ଯଦି ସେ ରାଜାଙ୍କ ପାଇଁ ଏହି ଛୋଟ କାର୍ଯ୍ୟଟି କରି ଦେଇପାରିବେ, ତେବେ ତାଙ୍କୁ ପଦୋନ୍ନତି ମିଳିଯିବ । ପରମେଶ୍ୱର କେବେବି ତାହାଙ୍କର ବିଚାର କିମ୍ବା ତାହାଙ୍କର ବାକ୍ୟ ବଦଳାଇଲେ ନାହିଁ ।

ମାତ୍ର ସେ ଆପଣଙ୍କୁ ନିଜ ହୃଦୟର, ଆପଣଙ୍କର ହୃଦୟର ଇଚ୍ଛା ପ୍ରଦାନ କରିବେ । ସେ ତାହା ପ୍ରତିଜ୍ଞା କରିଛନ୍ତି । କଅଣ ଆପଣ ତାହା ଜାଣନ୍ତି କି? ସେ ଆପଣଙ୍କୁ ଆପଣଙ୍କର ହୃଦୟର ଇଚ୍ଛାକୁ ଦେବା ପାଇଁ ପ୍ରତିଜ୍ଞା କରିଛନ୍ତି । ଏବଂ ତେବେ ଆପଣଙ୍କର ଇଚ୍ଛା ପରମେଶ୍ୱରଙ୍କ ବାକ୍ୟ ହେଉ । ତେବେ ଆପଣଙ୍କର ଇଚ୍ଛା ତାହାଙ୍କର ଇଚ୍ଛା ହେଉ, କେବେବି ଆପଣଙ୍କର ନିଜର ଇଚ୍ଛା ନୁହେଁ । ତାହାଙ୍କର ଇଚ୍ଛା! ଯଦି ସେ…ଆପଣ ତାହାଙ୍କୁ କିଛି ମାଗନ୍ତୁ, ସେ ଆପଣଙ୍କୁ ତାହା ସେହିପରି ଦେଇ ଦିଅନ୍ତି ନାହିଁ, ଧରନ୍ତୁ, "ତୁମର ଧନ୍ୟବାଦ ହେଉ, ପ୍ରଭୁ । ତୁମେ ଜାଣିଛ ଯେ କଅଣ ଉତ୍ତମ ଅଟେ ।"

152 ଏପରିକି ରାଜା ହିଜିକିୟଙ୍କୁ ମଧ୍ୟ ଦେଖନ୍ତୁ, ଯେତେବେଳେ ସେ ସେହି ଭବିଷ୍ୟଦ୍‌ବକ୍ତାଙ୍କୁ ସେଠାରେ ତାଙ୍କ ନିକଟକୁ ପଠାଇଲେ, ପରମେଶ୍ୱର ତାହା କଲେ, ଏବଂ କହିଲେ, "ନିଜ

ଘରକୁ ସଜାଡି କ୍ରମରେ ରଖ । ତୁମେ ମରିବାକୁ ଯାଉଛ ।”

ହିଜିକିୟ କାନ୍ଥ ଆଡ଼କୁ ନିଜର ମୁହଁ କରି ଅତିଶୟ ରୋଦନ କଲେ, ଏବଂ କହିଲେ, “ହେ ପ୍ରଭୁ ପରମେଶ୍ୱର, ମୁଁ—ମୁଁ ତୁମଠାରେ ବିନତୀ କରୁଅଛି ଯେ ତୁମେ ମୋର ବିଚାର କର । ମୁଁ ତୁମ ସମ୍ମୁଖରେ ଏକ ସିଦ୍ଧ ଅନ୍ତଃକରଣ ସହିତ ଗମନାଗମନ କରିଅଛି । ମୁଁ ଚାହେଁ ଯେ ତୁମେ ମୋତେ ଆହୁରି ପନ୍ଦର ବର୍ଷ ଅଧିକ ବଞ୍ଚିବାକୁ ଦିଅ ।”

153 “ଠିକ୍ ଅଛି ।” ପରମେଶ୍ୱର ସେହି ଭବିଷ୍ୟଦ୍‌ବକ୍ତାଙ୍କ ସହିତ କଥାବାର୍ତ୍ତା କରି, କହିଲେ, “ଫେରିଯାଅ ଏବଂ ତାଙ୍କୁ କୁହ ଯେ ମୁଁ ତାଙ୍କ କଥା ଶୁଣିଅଛି ।”

ଏବଂ ସେ କଅଣ କଲେ? ସେ ସମଗ୍ର ଦେଶ ପ୍ରତି ଅପମାନ ବିଷୟ ଆଣିଲେ । ସେ ପରମେଶ୍ୱରଙ୍କ କ୍ରୋଧକୁ ଅତିଶୟ ପ୍ରଜ୍ୱଳିତ କଲେ ଏପରିକି ସେ ତାଙ୍କୁ ମାରି ପକାଇଥାନ୍ତେ । ତାହା ଠିକ୍ ଅଟେ । ଆପଣ ତାହା ଜାଣିଛନ୍ତି । ପରମେଶ୍ୱରଙ୍କଠାରେ ପଶ୍ଚାଦଗମନ କଲେ । ଏହା ତ ଅଧିକ ଉତ୍ତମ ହୋଇଥାନ୍ତା, ଯେ, ରାଷ୍ଟ୍ର, ରାଜା, ଏବଂ ସମସ୍ତେ, ଯଦି ସେ ଆଗକୁ ଯାଇ ପରମେଶ୍ୱରଙ୍କ ସେହି ପ୍ରଥମ ବିଷୟଟିକୁ ନିଜ ପାଇଁ ଗ୍ରହଣ କରି ନେଇଥାଆନ୍ତେ ।

ମାତ୍ର ଏହା ସେହି ଭବିଷ୍ୟଦ୍‌ବକ୍ତାଙ୍କ ପକ୍ଷେ କଠିନ ଦେଖା ଯାଉଥିଲା, ଯେତେବେଳେ ସେହି ଭବିଷ୍ୟଦ୍‌ବକ୍ତାଙ୍କୁ ଫେରି ଯାଇ ହିଜିକିୟଙ୍କ ନିକଟରେ ପରମେଶ୍ୱରଙ୍କ ବାକ୍ୟକୁ କହିବାକୁ ଥିଲା, ଯେତେବେଳେକି ସେ ତାଙ୍କୁ ଆଗରୁ ଥରେ କହିସାରିଥିଲେ । ମାତ୍ର ପରମେଶ୍ୱର କହିଲେ, “ଯାଇ କୁହ ।” କିନ୍ତୁ, ଆପଣ ଦେଖନ୍ତୁ, ଏହା ଏକ ଅପମାନ ବିଷୟ ଆଣିଥିଲା ।

154 ବିଲିୟାମ୍ କଅଣ କଲେ? ପରମେଶ୍ୱରଙ୍କ ଇଚ୍ଛା ଜାଣିବା ପରେ ସୁଦ୍ଧା, ଏବଂ ତଥାପି ସେ ଜିଦ୍ କରି ସେଥିରେ ସ୍ଥିର ରହିଲେ, ଯେ ସେ ଯାହା ବି ହେଉ, ଏହାକୁ କରିବାକୁ ଯାଉଛନ୍ତି । ଏବଂ ଏହା କଅଣ କରିଥିଲା? ଧ୍ୟାନ ଦିଅନ୍ତୁ । ସେ କେବେ ବି ନିଜର ବିଚାର ବଦଳାଇଲେ ନାହିଁ । ସେ ଜାଣିଥିଲେ ଯେ ବିଲିୟାମ୍‌ଙ୍କ ହୃଦୟରେ କଅଣ ଅଛି ।

155 ଆପଣ ଜାଣନ୍ତି, ଥୋମା, ଥରେ ସେ ଏହାକୁ ବିଶ୍ୱାସ କରିପାରି ନ ଥିଲେ । ନା, ସେ—ସେ କହିଲେ, “ନା, ମୁଁ ତାହା ବିଶ୍ୱାସ କରିପାରେ ନାହିଁ । ଯଦି ମୁଁ ମୋର ହାତକୁ ନେଇ ତାଙ୍କ ପାର୍ଶ୍ୱରେ ପୂରାଇ ଦେଇପାରିବି, ଏହାକୁ ତାଙ୍କ ହାତର କଣ୍ଟାରେ ରଖି ଦେଇପାରିବି, ତେବେ, ତାହାହେଲେ, ତାହାହେଲେ ଯାଇ ମୁଁ—ମୁଁ ଏହାକୁ ସେତେବେଳେ ବିଶ୍ୱାସ କରିବି ।”

ସେ କହିଲେ, “ଥୋମା, ଏଠାକୁ ଆସ । ଦେଖୁଛ? ତେବେ ଏଠାରେ ତୁମର ହାତ ପୂରାଅ ।”

ତେବେ, ଓଃ, ଥୋମା ବର୍ତ୍ତମାନ କହିଲେ, “ଏହା ମୋର ପ୍ରଭୁ ଏବଂ ମୋର ପରମେଶ୍ୱର ଅଟନ୍ତି ।”

156 କହିଲେ, "ହଁ, ତୁମେ ଏହା ଦେଖିଅଛ, ଏବଂ ବର୍ତ୍ତମାନ ତୁମେ ଏହାକୁ ବିଶ୍ୱାସ କରିଅଛ। ତେବେ ସେମାନଙ୍କର ପୁରସ୍କାର କେତେ ଅଧିକ ବଡ଼ ହେବ, ଯେଉଁମାନେକି କେବେ ଦେଖି ନାହାଁନ୍ତି ଏବଂ ତଥାପି ବିଶ୍ୱାସ କରନ୍ତି!"

ଲୋକମାନେ ବେଳେବେଳେ ସେପର୍ଯ୍ୟନ୍ତ ପବିତ୍ରଆତ୍ମା ଗ୍ରହଣ କରନ୍ତି ନାହିଁ ଯେପର୍ଯ୍ୟନ୍ତକି ସେମାନେ ପରଭାଷାରେ କଥା ନ କୁହନ୍ତି। ମୁଁ ନିଶ୍ଚିତରେ, ପରଭାଷାରେ କଥା କହିବାରେ ବିଶ୍ୱାସ କରେ। ସେ ଜଣେ ଭଲ ପରମେଶ୍ୱର ଅଟନ୍ତି; ସେ ଆପଣଙ୍କୁ ଆପଣଙ୍କ ହୃଦୟର ଇଚ୍ଛା ପ୍ରଦାନ କରିବେ। ମାତ୍ର ଯାଏ ଆସେ ନାହିଁ ଯେ ଆପଣ କେତେ ଅଧିକ ଭାଷାରେ କଥା କୁହନ୍ତି, ଏବଂ ଏହି ବାକ୍ୟକୁ ଅସ୍ୱୀକାର କରନ୍ତି, ତାହାହେଲେ ଆପଣ ତ ଯେକୌଣସି ପ୍ରକାରେ ବି ଭୁଲ୍ ଅଟନ୍ତି। ବୁଝିଲେ? ଦେଖନ୍ତୁ, ଆପଣ ପରଭାଷାରେ କଥା କହିବା ଦ୍ୱାରା ଭିତରକୁ ଯାଆନ୍ତି ନାହିଁ। ଆପଣ ପ୍ରତ୍ୟେକ ବାକ୍ୟକୁ ପାଳନ କରିବା ଦ୍ୱାରା ଭିତରକୁ ଯାଆନ୍ତି। ତାହାହିଁ ହେଉଛି ପବିତ୍ରଆତ୍ମାଙ୍କର ପ୍ରମାଣ, ଯେତେବେଳେ ଆପଣ ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରନ୍ତି। ବୁଝିଲେ?

157 ମୁଁ ପରଭାଷାରେ କଥା କହିବାରେ ବିଶ୍ୱାସ କରେ। ମୁଁ ବିଶ୍ୱାସ କରେ ଯେ ଆପଣ ସଂଜୀବିତ ହୋଇପାରନ୍ତି, ଯେପରିକି ମୁଁ ଆଜି ସକାଳେ କହିଥିଲି, ଏପରିକି ଆପଣ ଏକ ନୂତନ ଭାଷାରେ କଥା କହିବେ। ମୋର, ନିଜର ତାହା ରହିଥିଲା, ଏବଂ ମୁଁ ଜାଣେ ଯେ ଏହା ହେଉଛି ସତ୍ୟ। ମୁଁ ଜାଣେ ଯେ ଏହା ସତ୍ୟ ଅଟେ। ମାତ୍ର ତାହା ସେହି ଚିହ୍ନ ନୁହେଁ, ଆପଣ, ଯେ ଆପଣ ପରମେଶ୍ୱରଙ୍କ ମନୋନୀତ ସନ୍ତାନ ଅଟନ୍ତି। ବୁଝିଲେ? ନା, ପ୍ରକୃତରେ ନୁହେଁ। ସେ କେବେବି କହି ନାହାଁନ୍ତି...

"ଅନେକେ ମୋ ପାଖକୁ ଆସି କହିବେ, 'ପ୍ରଭୁ, କଅଣ ମୁଁ ତୁମ ନାମରେ ଭବିଷ୍ୟଦ୍‌ବାଣୀ କରି ନାହିଁ ଏବଂ ଏହି ସବୁ ମହତ୍ କାର୍ଯ୍ୟ କରି ନାହିଁ କି?' ସେ କହିବେ, 'ହେ ଅଧର୍ମାଚାରୀମାନେ, ମୋ ଠାରୁ ଦୂର ହୁଅ, ମୁଁ ତୁମକୁ କେବେ ଜାଣେ ସୁଦ୍ଧା ନାହିଁ।'"

158 କଅଣ ଆପଣ ପରଭାଷାରେ କଥା କୁହନ୍ତି ଏବଂ ତାହାପରେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାକୁ ନାସ୍ତି କରନ୍ତି କି? ତାହାହେଲେ କୌଣସି ସ୍ଥାନରେ ତ କିଛି ଗୋଟାଏ ଭୁଲ୍ ଅଛି। ହଁ, ପ୍ରକୃତରେ; ସେହି ଜିନିଷଗୁଡ଼ିକ ମଧ୍ୟରୁ ଯେକୌଣସିଟି, ପରମେଶ୍ୱର ଦେଇଥିବା ଆଦେଶଗୁଡିକ ମଧ୍ୟରୁ ଯେକୌଣସିଟି। ସେଠାରେ କିଛି ଗୋଟାଏ ବିଷୟ ଭୁଲ୍ ଅଛି। କେବଳ ଆପଣାର ନିଜ ବିବେକକୁ ଅଣ୍ଡାଳନ୍ତୁ, ଏବଂ ଦେଖନ୍ତୁ ଯେ—ଦେଖନ୍ତୁ ଯେ ବାଇବଲ କଅଣ କହୁଛି। ମୋତେ କୌଣସି ସ୍ଥାନରେ ଏହା ଦେଖାନ୍ତୁ ଯେ କେହି କେବେ କୌଣସିଠାରେ "ପିତା, ପୁତ୍ର, ପବିତ୍ରଆତ୍ମା" ଙ୍କ ନାମରେ ବାପ୍ତିଜିତ ହୋଇଥିଲେ। ଦେଖନ୍ତୁ? ଏହା ସେଠାରେ ନାହିଁ। ମାତ୍ର, ଆପଣ ଦେଖନ୍ତୁ, ବେଳେବେଳେ ଆପଣଙ୍କର ବିବେକ ସକାଶୁ, ଆପଣ କୁହନ୍ତି, "ତେବେ..."

ଆପଣ କୁହନ୍ତି, "ପରମେଶ୍ୱର ସ୍ତ୍ରୀଲୋକମାନଙ୍କୁ କଥା କୁହନ୍ତି ଯେ ସେମାନେ କିପରି

କରିବା କଥା, ଛୋଟ ଜାମା ସର୍ଟ ଏବଂ ଜିନିଷସବୁ ପିନ୍ଧିବା ଉଚିତ୍ ନୁହେଁ, ମାତ୍ର, ଆପଣ ଜାଣନ୍ତି, ପାଳକ କୁହନ୍ତି…" ତେଣୁ ସେମାନେ ସହଜ ଉପାୟ ଅବଲମ୍ବନ କରନ୍ତି।

159 ସେମାନେ ଜାଣନ୍ତି ଯେ ପରମେଶ୍ୱର ଏଠାରେ ଏହା ବିଷୟରେ କଅଣ କହିଛନ୍ତି। ବୁଝିଲେ? ନିଶ୍ଚିତରେ, ପରମେଶ୍ୱର ଏହିପରି କହିଛନ୍ତି।

ତେଣୁକରି ସେମାନେ—ସେମାନେ—ସେମାନେ ଏହାକୁ, ଯେକୌଣସି ଉପାୟରେ ବି କରିବାକୁ ଚାହାଁନ୍ତି, ଦେଖନ୍ତୁ। ସେମାନେ ଏକ ବାହାନା ଖୋଜିବାକୁ ଚେଷ୍ଟା କରନ୍ତି। "ତେବେ, ମୁଁ ଭାବୁଛି ଯେ ଏହା ବହୁତ ଅଧିକ ଭଲ ଅଟେ। ଏହା—ଏହା ନୁହେଁ…ପବନ ପ୍ରବାହିତ ହୁଏ ନାହିଁ…" ହଁ।

ମାତ୍ର ପରମେଶ୍ୱର କହିଥିଲେ ଯେ ଜଣେ ପୁରୁଷର ପୋଷାକ ଜଣେ ସ୍ତ୍ରୀଲୋକଠାରୁ ଭିନ୍ନ ହେଉ। "ଯଦି ଜଣେ ସ୍ତ୍ରୀଲୋକ ଜଣେ ପୁରୁଷର ପୋଷାକ ପିନ୍ଧନ୍ତି, ତେବେ ଏହା ତାହାଙ୍କ ଦୃଷ୍ଟିରେ ଘୃଣାଯୋଗ୍ୟ ବିଷୟ ଅଟେ।" ତେଣୁକରି ଏହା ଠିକ୍ ନୁହେଁ, ହଁ, ଏବଂ ଆପଣଙ୍କୁ ଏହା କରିବା ଉଚିତ୍ ନୁହେଁ। ନା। ବୁଝିଲେ? ତେଣୁକରି, ଅତଏବ, ଏହା ଭୁଲ ଅଟେ।

160 ମାତ୍ର, ଆପଣ ଦେଖନ୍ତୁ, ସେମାନେ ଏକ ବାହାନା ଖୋଜିବାକୁ ଚେଷ୍ଟା କରନ୍ତି, ଯେ, "ପ୍ରଭୁ ମୋତେ ଏହା କରିବାକୁ କହିଛନ୍ତି।" ମୁଁ କହୁ ନାହିଁ ଯେ ସେ କରିନାହାଁନ୍ତି, ମାତ୍ର, ଦେଖନ୍ତୁ, ଏହା ତାହାଙ୍କର ସିଦ୍ଧ ଇଚ୍ଛା ନୁହେଁ। ଏହାକୁ ତ ତାହାଙ୍କର ଅନୁମତିପ୍ରାପ୍ତ ଇଚ୍ଛା ହେବାକୁ ଅଛି। ଆପଣ ଦେଖନ୍ତୁ ଯେ ଏହା କଅଣ କରିବ? ଏହା ସମଗ୍ର ଗୋଷ୍ଠୀକୁ ପ୍ରଦୂଷିତ କରି ଦେବ। ଏହା ସମଗ୍ର ଚାଉଣୀକୁ ପ୍ରଦୂଷିତ କରି ପକାଇଲା।

161 ଏଠାରେ ଧ୍ୟାନ ଦିଅନ୍ତୁ, ପରମେଶ୍ୱର ଆପଣା ବିଚାର, ଆପଣା ବାକ୍ୟକୁ କେବେ ବି ବଦଳାଇଲେ ନାହିଁ। ମାତ୍ର ସେ ଜଣେ ଭଲ ପରମେଶ୍ୱର ଅଟନ୍ତି, ଏବଂ ସେ ଆପଣଙ୍କୁ ଆପଣଙ୍କର ହୃଦୟର ଇଚ୍ଛା ପ୍ରଦାନ କରିବେ, ଯଦିଓ ଏହା ତାହାଙ୍କର ଇଚ୍ଛା ବିରୁଦ୍ଧରେ ରହିଥାଏ। କଅଣ ଆପଣ ତାହା ବିଶ୍ୱାସ କରନ୍ତି କି?

ଦେଖନ୍ତୁ, ପରମେଶ୍ୱର ମୋଶାଙ୍କୁ କହିଲେ, "ତୁମେ ସେଠାରେ ତଳକୁ ଯାଅ," ଏହି ଅଭିଷିକ୍ତ ଭବିଷ୍ୟଦ୍‌ବକ୍ତାଙ୍କୁ। କହିଲେ, "ସେଠାରେ ତଳକୁ ଯାଅ ଏବଂ ସେହି ଶୈଳକୁ କୁହ।" ଏହା ଆଗରୁ ପ୍ରହାରିତ ହୋଇସାରିଛି।

162 ମୋଶା ସେଠାରେ ତଳକୁ ନିଜ କ୍ରୋଧରେ ଗଲେ, ସେହି ଯଷ୍ଟିକୁ ଉଠାଇଲେ, ଏବଂ କହିଲେ, "ତୁମେ ବିଦ୍ରୋହୀମାନେ, କଅଣ ଆମେ ତୁମ ପାଇଁ ଏହି ଶୈଳରୁ ଜଳ ବାହାର କରିବା କି?" ଏବଂ ସେହି ଶୈଳକୁ ପ୍ରହାର କଲେ। ଜଳ ବାହାରିଲା ନାହିଁ। ସେ ଏହାକୁ ପୁନର୍ବାର ପ୍ରହାର କଲେ; ଜଳ ବାହାରିଲା। ଏହା ପରମେଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ ଥିଲା। ଏହା ବାଇବଲରେ ଥିବା ପ୍ରତ୍ୟେକ ଯୋଜନାକୁ ଭାଙ୍ଗି ଦେଲା; ଖ୍ରୀଷ୍ଟଙ୍କୁ ଦ୍ୱିତୀୟ ଥର ପ୍ରହାରିତ କରିବାକୁ ପଡିଲା। ବୁଝିଲେ? ଖ୍ରୀଷ୍ଟ ତ ଥରେ ପ୍ରହାରିତ କରା ହୋଇଥିଲେ। ଏହା ସମ୍ପୂର୍ଣ୍ଣ ଯୋଜନାକୁ ଭାଙ୍ଗି ଦେଲା। ମାତ୍ର ସେ ତାଙ୍କୁ ନିଜର ଅନୁମତିପ୍ରାପ୍ତ ଇଚ୍ଛା ପ୍ରଦାନ କଲେ।

ତେବେ, ତାହାପରେ, ସେ କହିଲେ, "ଦେଖ, ଆମେ ତୁମ ପାଇଁ ଜଳ ଆଣି ଦେଇଛୁ। ହଁ, ମୁଁ ତୁମ ପାଇଁ ଏହା ଆଣିଦେଇଛି, ତୁମେ ବିଦ୍ରୋହୀମାନଙ୍କର ସମୂହ!"

163 ପରମେଶ୍ୱର କହିଲେ, "ମୋଶା, ଏଠାକୁ ଆସ। ଏଠାକୁ ଆସ। ଏଠାରେ ଉପରକୁ ଆସ…ତୁମେ ଜଣେ ବିଶ୍ୱସ୍ତ ସେବକ ରହି ଆସିଛ।" (ଯେପରିକି ଉଚ୍ଚ ଗୋଇଠି ଥିବା ସେହି ସ୍ତ୍ରୀଲୋକଜଣ, "ତୁମେ ଆରୋହଣ କଲ," ଦେଖନ୍ତୁ।) "ସେଠାରେ ଆରପାରିକୁ ଦେଖ। ସେହି ପ୍ରତିଜ୍ଞାତ ଦେଶକୁ ଦେଖୁଛ କି?"

"ହେ ପ୍ରଭୁ!"

"ମାତ୍ର ତୁମେ ଆଉ ଆରପାରିକୁ ଯାଉ ନାହଁ। ତୁମେ ଏଠାରେ ସେହି ଶୈଳ ପାଖରେ, ମୋର ଅନୁମତିପ୍ରାପ୍ତ ଇଚ୍ଛାକୁ ଗ୍ରହଣ କଲ। ତୁମେ ନିଜକୁ ଗୌରବାନ୍ୱିତ କରିଅଛ, ଦେଖ, ଏବଂ ମୋତେ ନୁହଁ। ତୁମେ ନିଜକୁ ପବିତ୍ରୀକୃତ କରିଅଛ। ତୁମେ ମୋତେ ପବିତ୍ରୀକୃତ କରି ନାହଁ। ତୁମେ ମୋର ମୂଳ ବାକ୍ୟକୁ ରକ୍ଷା କରି ନାହିଁ, ଯାହା ମୁଁ ତୁମକୁ କରିବାକୁ କହିଥିଲି।" ତଥାପି, ଜଳ ବାହାରିଥିଲା।

ଆପଣ ରୋଗୀମାନଙ୍କ ଉପରେ ହାତ ରଖିପାରନ୍ତି ଏବଂ ସେମାନେ ସୁସ୍ଥ ହେବେ। ଆପଣ ଭବିଷ୍ୟଦ୍‌ବାଣୀ କରିପାରନ୍ତି, କିମ୍ବା ପରଭାଷାରେ କଥା କହିପାରନ୍ତି। ମାତ୍ର, ମୂଳ ବିଷୟଟି ହେଉଛି, ତାହାଙ୍କର ମୂଳ ବାକ୍ୟକୁ ରକ୍ଷା କରିବା! ପରମେଶ୍ୱର ନିଜର ବିଚାରକୁ ବଦଳାନ୍ତି ନାହିଁ, ବନ୍ଧୁ। ଆପଣଙ୍କୁ ତ ତାହାଙ୍କର କାର୍ଯ୍ୟଭାରକୁ, ତାହାଙ୍କର ଇଚ୍ଛାକୁ ରକ୍ଷା କରିବାକୁ ଅଛି।

"ଓଃ, ତେବେ, ତାହା ତ ଶିଷ୍ୟମାନଙ୍କ ପାଇଁ ଥିଲା।"

164 ସେ ବଦଳନ୍ତି ନାହିଁ। ଯଦି ତାହାଙ୍କର ଏବେ ମଧ୍ୟ ଜଣେ ଶିଷ୍ୟ ରହିଅଛି, ତେବେ ତାହା ସେହି ସମାନ କାର୍ଯ୍ୟଭାର ଅଟେ। "ତୁମେ ସମଗ୍ର ଜଗତକୁ ଯାଇ ସୁସମାଚାର ପ୍ରଚାର କର। ଯେଉଁମାନେ ବିଶ୍ୱାସ କରନ୍ତି ଏହି ଚିହ୍ନଗୁଡିକ ସେମାନଙ୍କର ଅନୁକାରୀ ହେବ।" ଏହା କଦାପି ବଦଳି ନାହିଁ। ସେ ବଦଳିପାରେ ନାହିଁ।

ବର୍ତ୍ତମାନ, ଆପଣ କହିପାରନ୍ତି, "ତେବେ, ମୁଁ ଆପଣଙ୍କୁ କହୁଛି, ଏହା ଏହି ଦିନ ପାଇଁ ନୁହେଁ।" ହେ, ବିଲିୟାମୀୟ ଯେ ତୁମେ! କଅଣ ଆପଣ ଦେଖୁଛନ୍ତି କି? ଦେଖନ୍ତୁ, ପରମେଶ୍ୱର ବଦଳନ୍ତି ନାହିଁ। ସେ ତ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି।

165 ଆଜି ସେହି ବିଲିୟାମୀୟମାନଙ୍କୁ ଦେଖନ୍ତୁ। "ଓଃ, ମୁଁ ଜାଣେ, ବାଇବଲରେ ସେମାନେ ଯୀଶୁଙ୍କ ନାମରେ ବାପ୍ତିଜିତ କରିଥିଲେ, ମାତ୍ର, ଦେଖନ୍ତୁ, ସମସ୍ତ ଲୋକମାନେ…"

ଲୋକମାନେ କଅଣ କରନ୍ତି ମୋର ସେଥିରେ କିଛି ଯାଏ ଆସେ ନାହିଁ। "ମନୁଷ୍ୟମାନଙ୍କ ମଧ୍ୟରେ ସ୍ୱର୍ଗ ତଳେ ଆଉ ଅନ୍ୟ କୌଣସି ନାମ ନାହିଁ ଯେଉଁଥିରେକି ଆପଣ ଉଦ୍ଧାର ପାଇପାରନ୍ତି।" "ଯୀଶୁ ଖ୍ରୀଷ୍ଟଙ୍କ ନାମ ବ୍ୟତୀତ, ଅନ୍ୟ କୌଣସି ଉପାୟରେ ପାପର କ୍ଷମା

ନାହିଁ।” କଅଣ, ଆପଣ କେତେ ଭଲ ଅଟନ୍ତି, ଆପଣ କଅଣ କରନ୍ତି, ତାହାର ଏହା ସହିତ ଗୋଟିଏ ହେଲେ ସମ୍ପର୍କ ନାହିଁ। ଏହା ତ ପରମେଶ୍ୱରଙ୍କ ମୂଳ ବାକ୍ୟ ଅଟେ; ଆପଣଙ୍କୁ ତାହା ସହିତ ରହିବାକୁ ଅଛି। ହ୍ଟ୍ୟା! ଠିକ୍ ଅଛି।

166 “ତାହାଙ୍କ ବାକ୍ୟ ପ୍ରତି ଆଜ୍ଞାବହତା ହେଉଛି ବଳିଦାନ ଅପେକ୍ଷା ଅଧିକ ଉତ୍କୃଷ୍ଟତର।” ଆପଣଙ୍କର ସେହି ସମୟ ମନେ ଅଛି ଯେତେବେଳେ ଶାଉଲ ଫେରି ଆସିଥିଲେ।

167 ବିଲିୟାମଙ୍କ ପାଖରେ ବିଶ୍ୱାସର ଏକ ବରଦାନ ରହିଥିଲା ଏବଂ ସେ ଏହାକୁ ପରମେଶ୍ୱରଙ୍କ ସିଦ୍ଧ, ମୂଳ ବାକ୍ୟ ପ୍ରତି ବ୍ୟବହାର କରି ପାରିଥାନ୍ତେ।

ଆଜି ପ୍ରଚାର କ୍ଷେତ୍ରରେ ଥିବା ଅନେକ ପୁରୁଷମାନେ, ଆରୋଗ୍ୟତାର ବରଦାନ ସହିତ, ସେହି ସମାନ କାର୍ଯ୍ୟଗୁଡିକୁ କରିପାରିବେ। ଏଠାରେ ଥିବା ଅନେକ ପୁରୁଷମାନେ, ଲୋକମାନେ ପରଭାଷାରେ କଥା କହୁଛନ୍ତି, ଲୋକମାନେ ଭବିଷ୍ୟଦ୍‌ବାଣୀ କରୁଛନ୍ତି, ଏକ ବରଦାନ, ଏହାକୁ ପରମେଶ୍ୱରଙ୍କ ରାଜ୍ୟ ପାଇଁ ବ୍ୟବହାର କରିପାରିବେ, ମାତ୍ର ସେମାନେ ତାହା କରନ୍ତି ନାହିଁ। ସେମାନେ ନିଅନ୍ତି…ଏବଂ ପରମେଶ୍ୱର ସେମାନଙ୍କୁ ଯେକୌଣସି ପ୍ରକାରେ ବି, ଆଶୀର୍ବାଦ କରନ୍ତି, ଅନୁମତିପ୍ରାପ୍ତ ଇଚ୍ଛା ପାଆନ୍ତି। ମାତ୍ର ଲୋକପ୍ରିୟତା, ଏବଂ ସୁଖ ବିଳାସ, ବ୍ୟକ୍ତିଗତ ଲାଭ ପାଇଁ, ସେମାନଙ୍କର ଜନ୍ମ ଅଧିକାରକୁ ବିକ୍ରୟ କରି ଦିଅନ୍ତି, ଯେପରିକି ଏଷୌ କରିଥିଲା, ଦେଖନ୍ତୁ, ଏକ ସଂସ୍ଥାକୁ ବିକ୍ରି କରି ଦିଅନ୍ତି। ବିକ୍ରୟ କରି ଦିଅନ୍ତି, ଯେପରିକି ବିଲିୟାମ୍ କରିଥିଲେ। ବୁଝିଲେ?

ଆଜି ଅନେକେ ସେହି ସମାନ କାର୍ଯ୍ୟକୁ କରୁଅଛନ୍ତି। ଆମେମାନେ ଜାଣୁ ଯେ ତାହା ଠିକ୍ ଅଟେ। ସେମାନେ ସେମାନଙ୍କର ଜନ୍ମ ଅଧିକାରକୁ ବିକ୍ରୟ କରି ଦିଅନ୍ତି। ହୁଃ! ସ୍ତ୍ରୀଲୋକମାନେ ପବିତ୍ରଆତ୍ମା ପାଇଛନ୍ତି ବୋଲି କହୁଅଛନ୍ତି, ଛୋଟ ଛୋଟ ଜାମା ସର୍ଟ ପିନ୍ଧିଥାନ୍ତି; ପୁରୁଷମାନେ ସେମାନଙ୍କୁ ପ୍ରଚାର ମଞ୍ଚରେ ଅନୁମତି ଦେଇଥାନ୍ତି, ଛୋଟ ଛୋଟ କେଶ-ବିଶିଷ୍ଟ ମହିଳାମାନେ ପ୍ରଚାର ମଞ୍ଚରେ ରହିଥାନ୍ତି; ସେମାନଙ୍କ ମୁଖମଣ୍ଡଳରେ ରଙ୍ଗ ପ୍ରସାଧନ ଲଗାଇଥାନ୍ତି, ଧାର୍ମିକ ପୋଷାକପତ୍ର ପରିଧାନ କରିଥାନ୍ତି। ସବୁଠୁ ବଡ଼ ବାଧାଜନକ ବିଷୟ ଅଟନ୍ତି ଯାହାକି କଦାଚ ମଣ୍ଡଳୀରେ ରହିଅଛି।

168 ଯଦି ଆପଣ ଜାଣିବାକୁ ଚାହାଁନ୍ତି, ରାଜନୈତିକ ଶକ୍ତିରେ, ଏହା ରାଜ୍ୟ ଯୁଗରେ କେଉଁ ସମୟ ଅଟେ, ଦେଖନ୍ତୁ ଯେ ଯିହୁଦୀମାନେ କେଉଁଠାରେ ଅଛନ୍ତି। ଦେଖନ୍ତୁ ଯେ ଯିହୁଦୀମାନେ କିପରି ଅଛନ୍ତି, କାରଣ ସେମାନେ ଏକ ରାଷ୍ଟ୍ର ଅଟନ୍ତି। ଯଦି ଆପଣ ଏହା ଜାଣିବାକୁ ଚାହାଁନ୍ତି ଯେ ରାଷ୍ଟ୍ରମାନେ କେଉଁଠାରେ ଛିଡା ହୋଇଛନ୍ତି, ତେବେ ଯିହୁଦୀମାନଙ୍କୁ ଦେଖନ୍ତୁ।

ଯଦି ଆପଣ ଜାଣିବାକୁ ଚାହାଁନ୍ତି ଯେ ମଣ୍ଡଳୀ କେଉଁଠାରେ ଛିଡା ହୋଇଅଛି, ତେବେ ସ୍ତ୍ରୀଲୋକମାନଙ୍କୁ ଦେଖନ୍ତୁ। ସ୍ତ୍ରୀଲୋକମାନଙ୍କ ମଧ୍ୟରେ ସେହି ନୈତିକତାକୁ ଦେଖନ୍ତୁ, କାରଣ ସେ ମଣ୍ଡଳୀର ଏକ ପ୍ରତିନିଧିତ୍ୱ ଅଟେ। ଯେତେବେଳେ ଆପଣ ସ୍ତ୍ରୀଲୋକମାନଙ୍କ ମଧ୍ୟରେ କ୍ଷୟ ବିଷୟକୁ ଦେଖନ୍ତି, ଆପଣ ମଣ୍ଡଳୀରେ ସେହି କ୍ଷୟ ବିଷୟକୁ ପାଆନ୍ତି। ସେ

ଯାହା ହୋଇଗଲା, ଜଣେ ରଙ୍ଗ-ଚିତ୍ରିତ ଇଷେବେଲ, ଅବିକଳ ଠିକ୍ ତାହାହିଁ ମଣ୍ଡଳୀ ମଧ୍ୟ ହୋଇଯାଇଛି। ବୁଝିଲେ? ତେବେ, ତାହା ସତ୍ୟ ଅଟେ, ଏବଂ ଆପଣ ତାହା ଜାଣିଛନ୍ତି। ବୁଝିଲେ? ଯଦି ଆପଣ ଜାଣିବାକୁ ଚାହାଁନ୍ତି ଯେ ମଣ୍ଡଳୀ କେଉଁଠାରେ ଅଛି, ତେବେ ଆପଣଙ୍କର ସ୍ତ୍ରୀଲୋକମାନଙ୍କ ମଧ୍ୟରେ ନୈତିକତା ଦେଖନ୍ତୁ। କାରଣ, ସେ ହେଉଛି, ମଣ୍ଡଳୀ ଜଣେ ସ୍ତ୍ରୀ ଅଟେ।

ଯଦି ଆପଣ ଜାତୀୟ ସ୍ଥିତିକୁ ଜାଣିବାକୁ ଚାହାଁନ୍ତି, ତେବେ ଯିହୁଦୀମାନଙ୍କୁ ଦେଖନ୍ତୁ।

169 ଧ୍ୟାନ ଦିଅନ୍ତୁ, ଯେତେବେଳେ ପରମେଶ୍ୱର ବିଲିୟାମକୁ କହିଥିଲେ, ଯେତେବେଳେକି ସେ ସୀଧା-ସଳଖ ସତ୍ୟ ନିଷ୍ପତ୍ତି, ବାକ୍ୟ ଶୁଣିସାରିଥିଲା ଯେ, "ଯାଅ ନାହିଁ।" ହଁ, ତାହାପରେ ସେ ତାଙ୍କୁ କହିଲେ, ଯେତେବେଳେ ପରମେଶ୍ୱର ତାଙ୍କ—ତାଙ୍କ ହୃଦୟରେ ଏହା ଦେଖିବା ପରେ, ଯେ ଏହା କଅଣ କରିବାର ଉଚିତ୍ ଥିଲା; ସେ ତାଙ୍କୁ ଅନୁମତିପ୍ରାପ୍ତ ଇଚ୍ଛା ପ୍ରଦାନ କଲେ, ତେଣୁକରି ସେ କହିଲେ, "ଯାଅ।"

170 ଏବଂ ଆପଣ ମଧ୍ୟ ସେହି ସମାନ କାର୍ଯ୍ୟ କରିପାରନ୍ତି। ଯଦି ଆପଣ ସତ୍ୟରେ ଚାଲିବାକୁ ଚାହାଁନ୍ତି ନାହିଁ, ତେବେ ଆପଣ ଯାଇପାରନ୍ତି ଏବଂ ଏକ ମହାନ୍ ସେବାକାର୍ଯ୍ୟ ପାଇପାରନ୍ତି—ପାଇପାରନ୍ତି। ନିଶ୍ଚିତ ଭାବରେ, ଆପଣ କରିପାରନ୍ତି। ମାତ୍ର ଆପଣ ତ ତାହାଙ୍କର ଅନୁମତିପ୍ରାପ୍ତ ଇଚ୍ଛାକୁ ଗ୍ରହଣ କରୁଅଛନ୍ତି। ଆପଣ ତ ତାହାଙ୍କ ବାକ୍ୟର ଉର୍ଦ୍ଧ୍ୱରେ ଗମନ କରୁଅଛନ୍ତି। ସେ ନିଶ୍ଚିତ ଭାବରେ, ଆପଣଙ୍କୁ ସମୃଦ୍ଧ କରିବେ। ସେହି...

ଠିକ ଯେପରି ସେ ବିଲିୟାମ୍‌କୁ କରିଥିଲେ। ସେ ଏକ ସଫଳତା ପାଇଥିଲେ, ମାତ୍ର ସେ ସେହି ଲୋକମାନଙ୍କୁ ଅଭିଶାପ ଦେଇ ପାରିଲେ ନାହିଁ। ସେ ତାହା କରିପାରି ନ ଥିଲେ। କାରଣ, ପ୍ରତ୍ୟେକ ଥର ସେ ଅଭିଶାପ ଦେବାକୁ ଆରମ୍ଭ କରନ୍ତି, ସେ ଆଶୀର୍ବାଦ ଦେଇଥିଲେ। ଦେଖନ୍ତୁ, ସେ ତାହା କରିପାରି ନ ଥିଲେ। ମାତ୍ର ଯେତେବେଳେ ସେ ତାଙ୍କ ସଫଳତାରେ ସମୃଦ୍ଧ ହେବାକୁ ଲାଗିଲେ, ସେତେବେଳେ ସେ ସେହି ଲୋକମାନଙ୍କୁ, ବାଲାକ ମାଧ୍ୟମରେ, ବ୍ୟଭିଚାର କରିବାକୁ ଶିଖାଇଲେ। ସେ ଇସ୍ରାଏଲର ଛାଉଣୀ ମଧ୍ୟକୁ ଆଣି ସେମାନଙ୍କୁ ବିବାହ କରାଇଲେ, ଏବଂ କହିଲେ, "କାହିଁକି, ଆମେମାନେ ସମସ୍ତେ ତ ଏକ ଅଟୁ। କାହିଁକି, ତୁମେମାନେ ତ ସେହି ସମାନ ପରମେଶ୍ୱରଙ୍କୁ ଉପାସନା କରିଥାଅ। ଆମ ପାଖରେ ଏଠାରେ ଉପରେ ଜଣେ ଭବିଷ୍ୟଦ୍‌ବକ୍ତା ଅଛନ୍ତି, ଏବଂ ତୁମ ପାଖରେ ସେଠାରେ ତଳେ ଜଣେ ଭବିଷ୍ୟଦ୍‌ବକ୍ତା ଅଛନ୍ତି। ଏବଂ ଆମମାନଙ୍କର ସେହି ସମାନ ବଳିଦାନ, ସେହି ସମାନ ଯିହୋବା ଅଛନ୍ତି ଯେପରିକି ଆମର ପିତୃପୁରୁଷମାନଙ୍କର ରହିଥିଲା। ତେବେ, ତୁମେମାନେ ସମସ୍ତେ କେବଳ କାହିଁକି ଆସି ଆମ ସହିତ ଯୋଗଦାନ କରୁନାହଁ?"

ବାଇବଲ କୁହେ, "ଆପଣାକୁ ଅବିଶ୍ୱାସୀମାନଙ୍କ ଗହଣରେ ସମ୍ମିଳିତ କର ନାହିଁ। ସେମାନଙ୍କ ସହିତ ଆଦୌ, ଯୋଚା ଯାଅ ନାହିଁ। ଯଦି ସେମାନେ ଏହାକୁ ବିଶ୍ୱାସ ନ କରନ୍ତି, ତେବେ ସେମାନଙ୍କଠାରୁ ଦୂର ହୁଅ।" ବୁଝିଲେ? "ବାହାରି ଆସ, ପୃଥକ ହୁଅ," ସଦାପ୍ରଭୁ

କୁହନ୍ତି, "ଏବଂ ମୁଁ ତୁମକୁ ଗ୍ରହଣ କରିବି।" ବୁଝିଲେ? "ସେମାନଙ୍କର ଅଶୁଚି ବିଷୟଗୁଡ଼ିକୁ ସ୍ପର୍ଶ କର ନାହିଁ।" ତାହା ଠିକ୍ ଅଟେ। ବାକ୍ୟ ବିରୁଦ୍ଧରେ ସେମାନଙ୍କର ଅଶୁଚିତା, ଏବଂ ସେହିପରି ବିଷୟଗୁଡ଼ିକ, ଏଥିରୁ ଦୂରେଇ ରୁହ। ଏହାକୁ ଶୁଣ ନାହିଁ।

171 ଏବଂ ଏଠାରେ ଆମେମାନେ ପାଉ ଯେ ବିଲିୟାମ୍ ସେଠାରେ ତଳକୁ ଗଲେ ଏବଂ ସେ ଲୋକମାନଙ୍କୁ ଶିକ୍ଷା ଦେବାକୁ ଆରମ୍ଭ କଲେ, ଏବଂ ତାଙ୍କଠାରେ ଏକ ତ୍ରୁଟି ରହିଥିଲା। ଏବଂ ସେ—ସେ ବିଲିୟାମଙ୍କ ମାର୍ଗରେ ଗଲେ, ଯେ ସେ କିପରି କଲେ ଏବଂ ବାଲାକଙ୍କୁ ଶିକ୍ଷା ଦେଲେ, ଏବଂ ଇସ୍ରାଏଲ ସନ୍ତାନଗଣ ବ୍ୟଭିଚାର କଲେ। ଏବଂ ଇସ୍ରାଏଲ ଦେଶକୁ, ସେହି ଲୋକମାନଙ୍କୁ ଏକ ମହାମାରୀ ଆଘାତ କଲା ଏବଂ ଗୋଟିଏ ଦିନରେ ହଜାର ହଜାର ଲୋକେ ମୃତ୍ୟୁବରଣ କଲେ।

ଏବଂ ଯେତେବେଳେକି ସେମାନେ ସମସ୍ତେ ପରମେଶ୍ୱରଙ୍କ ଯଜ୍ଞବେଦୀ ସମ୍ମୁଖରେ, ପ୍ରାର୍ଥନାରେ, ସେଠାରେ ରହିଥିଲେ, ଏଠାରେ ଜଣେ ଇସ୍ରାଲୀୟ ଲୋକ ଏକ ମିଦିନୀୟ ସ୍ତ୍ରୀଲୋକ ସହିତ ଆସିଲା, ଏକ ନାମଧାରୀ ସଂସ୍ଥାଗତ ସ୍ତ୍ରୀ ସହିତ, ଏବଂ ତମ୍ବୁ ଭିତରକୁ ଚାଲିଗଲା। ଏବଂ ସେହି ଯାଜକଙ୍କ ପୁଅ ସେଠାକୁ ଗଲେ, ଏବଂ ଏକ ବର୍ଚ୍ଛା ନେଇ ଉଭୟଙ୍କୁ ହତ୍ୟା କଲେ। ଏବଂ ତାହା ପରମେଶ୍ୱରଙ୍କ କ୍ରୋଧକୁ କ୍ଷାନ୍ତ କଲା। ଆପଣ ଜାଣନ୍ତି ଯେ ତାହା ଶାସ୍ତ୍ରାଂଶ ଅଟେ। କଅଣ ତାହା ଠିକ୍ କି? ବୁଝିଲେ?

172 ମାତ୍ର କଅଣ ଘଟିଲା? ବିଲିୟାମ, ସେ ଇସ୍ରାଏଲକୁ ଦୁର୍ବଳ କରିବାରେ ସଫଳ ହେଲେ। ସେ କଅଣ କଲେ? ସେ ସେମାନଙ୍କର ଛାଉଣୀକୁ ଦୁର୍ବଳ କରି ଦେଲେ। ପରମେଶ୍ୱର ତାଙ୍କୁ ଅନୁମତି ଦେଲେ ଯେ ସେ ଯାଇ ସେମାନଙ୍କର ଛାଉଣୀକୁ ଦୁର୍ବଳ କରନ୍ତି, ଏବଂ ଏହା ସମଗ୍ର ଛାଉଣୀକୁ ପ୍ରଦୂଷିତ କରି ଦେଲା।

ଏବଂ ଯେତେବେଳେ କିଛି ଶିକ୍ଷା ଆରମ୍ଭ ହୁଏ, ଯାହାକି ବାଇବଲ ସତ୍ୟ ନୁହେଁ, ଏହା ସମଗ୍ର ଛାଉଣୀକୁ ପ୍ରଦୂଷିତ କରିଥାଏ। କେହି ଜଣେ ଏକ ଭିନ୍ନ ଧାରଣା ସହିତ ଉଠନ୍ତି, ଯେପରିକି କୋରହ କରିଥିଲେ, ଏବଂ କହିଥିଲେ, "ତେବେ, *ଏହା, ତାହା,* ଏବଂ *ଅନ୍ୟ,* ଏବଂ ମୋ ପାଖରେ ଏକ ଭିନ୍ନ ଧାରଣା ଅଛି," ଏହା ସମଗ୍ର ଛାଉଣୀକୁ ପ୍ରଦୂଷିତ କରି ଦିଏ। ଏବଂ ତାହାହିଁ ଅଟେ ଯାହାକି ଆଜି ସମଗ୍ର ମଣ୍ଡଳୀ ଛାଉଣୀକୁ କରି ଦେଇଛି। ତାହା ଠିକ୍ ଅଟେ।

173 ସେହିପରି ଶିକ୍ଷା ଯାହା ସେ ଦେଇଥିଲେ, ତାହା ସମଗ୍ର ଛାଉଣୀକୁ କାଦେଶ-ବର୍ଣ୍ଣିଆ ନିମନ୍ତେ ଦୁର୍ବଳ କରି ଦେଇଥିଲା, ଯେଉଁଠାରେ ବାକ୍ୟର ସେହି ଚରମ ପରାକାଷ୍ଠା ରହିଥିଲା। ଯେତେବେଳେ ସେମାନେ କାଦେଶ-ବର୍ଣ୍ଣିଆରେ ପହଞ୍ଚିଲେ, ତେବେ, ଛାଉଣୀ ଦୁର୍ବଳ ହୋଇ ଯାଇଥିଲା। ସେମାନେ ଫେରି ଆସିଲେ। ସେମାନେ ଠିକ୍ ତାହାର ପଛରେ ଯାଇଥିଲେ…

ମନେରଖନ୍ତୁ, ସେମାନେ ଦୂତମାନଙ୍କର ଭୋଜନ କରିଥିଲେ। ସେମାନଙ୍କଠାରେ ପ୍ରତ୍ୟେକ ରାତି, ପରମେଶ୍ୱରଙ୍କ ବାକ୍ୟର, ପ୍ରକଟୀକରଣ ରହିଥିଲା। ଏବଂ ସେମାନେ ଭୋଜନ କରିଥିଲେ। ସେମାନେ ଶୈଳରୁ ପାନ କରିଥିଲେ। ସେମାନେ ସମସ୍ତ, ଆଶ୍ଚର୍ଯ୍ୟକର୍ମ

ଦେଖିଥିଲେ। ସେମାନେ ମୋଶାଙ୍କୁ ଦେଖିଥିଲେ, ଏବଂ ତାଙ୍କର ବାକ୍ୟକୁ ଦେଖିଥିଲେ, ତାଙ୍କର ଭବିଷ୍ୟତ୍‌ବାଣୀଗୁଡିକୁ, ସବୁକିଛିକୁ ଦେଖିଥିଲେ।

ଏବଂ ଅବଶେଷରେ ଯେତେବେଳେ ସେମାନେ ଏହି ଭଣ୍ଡ ଶିକ୍ଷକଙ୍କ କଥା ଶୁଣିଲେ, ଯିଏକି ସେମାନଙ୍କ ମଧ୍ୟରେ ଆସି ଭୁଲ୍ ଶିକ୍ଷା ଦେଇଥିଲେ, ସେ ଛାଉଣୀକୁ ଦୁର୍ବଳ କରି ଦେଇଥିଲେ, ଏବଂ ସେଥିରେ ସମୃଦ୍ଧି ଲାଭ କରିଥିଲେ।

ସେ ହୁଏତ ଦଶ ଲକ୍ଷ-ଡଲାରର କୋଠା ନିର୍ମାଣ କରିଥିବେ। ତାଙ୍କର ବୋଧହୁଏ ବହୁତ ବଡ ବଡ଼ ନାମଧାରୀ ସଂସ୍ଥାମାନ ରହିଥିବ। ସେ ହୁଏତ ହଜାର ଗୁଣନ ହଜାର ଲୋକମାନଙ୍କୁ ଯୋଗ କରିଥିବେ, ଏବଂ ମହତ୍ କାର୍ଯ୍ୟମାନ, ଏବଂ ଶକ୍ତିଶାଳୀ କାର୍ଯ୍ୟମାନ କରିଥିବେ, ଏବଂ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ତାହା ଠିକ ଅଛି, ମାତ୍ର, ଯେପର୍ଯ୍ୟନ୍ତ ଏହା ପରମେଶ୍ୱରଙ୍କ ବାକ୍ୟ ସହିତରେ ନାହିଁ, ଉତ୍ତମ ହେବ ଯେ ଆପଣ ଏଥିରୁ ଦୂରେଇ ରୁହନ୍ତୁ।

ପରମେଶ୍ୱର ତାହାଙ୍କର ବିଚାର ବଦଳାନ୍ତି ନାହିଁ। ତାହାଙ୍କ ବାକ୍ୟ ସହିତ ଠିକ୍ ଲାଗି ରହିଥାନ୍ତୁ, କାରଣ ତାହାହିଁ ଅଟେ ଯାହାକି ଶେଷରେ ବାହାରି ଆସିବାକୁ ଯାଉଅଛି, ସେହି ବାକ୍ୟ, ବାକ୍ୟ ପରେ ବାକ୍ୟ। "ଯେକେହି ଏଥିରୁ ଗୋଟିଏ ହେଲେ ବାକ୍ୟ ଲୋପ କରିବ, କିମ୍ବା ଏଥିରେ ଗୋଟିଏ ହେଲେ ଶବ୍ଦ ଯୋଗ କରିବ!" ଏହାକୁ ତ ସେହି ବାକ୍ୟ, ରହିବାକୁ ଅଛି।

174 ତେବେ ବର୍ତ୍ତମାନ ଅତି ଧ୍ୟାନ ସହକାରେ ଶୁଣନ୍ତୁ। ଯେତେବେଳେ ସେହି ବାକ୍ୟ ପରୀକ୍ଷା ଆସିଲା, ଯେତେବେଳେ ସେମାନେ ଯାଇ ବିରୋଧୀଙ୍କୁ ଅତିଶୟ ବୃହତ ବୋଲି ଦେଖିଲେ, ସେମାନେ କଦାଚ ଦେଖିଥିବା ସବୁଠାରୁ ବଡ ବିରୋଧୀ ଦଳ, ସେହି ଅମାଲେକୀୟମାନେ ସେମାନଙ୍କର ଆକାରର ଦଶଗୁଣ ଥିଲେ—ଥିଲେ। ସେମାନେ କହିଲେ, "ଆମେମାନେ ତ ଫଡିଙ୍ଗ ପରି ଦେଖାଯାଉଛୁ। ସେମାନଙ୍କର ପ୍ରାଚୀରଗୁଡିକ, କିମ୍ବା ସେମାନଙ୍କର ସହରଗୁଡିକ ଏତେ ପ୍ରାଚୀରବେଷ୍ଟିତ ଥିଲା ଯେ ଏପରିକି ସେମାନେ ଏହାର ଚାରିପାଖରେ ଏକ ରଥ ଦୌଡ କରିପାରନ୍ତି, ଦୁଇଟି ରଥ, ଦେଖନ୍ତୁ, ସେମାନଙ୍କର ସହରଗୁଡ଼ିକର, ସେହି ପ୍ରାଚୀର ଚତୁର୍ଦ୍ଦିଗରେ, ସେମାନେ ଯେତେ ବେଗରେ ଯାଇପାରନ୍ତି। କାହିଁକି, ସେମାନଙ୍କର ବର୍ଚ୍ଛାଗୁଡିକ ଏତେ ବାହାରି ଥାଏ, ସେଗୁଡିକ ଏତେ ଲମ୍ବା ଅଟେ। ଏବଂ ସେମାନେ ମହାବୀରଗଣ ଅଟନ୍ତି। କାହିଁକି, ଆମେମାନେ ତ ଫଡିଙ୍ଗ ପରି ଦେଖାଯାଉ। ଆମେମାନେ ଏହା କରିପାରିବା ନାହିଁ।"

ଏବଂ ଦୁଇ ଜଣ ସେହି ବାକ୍ୟ ଉପରେ ଛିଡା ହେଲେ, କାଲେବ ଓ ଯିହୋଶୂୟ, କହିଲେ, "ଗୋଟିଏ ମିନିଟ୍ ରୁହ! ତୁମେମାନେ କୋଡିଏ ଲକ୍ଷ ଲୋକ ମାତ୍ର ଗୋଟିଏ ମିନିଟ୍ ପାଟି ବନ୍ଦ କର। ଆମେମାନେ ଏହାଠାରୁ ଅଧିକ କରିବାକୁ ସକ୍ଷମ ଅଟୁ। ଦେଖନ୍ତୁ, ଆମେମାନେ ସେମାନଙ୍କ ଅପେକ୍ଷା କହିଁ ଅଧିକ ଅଟୁ।"

ସେମାନେ କେଉଁ ବିଷୟ ଉପରେ ଆଧାର କରୁଥିଲେ? ପରମେଶ୍ୱର କହିଥିଲେ, "ମୁଁ ତୁମକୁ ଏହି ଦେଶ ଦେଇଅଛି। ଏହା ତୁମର ଅଟେ।" ଏବଂ ସେମାନେ ତାହା ଉପରେ ଛିଡା ହୋଇଥିଲେ। ମାତ୍ର ଲୋକମାନେ ଅନ୍ୟାନ୍ୟ ଜିନିଷଗୁଡିକ ମଧ୍ୟରେ, ବିବାହ କରି

ସାରିଥିଲେ, ଏବଂ ସେମାନଙ୍କ ମଧ୍ୟରେ ସମସ୍ତ ପ୍ରକାର ଧର୍ମମତ ଏବଂ ରୀତିନୀତିମାନ ରହିଥିଲା, ଏବଂ ସେମାନେ ତ କେବଳ ଦୁର୍ବଳ, ନିରର୍ଥକ-ବିଚାରପ୍ରବଣ ହୋଇଥିଲେ, ଏହା ଜାଣି ନ ଥିଲେ ଯେ କେଉଁ ପଥ ଆଡ଼କୁ ଯିବାକୁ ଅଛି ଏବଂ କଅଣ କରିବାକୁ ଅଛି । ତାହା ଠିକ୍ ଅଟେ । ସେଠାରେ ବାକ୍ୟ ପରୀକ୍ଷା ଆସିଲା ।

175 ତଥାପି, ସେ ଆପଣଙ୍କୁ କରିବା ପାଇଁ ଅନୁମତି ଦିଅନ୍ତି, ଆପଣଙ୍କର ଇଚ୍ଛାକୁ ଅନୁମତି ଦିଅନ୍ତି, ଏକ ଅନୁମତିପ୍ରାପ୍ତ ଇଚ୍ଛା ଦିଅନ୍ତି, ଏହା ଜାଣି ଯେ…ଆପଣଙ୍କ ହୃଦୟରେ କଅଣ ଅଛି, ସେ ଏହା ଜାଣନ୍ତି ।

ଆପଣ କୁହନ୍ତି, "ତେବେ, ଭାଇ ବ୍ରାନହାମ୍, ମୁଁ *ଅମୁକ-ଓ-ଅମୁକ* କରେ । ଏହା ମୋତେ ବ୍ୟତିବ୍ୟସ୍ତ କରେ ନାହିଁ । ପରମେଶ୍ୱର ମୋତେ ପ୍ରତିଦିନ ଆଶୀର୍ବାଦ କରନ୍ତି । ମୁଁ ଆତ୍ମାରେ ଗାନ କରେ । ମୁଁ ଆତ୍ମାରେ ନୃତ୍ୟ କରେ । ମୁଁ…" ସେ ଏହାକୁ ଅନୁମତି ଦେବେ । ଆଗକୁ ବଢନ୍ତୁ । ତାହା ଠିକ୍ ଅଟେ । ମାତ୍ର ଆପଣ କଅଣ କରିବାକୁ ଯାଉଛନ୍ତି?

176 "ମୁଁ ଛୋଟ ଛୋଟ ଜାମା ସର୍ଟ ପିନ୍ଧେ, ଏବଂ ମୁଁ *ଏହା* କରେ । ଏହା ମୋତେ ବ୍ୟତିବ୍ୟସ୍ତ କରେ ନାହିଁ । ମୁଁ ଜାଣେ ଯେ ମୋର ବିଶ୍ୱାସ ଖ୍ରୀଷ୍ଟଙ୍କଠାରେ ଅଛି, ମୁଁ ଯାହା ପିନ୍ଧେ ସେଥିରେ ନୁହେଁ ।"

ମାତ୍ର, ବାଇବଲ କୁହେ ଯେ ସେଥିରେ କିଛି ଗୋଟାଏ ଅଛି । ବୁଝିଲେ? ଆପଣ କଅଣ କରିବେ? ଆପଣ ପ୍ରତ୍ୟେକ ଅନ୍ୟ ସ୍ତ୍ରୀଲୋକମାନଙ୍କ ସମ୍ମୁଖରେ, ଏକ ବାଧାଜନକ ବିଷୟ ସୃଷ୍ଟି କରିବେ, ଯେପରିକି ବିଲିୟାମ କରିଥିଲେ । ଆପଣ ନିଜର ଯୁବା ଝିଅମାନଙ୍କ ପ୍ରତି କଅଣ କରିବେ? ଆପଣଙ୍କ ପାଖରେ ଦୁଶ୍ଚରିତ୍ରା ରିକେଟାମାନଙ୍କର ଏକ ସମୂହ ରହିବ, ତାହା ଅବିକଳ ଠିକ୍, ରଙ୍ଗ-ପ୍ରସାଧନ ଲଗାଉଥିବା ଛୋଟ ଛୋଟ ଇଷେବଲମାନଙ୍କର ଏକ ସମଷ୍ଟି । ବୁଝିଲେ?

177 ମାତ୍ର ପରମେଶ୍ୱର ଆପଣଙ୍କୁ ସମୃଦ୍ଧଶାଳୀ କରିବେ । "କାହିଁକି, ସେ ମୋତେ ଆଶୀର୍ବାଦ କରନ୍ତି ।" ମୋର ସେଥିରେ ସନ୍ଦେହ ନାହିଁ । ସେ ବିଲିୟାମକୁ ମଧ୍ୟ, ଆଶୀର୍ବାଦ କରିଥିଲେ । ବୁଝିଲେ? ନିଶ୍ଚିତ ଭାବରେ ସେ କରିବେ । ଆପଣ ତାହାଙ୍କର ଅନୁମତିପ୍ରାପ୍ତ ଇଚ୍ଛାରେ ଚାଲୁଛନ୍ତି, ତାହାଙ୍କର ସିଦ୍ଧ ଇଚ୍ଛାରେ ନୁହେଁ । ପରମେଶ୍ୱର ଆପଣା ବିଚାର ବଦଳାନ୍ତି ନାହିଁ, କାରଣ ସେ ଆପଣଙ୍କୁ ଆଶୀର୍ବାଦ କରିଛନ୍ତି ।

ସେ ସେଠାରେ ଠିକ ଚାଳିଶ ବର୍ଷ ପର୍ଯ୍ୟନ୍ତ ଇସ୍ରାଏଲକୁ ଆଶୀର୍ବାଦ କରିଥିଲେ । ସେମାନେ କଅଣ କରିଥିଲେ? ପତ୍ନୀମାନ ବିବାହ କଲେ, ପରିବାର ପ୍ରତିପୋଷଣ କଲେ, ପିଲାମାନଙ୍କୁ ଚୁମ୍ବନ ଦେଲେ, ସେମାନଙ୍କର ଦଶମାଂଶ ଦେଇଥିଲେ, ଠିକ ସେଠାରେ ବସବାସ କରି ରହିଥିଲେ । ଏବଂ ପରମେଶ୍ୱର ସେମାନଙ୍କୁ ସେହି ପ୍ରାନ୍ତରରେ ଆଶୀର୍ବାଦ କରିଥିଲେ, ସେମାନଙ୍କୁ ମାନ୍ନା ଭୋଜନ କରିବାକୁ ଦେଇଥିଲେ, ଏବଂ ଇତ୍ୟାଦି ଓ ଇତ୍ୟାଦି କରିଥିଲେ । ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଜଣ ବିନଷ୍ଟ ହୋଇଥିଲେ, କାରଣ ସେମାନେ

କେବେବି ତାହାଙ୍କର ମୂଳ, ଅନୁମତିପ୍ରାପ୍ତ...ତାହାଙ୍କର ମୂଳ ଇଚ୍ଛା, ତାହାଙ୍କର ବାକ୍ୟକୁ ରକ୍ଷା କରି ନ ଥିଲେ । ସେମାନେ ତାହାଙ୍କର ଅନୁମତିପ୍ରାପ୍ତ ଉପାୟକୁ ଅବଲମ୍ବନ କରିଥିଲେ ।

178 ଅଗ୍ରସର ହୁଅନ୍ତୁ, ମାତ୍ର, ଆପଣ ମନେ ରଖନ୍ତୁ, ଯେତେବେଳେ ସେମାନେ କାଦେଶକୁ ଛାଡିଥିଲେ, ସେମାନେ ଆଉ ଆଗକୁ ଯାତ୍ରା କରି ନ ଥିଲେ । ସେମାନେ କେବଳ ପ୍ରାନ୍ତରରେ, ଚାରିଆଡେ ଗୋଲ ଗୋଲ ଘୁରିଥିଲେ । ଯେଉଁଠାରେକି, ସେମାନେ ବାହାରି ଯାଇଥାନ୍ତେ, ତାହାପରେ ଦୁଇ ଦିନ ମଧ୍ୟରେ, ସେମାନେ ସେହି ପ୍ରତିଜ୍ଞାତ ଦେଶରେ ରହିପାରିଥାନ୍ତେ । ସେମାନେ ଚାଳିଶ ବର୍ଷ ଯାତ୍ରା କଲେ, ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ମୃତ୍ୟୁବରଣ କରିଥିଲେ, କେବଳ ଯିହୋଶୂୟ ଏବଂ କାଲେବଙ୍କୁ ଛାଡି ଦେଲେ, ସେହି ଜଣକ ଯେଉଁମାନେକି ମୂଳ ବାକ୍ୟ ଉପରେ ରହିଥିଲେ ।

179 ହେ ପରମେଶ୍ୱର, ଆମକୁ ସାହାଯ୍ୟ କର । ପରମେଶ୍ୱର ତାହାଙ୍କର ଇଚ୍ଛା ବଦଳାନ୍ତି ନାହିଁ । ସେ ତାହାଙ୍କର ବିଚାର ବଦଳାନ୍ତି ନାହିଁ, ମାତ୍ର ସେ ଆପଣଙ୍କୁ ଆଶୀର୍ବାଦ କରିବେ ।

ନିଶ୍ଚିତରେ, ସେ ବିଲିୟାମକୁ ଆଶୀର୍ବାଦ କଲେ । ଏବଂ ସେ ସେଠାରେ ତଳେ କଅଣ କଲେ? ସେ ସମଗ୍ର ଛାଉଣୀକୁ ପ୍ରଦୂଷିତ କରି ଦେଇଥିଲେ । ଦେଖନ୍ତୁ, ଆପଣଙ୍କୁ ତ ସେ ଯାହା କହିଛନ୍ତି ତାହା ଉପରେ ରହିବାକୁ ପଡିବ । ସେ କଦାପି ତାହାଙ୍କର ମୂଳ ଯୋଜନାକୁ ବଦଳାଇଲେ ନାହିଁ ।

180 ତେବେ ଆଜି ପ୍ରଚାର କ୍ଷେତ୍ରରେ ରହିଥିବା, ବିଲିୟାମ୍‌ମାନଙ୍କୁ ଦେଖନ୍ତୁ, କଅଣ ଆପଣ ଦେଖିବେ କି । କେବଳ ଚାରିପାଖକୁ ଅନାନ୍ତୁ । ସମୃଦ୍ଧି ଲାଭ କରୁଅଛନ୍ତି, ପରଭାଷାରେ କଥା କହୁଅଛନ୍ତି, ନିଶ୍ଚିତରେ, ପରମେଶ୍ୱରଙ୍କ ବରଦାନକୁ ସବୁକିଛିର, ଲାଭ ପାଇଁ ବ୍ୟବହାର କରୁଛନ୍ତି, ନିଶ୍ଚିତରେ । ମାତ୍ର ଏହା ପରମେଶ୍ୱରଙ୍କ ସମଗ୍ର ମଣ୍ଡଳୀକୁ ସେମାନଙ୍କର ଭ୍ରଷ୍ଟ ଶିକ୍ଷା ଦ୍ୱାରା ଅପବିତ୍ର କରି ଦେଇଥାଏ । ତାହା ଠିକ୍ ଅଟେ ।

ଜଣେ ମୋତେ କହିଲେ, ସେ କହିଲେ, "ଆପଣ *ଏହା* କଅଣ ପାଇଁ କରୁଅଛନ୍ତି? ଆପଣ *ତାହା* କଅଣ ପାଇଁ କରୁଛନ୍ତି?"

ମୁଁ କହିଲି, "କଅଣ ଆପଣ ବିଶ୍ୱାସ କରନ୍ତି ନାହିଁ ଯେ ତାହା ସତ୍ୟ ଅଟେ?"

181 "ଓହ, ହଁ । ମାତ୍ର," ସେ କହିଲେ, "କଅଣ ଆପଣ ଜାଣିଛନ୍ତି କି? ତାହା ଆପଣଙ୍କର ବେପାର ନୁହେଁ । ଆପଣଙ୍କୁ ତ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଅଛି । ସେମାନେ ଆପଣଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା ବୋଲି ବିଶ୍ୱାସ କରନ୍ତି । କାହିଁକି, ଆପଣ ତ ସେହି ସ୍ତ୍ରୀଲୋକମାନଙ୍କୁ, ଏବଂ ସେହି ପୁରୁଷମାନଙ୍କୁ ଏହା ଶିଖାଇ ପାରିବେ, ଯେ *ଏହା, ତାହା,* ସେହି *ଅନ୍ୟାନ୍ୟ* ବିଷୟ କିପରି କରିବାକୁ ଅଛି ।"

"ଆପଣ ସେମାନଙ୍କୁ କିପରି ଭାବରେ ବୀଜଗଣିତ ଶିଖାଇ ପାରନ୍ତି ଯେତେବେଳେକି ସେମାନେ ତ ଏପରିକି ନିଜର କଖଗ ଇତ୍ୟାଦି ସୁଦ୍ଧା ଶିଖନ୍ତି ନାହିଁ? ହୁଃ? ହୁଃ? ଆପଣ ସେମାନଙ୍କୁ କିପରି ସେହି ଜିନିଷଗୁଡିକ ଶିଖାଇ ପାରନ୍ତି ଯେତେବେଳେକି ସେମାନେ ନିଜର

ପ୍ରାଥମିକ ବିଷୟକୁ ସୁଦ୍ଧା ଗ୍ରହଣ କରନ୍ତି ନାହିଁ?" ଦେଖନ୍ତୁ? ଆପଣଙ୍କୁ ତ ଫେରି ଆସି ଠିକ ସେହିଠାରୁ ଆରମ୍ଭ କରିବାକୁ ହେବ ଯେଉଁଠାରୁକି ଆପଣ ଆରମ୍ଭ କରିଥିଲେ, କିମ୍ଵା ଆପଣ ଯେଉଁଠାରୁ ଛାଡିଥିଲେ, ଏବଂ ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟକୁ ଗ୍ରହଣ କରିବାକୁ ହେବ।

182 ଆଜି ପ୍ରଚାର କ୍ଷେତ୍ରରେ ଏହାକୁ ଦେଖନ୍ତୁ। ଯେପରି ବିଲିୟାମ ପରମେଶ୍ୱରଙ୍କ ମଣ୍ଡଳୀ ସହିତରେ, ଏକ ବେଶ୍ୟାକୁ ବିବାହ କରିଦେଲେ, ପରମେଶ୍ୱରଙ୍କ ମଣ୍ଡଳୀକୁ ସେହି ବେଶ୍ୟା ସହିତରେ ବିବାହ କରାଇ ଦେଲେ, ଠିକ ସେହିପରି ଆଜି ଏହି ଭଣ୍ଡ ଶିକ୍ଷକମାନେ ଆପଣଙ୍କୁ କହିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଏହି ପ୍ରତ୍ୟେକ ସଂଗଠନଗୁଡିକୁ ଏବଂ ଏହି ଲୋକମାନଙ୍କୁ ପ୍ରକାଶିତ ବାକ୍ୟ 17 ର ସେହି ପୁରୁଣା ବେଶ୍ୟା ସହିତ ବିବାହ କରାଇବାକୁ ଯାଉଛନ୍ତି। ସେମାନଙ୍କର ବିଲିୟାମ୍ ଶିକ୍ଷା ଆଜି ଚାରିଆଡ଼କୁ ଯାଉଅଛି, ଏବଂ କହୁଅଛି, "ଆମେମାନେ ତ ସମାନ ଅଟୁ। ଆମେମାନେ ସମସ୍ତେ ଖ୍ରୀଷ୍ଟିଆନ ଅଟୁ।" ଏବଂ ପୁରୋହିତ ଏବଂ ପୋପ୍, ଏବଂ ଯାହାକିଛି ବି ଅଟେ, ସମସ୍ତେ ଆପୋଷ ବୁଝାମଣା କରୁଛନ୍ତି ଏବଂ ଏହା କରୁଛନ୍ତି।

183 ସେହି ପ୍ରଚାରକ କହିଲେ…ଏପରିକି ମୁଁ ଜଣେ ପେଣ୍ଟିକଷ୍ଟାଲ୍ ପ୍ରଚାରକଙ୍କୁ ଜାଣେ, ସେମାନେ ସମସ୍ତେ, ବର୍ତ୍ତମାନ ଏକ ଗୋଲାକାର କୋଶର୍ ପିଠ ଦେବାର ଆରମ୍ଭ କରି ଦେଇଛନ୍ତି। ଯାହାର ଅର୍ଥ ହେଉଛି, *ଆଷ୍ଟୋରେଥ,* ସେହି "ଚନ୍ଦ୍ର-ଦେବତା," ଏକ କୋଶର୍ ୱେଫର୍ ବିସ୍କୁଟ। କୁହନ୍ତି, "ନିଜର ଆଖି ବନ୍ଦ କରି ଏହାକୁ ଗ୍ରହଣ କର, ଯଦି ଏହା ଆପଣଙ୍କର ବିବେକକୁ ଆଘାତ କରୁଥାଏ।" ନିଜର ଆଖିକୁ ବନ୍ଦ କର? ଏକ ଗୋଲାକାର ୱେଫର୍, ଏହାର ଅର୍ଥ କଅଣ? ଆମେମାନେ ଏକ ଭଗ୍ନ ଶରୀର, ଯୀଶୁ ଖ୍ରୀଷ୍ଟ, ଭଗ୍ନ ହୋଇଥିବା ବିଷୟକୁ ଗ୍ରହଣ କରୁଅଛୁ; କୌଣସି ଏକ ଗୋଲାକାର ଚନ୍ଦ୍ର-ଦେବତା, ଆଷ୍ଟୋରେଥ ନୁହଁନ୍ତି, ଯାହାର ସ୍ଥାନ ମରିୟମ ଗ୍ରହଣ କରିଛନ୍ତି। ଏବଂ ରୋମାନ୍ କୋଶର୍ ପିଠା ତ ଏବେ ସୁଦ୍ଧା ଗୋଲାକାର ଅଟେ, ଚନ୍ଦ୍ର-ଦେବତା, ବା ଦେବୀ ପାଇଁ ଅଟେ, ଦେବତା ପାଇଁ ନୁହେଁ। ଆମ ପାଖରେ ତ ଏକ ଭଙ୍ଗା କୋଶର ପିଠା ଅଛି, ନିଶ୍ଚିତ ଭାବରେ। ଓଃ!

184 ତେଣୁକରି ତେବେ ପ୍ରକାଶିତ ବାକ୍ୟ 17 ର ସେହି ମହାବେଶ୍ୟା, ଏହି ବିଲିୟାମ ଶିକ୍ଷକମାନେ ସେମାନଙ୍କର ଭଣ୍ଡ ଶିକ୍ଷା ସହିତ, ମଣ୍ଡଳୀକୁ ସେହି ପ୍ରକାରର ଏକ ବିଶୃଙ୍ଖଳା ମଧ୍ୟକୁ ବିବାହ କରି ଦେଉଛନ୍ତି। ଲକ୍ଷ୍ୟ କରନ୍ତୁ ଯେତେବେଳେ ଏହା ଶେଷ ସମୟରେ ସେହି ଚରମ ପରାକାଷ୍ଠାକୁ ଆସେ, ତେବେ ଏହାର ଦୁର୍ବଳତାକୁ ଦେଖନ୍ତୁ। ନଅ ଶହ ଏବଂ କେତେକ ଭିନ୍ନ ସଂଗଠନମାନ, ଜଣେ ଏପଟକୁ ଟାଣୁଅଛି, ଏବଂ ଜଣେ ସେପଟକୁ ଟାଣୁଅଛି। ସେମାନଙ୍କ ମଧ୍ୟରେ କୌଣସି ଏକତା ନାହିଁ। ଏବଂ ସେମାନେ ଏକତା ଆଣିବାକୁ ଚେଷ୍ଟା କରୁଛନ୍ତି; ପରମେଶ୍ୱରଙ୍କ ବାକ୍ୟ, ପରମେଶ୍ୱରଙ୍କ ମୂଳ ଯୋଜନା ଦ୍ୱାରା ସମର୍ଥିତ ନୁହେଁ। ସେମାନେ ଏହାକୁ ଏକ ରାଜନୀତି ଏବଂ ଏକ ସଂଗଠନ ଦ୍ୱାରା ଭିତରକୁ ଗ୍ରହଣ କରୁଛନ୍ତି।

ପରମେଶ୍ୱର ଆପଣା ବିଚାର ବଦଳାନ୍ତି ନାହିଁ। ସେ ତ ଠିକ ତାହାଙ୍କର ବାକ୍ୟ ସହିତରେ

ରୁହନ୍ତି । ସେ କହିଲେ, "ସ୍ୱର୍ଗ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ମୋହର ବାକ୍ୟ ନୁହେଁ ।" ତାହା ଠିକ୍ । ସେ ତାହାଙ୍କର ମୂଳ ବାକ୍ୟ ସହିତରେ ରହିଥାନ୍ତି । ଓଃ, ମୋର ପ୍ରଭୁ!

185 ଯଦିଓ ସେମାନେ ତଥାପି ସୁଦ୍ଧା ଏହା ବିରୁଦ୍ଧରେ ଯୁକ୍ତିତର୍କ କରନ୍ତି, ଠିକ୍ ଯେପରିକି ସେମାନେ କରିଥିଲେ, ଏବଂ କେବଳ...ସେଠାରେ କେବଳ ଗୋଟିଏ କାମ କରିବାକୁ ଅଛି । ସେ ଏହାକୁ ବଦଳାଇବେ ନାହିଁ । କେବଳ ବିଶ୍ୱାସ କରନ୍ତୁ । କାରଣ, ଉଭୟ ଆକାଶ ଓ ପୃଥିବୀ ଲୋପ ପାଇଯିବ; ତାହାଙ୍କର ବାକ୍ୟ କେବେବି ବିଫଳ ହେବ ନାହିଁ । ବୁଝିଲେ?

186 କଅଣ ଆପଣ ଦେଖୁଛନ୍ତି ଯେ ଆପଣଙ୍କୁ କେଉଁଠାରେ ବିବାହ କରାଯାଉଅଛି? ସେହି ରାଜନୀତି ଏବଂ ଜିନିଷଗୁଡିକୁ ଦେଖନ୍ତୁ, କିପରି ସେମାନେ ମଣ୍ଡଳୀରେ ଏକ ରାଜନୀତି ଦ୍ୱାରା ମଣ୍ଡଳୀଗୁଡିକୁ ଏକାଠି ଯୋଡିବାକୁ ଚେଷ୍ଟା କରୁଛନ୍ତି? ଆମେମାନେ ରାଜନୀତି ଦ୍ୱାରା ଖ୍ରୀଷ୍ଟଙ୍କ ସହିତ ଯୋଡି ହୋଇ ନାହୁଁ ।

ଆମେମାନେ ତ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା, ମଣ୍ଡଳୀ ସହିତ, ଖ୍ରୀଷ୍ଟଙ୍କ ସହିତ ଯୋଡି ହୋଇଅଛୁ । ଏବଂ ଆପଣ ଯେଉଁ ଉପାୟରେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବିଷୟ ଜାଣିଅଛନ୍ତି, ତାହାର କାରଣ ହେଉଛି ଯେ ଆପଣଙ୍କ ଭିତରେ ଥିବା ସେହି ଆତ୍ମା ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟକୁ ସତ୍ୟ ବୋଲି ଚିହ୍ନଟ କରିଥାଏ । ତାହା ଠିକ୍ ଅଟେ । "କାରଣ ଯେକେହି ଏଥିରୁ ଗୋଟିଏ ହେଲେ ବାକ୍ୟ ଲୋପ କରିବ, କିମ୍ଵା ଏଥିରେ ଗୋଟିଏ ହେଲେ ଶବ୍ଦ ଯୋଗ କରିବ, ତାହାର ଅଂଶ ଜୀବନ ପୁସ୍ତକରୁ ଲୋପ କରି ଦିଆଯିବ ।"

187 ତଥାପି, "ସେ ସମୃଦ୍ଧିଶାଳୀ ହୁଅନ୍ତି," ଆପଣ କୁହନ୍ତି । ଆପଣ ତାହାକୁ ସମୃଦ୍ଧି ଦ୍ୱାରା ବିଶ୍ୱାସ କରିପାରନ୍ତି ନାହିଁ । ଆପଣ ପରମେଶ୍ୱରଙ୍କୁ ସମୃଦ୍ଧି ଦ୍ୱାରା ବିଚାର କରିପାରନ୍ତି ନାହିଁ । ଜଗତ ସମୃଦ୍ଧିଲାଭ କରିଥାଏ । ବିଲିୟାମ୍ ଏହା ଦ୍ୱାରା ସମୃଦ୍ଧିପ୍ରାପ୍ତ ହୋଇଥିଲେ ।

ମାତ୍ର, ଭାଇ, ଆପଣ ପରମେଶ୍ୱରଙ୍କୁ ତାହାଙ୍କର ବାକ୍ୟ ଦ୍ୱାରା ବିଚାର କରନ୍ତି । ସେ ତାହାଙ୍କର ବାକ୍ୟକୁ ରକ୍ଷା କରନ୍ତି ଏବଂ ଏହାକୁ ସତ୍ୟ ବୋଲି ଚିହ୍ନଟ କରନ୍ତି । ତେଣୁ, ମନେରଖନ୍ତୁ, ବନ୍ଧୁ, ଯେପର୍ଯ୍ୟନ୍ତ ଆପଣ ବଞ୍ଚି ଅଛନ୍ତି, ଆପଣ ଏହାକୁ କେବେବି ଭୁଲନ୍ତୁ ନାହିଁ: ପରମେଶ୍ୱର ତାହାଙ୍କର ବିଚାରକୁ ବଦଳାନ୍ତି ନାହିଁ । ତଥାପି, ସେ ଆଶୀର୍ବାଦ କରିବେ । ସେ ଆପଣଙ୍କୁ ତାହାଙ୍କର ଅନୁମତିପ୍ରାପ୍ତ ଇଚ୍ଛାକୁ ଗ୍ରହଣ କରିବାକୁ ଦେବେ, ମାତ୍ର ସେ ନିଜର ବିଚାରକୁ ବଦଳାଇବେ ନାହିଁ । ସେ ତାହାଙ୍କର ଯୋଜନାକୁ ବଦଳାଇବେ ନାହିଁ । ସେ ଆପଣଙ୍କ ପାଇଁ, ନିଜର ବାକ୍ୟକୁ ବଦଳାଇବେ ନାହିଁ । ନା, ମହାଶୟ ।

ଆପଣଙ୍କୁ ବଦଳିବାକୁ ଅଛି । ଆପଣ ପରମେଶ୍ୱରଙ୍କ ବାକ୍ୟକୁ ନିଜର ଅଭିଜ୍ଞତା ସହିତ ମେଳ କରିବାକୁ ନେଇପାରନ୍ତି ନାହିଁ; ଆପଣଙ୍କୁ ତ ନିଜର ଅଭିଜ୍ଞତାକୁ ପରମେଶ୍ୱରଙ୍କ ବାକ୍ୟ ସହିତ ମେଳ କରିବା ହେତୁ ନେବାକୁ ପଡିବ । ବୁଝିଲେ? ସେହିପରି ଭାବରେ ହିଁ ଆପଣଙ୍କୁ ତାହା ନେବାକୁ ହେବ...

ଆପଣ କୁହନ୍ତି, "ତେବେ, ମୁଁ ଜଣେ ଭଲ ବ୍ୟକ୍ତି ଅଟେ। ପରମେଶ୍ୱର *ଏହା, ତାହା,* କିମ୍ବା *ଅନ୍ୟ* କିଛି କରନ୍ତି।" ମାତ୍ର କଅଣ ଆପଣ ତାହାଙ୍କର ବାକ୍ୟ ପାଳନ କରନ୍ତି କି? "ଓଃ, ତେବେ, ମୁଁ ଆପଣଙ୍କୁ କହୁଛି, ତାହା କେବଳ ସେତିକି ନୁହେଁ…ନା।" ଠିକ ଅଛି, ତେବେ କୌଣସି ସ୍ଥାନରେ କିଛି ଗୋଟାଏ ଭୁଲ ଅଛି। ପରମେଶ୍ୱର ତ ଯାଉଛନ୍ତି…ହଁ, ସେ ଆପଣଙ୍କୁ ସମୃଦ୍ଧଶାଳୀ କରିବେ। ନିଶ୍ଚିତରେ, ସେ ଆପଣଙ୍କୁ କରିବେ…

188 ନାମଧାରୀ ସଂସ୍ଥାମାନେ ତାହା ପ୍ରତି ସମୃଦ୍ଧଶାଳୀ ହେଉଅଛନ୍ତି ଯାହାଙ୍କ ପାଖରେ କିଛି ନାହିଁ! ସେମାନେ ସମଗ୍ର ଦେଶରେ ସେମାନଙ୍କର ତମ୍ବୁ, ସେହି ମହାନ, ଅତ୍ୟୁତ୍ତମ ମଣ୍ଡଳୀମାନ, ଏବଂ ସମସ୍ତକିଛି ବିଷୟ, ବିସ୍ତାର କରୁଛନ୍ତି। ସେମାନେ ଧନୀ ଅଟନ୍ତି, ଏବଂ ଟଙ୍କା ଅଜାଡୁଅଛି, ଏବଂ ସବୁ ସ୍ଥାନରୁ ସଦସ୍ୟମାନେ ଆସୁଛନ୍ତି। କଅଣ ବାଇବଲ କୁହେ ନାହିଁ କି, "ତାହାଠାରେ ଏପରିକି ଜଗତର ଧନ, ଏବଂ ମନୁଷ୍ୟର ପ୍ରାଣଗୁଡିକ ସୁଦ୍ଧା ମିଳିଥାଏ," ଏବଂ ସବୁକିଛି ବିଷୟ, ଯାହାକି ଏହି ପୁରୁଣା ବେଶ୍ୟାରେ ମିଳିଥିଲା, ଯିଏକି ସମଗ୍ର ବିଷୟ, ରାଜନୀତି ଏବଂ ସଂଗଠନର ମାତା ଅଟେ?

189 ମାତ୍ର ପରମେଶ୍ୱରଙ୍କ ଛୋଟ ଗୋଷ୍ଠୀ ତାହାଙ୍କର କନ୍ୟା ଅଟେ, ଯିଏକି ସେହି ବାକ୍ୟ ଉପରେ କେନ୍ଦ୍ରିତ ଅଟେ। ଏହା ହେଉ ଯେ ପ୍ରିୟ ସ୍ୱର୍ଗସ୍ଥ ପିତା ଆପଣଙ୍କୁ ସର୍ବଦା ଠିକ ସେହିଠାରେ ସ୍ଥିର କରି ରଖିଥାନ୍ତୁ। ଆପଣ କଦାପି ସେହି ବାକ୍ୟରୁ ଓହରି ଯାଆନ୍ତୁ ନାହିଁ।

ଆପଣ ଆଶୀର୍ବାଦ କରିପାରନ୍ତି, ଆପଣ ହୁଏତ…ପରମେଶ୍ୱର ଆପଣଙ୍କର ଅସୁସ୍ଥତାକୁ ସୁସ୍ଥ କରିପାରନ୍ତି। ସେ ଆପଣଙ୍କର ଅସୁସ୍ଥ ଶିଶୁକୁ ସୁସ୍ଥ କରିପାରନ୍ତି। ସେ ଆପଣଙ୍କର ସ୍ୱାମୀ, ଆପଣଙ୍କର ସ୍ତ୍ରୀକୁ ସୁସ୍ଥ କରିପାରନ୍ତି। ସେ ଆପଣଙ୍କର ମାତାଙ୍କୁ ସୁସ୍ଥ କରିପାରନ୍ତି, ଅନ୍ୟ କାହାରିକୁ ବି। ଆପଣ ହୁଏତ ତାହାଙ୍କ ଆତ୍ମାରେ ଡେଇଁ ପାରନ୍ତି, ଏବଂ ଉପର-ଓ-ତଳ ନାଚି ପାରନ୍ତି।

ମନେରଖନ୍ତୁ, ବର୍ଷା ଉଭୟ ଧାର୍ମିକ ଏବଂ ଅଧାର୍ମିକ ଉପରେ, ଠିକ୍ ସେହି ସମାନ ଭାବରେ ପତିତ ହୋଇଥାଏ। ମାତ୍ର ଯେତେବେଳେ ସେହି ବୀଜ ସେଠାରେ ପଡ଼ି ରହିଥାଏ, ଏହା ନିଯୁକ୍ତ ହୋଇଥାଏ କିଅବା ଏହା ନିଯୁକ୍ତ ହୋଇ ନ ଥାଏ। ଏବଂ ଯଦି ଏହା ନିଯୁକ୍ତ ହୋଇଥାଏ, ତେବେ ଏହା ହୋଇପାରେ…ଯଦି ଏହା ଏକ ଗହମ ଅଟେ, ତେବେ ଏହାକୁ ଗହମ ଆଣିବାକୁ ହେବ। ଯଦି ଏହା ପରମେଶ୍ୱରଙ୍କ ଏକ ବାକ୍ୟ ଅଟେ, ତେବେ ଏହାକୁ ପରମେଶ୍ୱରଙ୍କ ବାକ୍ୟ ଉତ୍ପନ୍ନ କରିବାକୁ ହେବ। ଯଦି ଏହା ନ କରେ, ତେବେ, ତାହାହେଲେ ଏହା ତାହା ନୁହେଁ। ବୁଝିଲେ? କଅଣ ଆପଣ ବର୍ତ୍ତମାନ ତାହା ବୁଝିଲେ କି?

190 ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଏଠାରେ ମୁଁ ଆପଣମାନଙ୍କୁ କହିଥିଲି ଯେ ମୁଁ ନଅଟା ବେଳେ ଛାଡ଼ିବାକୁ ଯାଉଅଛି, ଏବଂ ଏଠାରେ ତାହା, ଦଶ ଘଟିକାକୁ କୋଡ଼ିଏ ମିନିଟ୍ ଶେଷ ଅଛି। ଆପଣମାନଙ୍କ ମଧ୍ୟରୁ ଅନେକ ଲୋକଙ୍କୁ, ଏକ ଲମ୍ବା ବାଟ ଯିବାକୁ ରହିଥାଏ। ମୁଁ ଆପଣମାନଙ୍କୁ ଭଲ ପାଏ। ଏବଂ ସେହି କାରଣ ଯେ ମୁଁ ଆପଣମାନଙ୍କୁ ଏହିପରି ଧରି

ରଖିଅଛି, ତାହା ଏଇଥି ଯୋଗୁଁ ନୁହେଁ ଯେ ମୁଁ ଆପଣମାନଙ୍କ ପ୍ରତି ନିଷ୍ଠୁର ହେବାକୁ ଚାହେଁ, ମାତ୍ର ମୁଁ ଆପଣମାନଙ୍କୁ ଭଲ ପାଏ । ଏବଂ ଯାହା ମୁଁ ଜାଣେ, ତାହା ମୁଁ ନିଜ ପାଖରେ ରଖେ ନାହିଁ; ମୁଁ ଆପଣମାନଙ୍କୁ ସତ୍ୟ କହି ଦିଏ ।

191 ମୁଁ ଯେଉଁ ସଭାଗୁଡ଼ିକରେ ବାହାରକୁ ଯାଏ, ଆପଣ ମୋତେ କଦାପି ଏହି ବାର୍ତ୍ତାଗୁଡିକୁ ପ୍ରଚାର କରୁଥିବାର ଶୁଣନ୍ତି ନାହିଁ। ନା, ମୁଁ ଆପଣମାନଙ୍କୁ ପ୍ରତିଜ୍ଞା କରିଅଛି, ଯେ ଏହି ଆରାଧନାଳୟକୁ ଆସିବି । ଠିକ୍ ଏହିଠାରେ ହିଁ ଅଟେ ଯେଉଁଠାରୁକି ମୁଁ ମୋର ବାର୍ତ୍ତାଗୁଡିକୁ ପ୍ରଚାର କରିଥାଏ । ମୋ ପାଖରେ ଏଠାରେ ଆଉ ତିନି କିମ୍ବା ଚାରିଟି ଅଛି, ଯାହା ପ୍ରଭୁ ମୋତେ ଦେଇଅଛନ୍ତି, ମୋ ପାଖରେ ଏହା ଉପରେ ଶାସ୍ତ୍ରାଂଶ ଅଛି, ଯାହାକୁ ମୁଁ ଏହି ସ୍ଥାନ ଛଡା ଆଉ ଅନ୍ୟ କୌଣସି ସ୍ଥାନରେ ପ୍ରଚାର କରିବାକୁ ସାହସ ସୁଦ୍ଧା କରିବି ନାହିଁ। ଏହି ସ୍ଥାନ ହିଁ ଅଟେ ଯେଉଁଠାରୁକି ପରମେଶ୍ୱରଙ୍କ ବାକ୍ୟ ଯିବାକୁ ଆରମ୍ଭ କଲା । ଏବଂ, ଯେପର୍ଯ୍ୟନ୍ତ ପରମେଶ୍ୱର ଏହାକୁ ପରିବର୍ତ୍ତନ ନ କରନ୍ତି, ମୁଁ ଠିକ ଏଠାରେ ରହିବାକୁ ଯାଉଅଛି ଏବଂ ଏହାକୁ ଠିକ ଏଠାରେ ଆଣିବାକୁ ଯାଉଅଛି । ତାହା ଠିକ୍ ଅଟେ ।

ବାହାରେ ସଭାଗୁଡ଼ିକରେ, ମୁଁ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରେ, ଏବଂ ସେହିପରି ବିଷୟସବୁ କରେ; ଏବଂ, ତାହାର ପାର୍ଶ୍ୱରେ, ବିଷୟଗୁଡ଼ିକୁ ଏପରି ଭାବରେ ଏକ ଘୁରେଇ କହିଥାଏ, ଯେପରିକି ମେଣ୍ଢାମାନେ ଏହାକୁ ଶୁଣନ୍ତି । ସେମାନେ ଜାଣନ୍ତି ଯେ ଏହା କେଉଁ ବିଷୟରେ କୁହା ଯାଉଅଛି। ନୋହିଲେ, ଏହା କେବଳ ସେହି କଣ୍ଟାରେ ଲାଗିଥିବା ଚାରା ପରି ଅଟେ, ଆପଣ ଦେଖନ୍ତୁ। ମୁଁ ତାହା ଦେଖାଇବାକୁ ଚେଷ୍ଟା କରୁଥିବାର—ର ସେହି ଚିହ୍ନଗୁଡିକୁ ଦେଖାଇଥାଏ ଯେ ପରମେଶ୍ୱର ହୃଦୟର କଥା ଜାଣିବାର ବିଷୟରେ, ଏହା ଜାଣନ୍ତି, ଏବଂ ଲୋକମାନଙ୍କର ହୃଦୟକୁ ଜାଣନ୍ତି, ଏବଂ ଏହିସବୁ ବିଷୟଗୁଡିକୁ କରନ୍ତି । ତାହା ଏକ ସୁସମାଚାର ପ୍ରଚାର ସମ୍ବନ୍ଧୀୟ ଦାନ ଅଟେ, କେବଳ ଲୋକମାନଙ୍କୁ ଆନ୍ଦୋଳିତ କରି ଉତ୍ସାହିତ କରିବା ହେତୁ ।

ପ୍ରଥମ ବିଷୟ ଆପଣ ଜାଣନ୍ତି, ସେମାନଙ୍କ ଘରକୁ ଏକ ଟେପ୍ ଆସିଯାଏ । ତେବେ, ତାହା ଏହାକୁ ଧରି ପକାଏ । ଯଦି ସେ ଏକ ମେଣ୍ଢା ଥାଏ, ତେବେ ସେ ଠିକ ଏହା ସହିତ ଆସିଥାଏ । ଯଦି ସେ ଗୋଟିଏ ଛେଳି ହୋଇଥାଏ, ତେବେ ସେ ସେହି ଟେପ୍‌କୁ ଗୋଇଠା ମାରି ଦେଇଥାଏ । ଉଃ-ହୁଃ । [ଭାଇ ବେନ୍ ବ୍ରାଏଣ୍ଟ କୁହନ୍ତି, "ଏବଂ ଆପଣଙ୍କୁ, ମଧ୍ୟ ।"—ସମ୍ପା ।] ଆପଣ ଦେଖନ୍ତୁ, ତାହା..."ଏବଂ ଆପଣଙ୍କୁ, ମଧ୍ୟ," ଠିକ୍ ଅଟେ, ବେନ୍ । ତାହା, ତାହା ଅବିକଳ ଠିକ୍ ଅଟେ । ବେନ୍‌ର କିଛି ଗୋଟାଏ ଅଭିଜ୍ଞତା ରହିଛି । ଠିକ୍ ଅଛି । ତେବେ, ତାହା ଠିକ୍ ଅଟେ ।

192 କଅଣ ଆପଣମାନେ ତାହାଙ୍କର ଅଟନ୍ତି ବୋଲି ଖୁସି ନୁହଁନ୍ତି କି? କଅଣ ଆପଣମାନେ ଖୁସି ନୁହଁନ୍ତି କି? ଆମେମାନେ ଅନେକ ବର୍ଷ ପୂର୍ବରୁ, ଏକ ଛୋଟିଆ ପେଣ୍ଟିକଷ୍ଟାଲ୍ ଗୀତ ଗାଉଥିଲୁ, ଯେପରିକି:

 

ମୁଁ ବହୁତ ଖୁସି ଯେ ପ୍ରଭୁ ମୋତେ ବାହାର କରି ଆଣିଛନ୍ତି;
ମୁଁ ବହୁତ ଖୁସି ଯେ ପ୍ରଭୁ ମୋତେ ବାହାର କରି ଆଣିଛନ୍ତି;
ଯଦି ଏହା ଯୀଶୁ ହୋଇ ନ ଥାନ୍ତେ, ତେବେ ମୁଁ କେଉଁଠାରେ ଥାଆନ୍ତି?
ମୁଁ ବହୁତ ଖୁସି ଯେ ପ୍ରଭୁ ମୋତେ ବାହାର କରି ଆଣିଛନ୍ତି।

ଓଃ, ପ୍ରଭୁ ମୋତେ ଯେଉଁ ଦିନଠୁ ବାହାର କରି ଆଣିଛନ୍ତି ସେହି ଦିନଠୁ ମୁଁ ଖୁସି ଅଟେ;
ପ୍ରଭୁ ମୋତେ ବାହାର କରି ଆଣିବା ପରଠାରୁ ମୁଁ ଖୁସି ଅଟେ;
ଯଦି ଏହା ଯୀଶୁ ହୋଇ ନ ଥାନ୍ତେ, ତେବେ ମୁଁ କେଉଁଠାରେ ଥାଆନ୍ତି?
ପ୍ରଭୁ ମୋତେ ବାହାର କରି ଆଣିବା ପରଠାରୁ ମୁଁ ବହୁତ ଖୁସି ଅଟେ।

ପ୍ରଭୁ ମୋତେ ବାହାର କରି ଆଣିବା ପରଠାରୁ ମୁଁ ଚିତ୍କାର କରୁଅଛି;
ପ୍ରଭୁ ମୋତେ ବାହାର କରି ଆଣିବା ପରଠାରୁ ମୁଁ ଚିତ୍କାର କରୁଅଛି;
ଯଦି ଏହା ଯୀଶୁ ହୋଇ ନ ଥାନ୍ତେ, ଓଃ, ତେବେ ମୁଁ କେଉଁଠାରେ ଥାଆନ୍ତି?
ମୁଁ ବହୁତ ଖୁସି ଯେ ପ୍ରଭୁ ମୋତେ ବାହାର କରି ଆଣିଛନ୍ତି।

ମହିମା ହେଉ! କଅଣ ଆପଣ ଖୁସି ନୁହଁନ୍ତି କି?

କଅଣ ଆପଣ ଖୁସି ନୁହଁନ୍ତି…

ଆସନ୍ତୁ ଏହାକୁ ଗାଇବା।

କଅଣ ଆପଣ ଖୁସି ନୁହଁନ୍ତି ଯେ ପ୍ରଭୁ ଆପଣଙ୍କୁ ବାହାର କରି ଆଣିଛନ୍ତି?
କଅଣ ଆପଣ ଖୁସି ନୁହଁନ୍ତି ଯେ ପ୍ରଭୁ ଆପଣଙ୍କୁ ବାହାର କରି ଆଣିଛନ୍ତି?
ଯଦି ଏହା ଯୀଶୁ ହୋଇ ନ ଥାନ୍ତେ, ଓଃ, ତେବେ ମୁଁ କେଉଁଠାରେ ଥାଆନ୍ତି?
ମୁଁ ବହୁତ ଖୁସି ଯେ ପ୍ରଭୁ ମୋତେ ବାହାର କରି ଆଣିଛନ୍ତି।

ତେବେ, ପ୍ରଭୁ ମୋତେ ବାହାର କରି ଆଣିବା ପରଠାରୁ ମୁଁ ଗୀତ ଗାଉଅଛି;
ପ୍ରଭୁ ମୋତେ ବାହାରକୁ ଆଣିବା ପରଠାରୁ ମୁଁ ଗୀତ ଗାଉଅଛି;
ଯଦି ଏହା ଯୀଶୁ ହୋଇ ନ ଥାନ୍ତେ, ଓଃ, ତେବେ ମୁଁ କେଉଁଠାରେ ଥାଆନ୍ତି?
ମୁଁ ବହୁତ ଖୁସି ଯେ ପ୍ରଭୁ ମୋତେ ବାହାର କରି ଆଣିଛନ୍ତି।

କଅଣ ଆପଣ ଏଥିରେ ଖୁସି ନୁହଁନ୍ତି କି? ତାହାପରେ *ଆମେ ଜ୍ୟୋତିରେ ଚାଲିବା।* କଅଣ ଆପଣ ସେହି ଗୀତ ଜାଣିଛନ୍ତି କି?

ଆମେ ଜ୍ୟୋତିରେ ଚାଲିବା, ଏହା ଏକ ସୁନ୍ଦର ଜ୍ୟୋତି ଅଟେ,
ସେଠାକୁ ଆସେ ଯେଉଁଠାରେ ଦୟା ଶିଶିର ଉଜ୍ଜ୍ୱଳ ଥାଏ;
ଦିନରାତି ଆମ ଚତୁର୍ଦ୍ଦିଗରେ ଚମକୁ ଥାଏ,
ହେ ଯୀଶୁ, ଜଗତର ଜ୍ୟୋତି।

କଅଣ ଆପଣ ତାହା ପସନ୍ଦ କରନ୍ତି ନାହିଁ କି? ଆସନ୍ତୁ ଏହାକୁ ପୁଣିଥରେ ଗାଇବା।

ଆମେ ଜ୍ୟୋତିରେ ଚାଲିବା, ଏହା ଏକ ସୁନ୍ଦର ଜ୍ୟୋତି ଅଟେ,
ସେଠାକୁ ଆସେ ଯେଉଁଠାରେ ଦୟା ଶିଶିର ଉଜ୍ଜ୍ୱଳ ଥାଏ;
ଦିନରାତି ଆମ ଚତୁର୍ଦ୍ଦିଗରେ ଚମକୁ ଥାଏ,
ହେ ଯୀଶୁ, ଜଗତର ଜ୍ୟୋତି।

ଏହା ସୂର୍ଯ୍ୟୋଦୟ ଅଟେ!

ଜ୍ୟୋତିର ସମସ୍ତ ସାଧୁମାନେ ଏହା କରନ୍ତି ଦାବି,
ଯୀଶୁ, ଜଗତର ଜ୍ୟୋତି;
ତାହାଙ୍କ ନାମରେ ସତ୍ୟ ଏବଂ ଦୟା,
ଯୀଶୁ,...ର ଜ୍ୟୋତି

ବର୍ତ୍ତମାନ ଆସନ୍ତୁ ଆମେମାନେ ଏହାକୁ ଗାଇବାବେଳେ ହାତ ଉଠାଇବା।

ଓହ, ଆମେ ଏହି ଜ୍ୟୋତିରେ ଚାଲିବୁ, ଏହା ଏତେ ସୁନ୍ଦର ଜ୍ୟୋତି ଅଟେ,
ଏହା ସେଠାକୁ ଆସେ ଯେଉଁଠାରେ ଦୟା ଶିଶିର ଉଜ୍ଜ୍ୱଳ ଥାଏ;
ଦିନରାତି ଆମ ଚତୁର୍ଦ୍ଦିଗରେ ଚମକୁ ଥାଏ,
ଯୀଶୁ, ଜଗତର ଜ୍ୟୋତି।

ପରସ୍ପର ଜଣେ ଅନ୍ୟ ସହିତ ହାତ ମିଶାନ୍ତୁ।

ଓଃ, ଏହା ସେଠାକୁ ଆସେ ଯେଉଁଠାରେ ଦୟା ଶିଶିର ଉଜ୍ଜ୍ୱଳ ଥାଏ।

କଅଣ ଆପଣ ଜ୍ୟୋତିର ସନ୍ତାନ ବୋଲି ଖୁସି ନୁହଁନ୍ତି କି? ପୁତ୍ର ଉଠି ଅଛନ୍ତି।

...ଦିନରାତି ଆମ ଚତୁର୍ଦ୍ଦିଗରେ,

"ସାନ ପିଲାମାନେ, ପରସ୍ପର ଜଣେ ଅନ୍ୟକୁ ଭଲ ପାଅ।"

ଓଃ, ଆମେ କେବଳ ଜ୍ୟୋତିରେ ଚାଲିବୁ, ଏହା ବହୁତ ସୁନ୍ଦର... (ତାହାଙ୍କ ବାକ୍ୟର ପ୍ରକଟୀକରଣ।)
ସେଠାକୁ ଆସେ ଯେଉଁଠାରେ ଦୟା ଶିଶିର ଉଜ୍ଜ୍ୱଳ ଥାଏ,

ଦିନରାତି କେବଳ ଆମ ଚତୁର୍ଦ୍ଦିଗରେ ଚମକୁ ଥାଏ,
ଏହା ହେଉଛନ୍ତି ଯୀଶୁ, ବାକ୍ୟର ଜ୍ୟୋତି ।

କଅଣ ଆପଣ ସମସ୍ତେ ଏହାକୁ ବିଶ୍ୱାସ କରନ୍ତି କି?

ଆମେ ସିୟୋନକୁ ଯାଉଅଛୁ,
ସେହି ସୁନ୍ଦର, ସୁନ୍ଦର ସିୟୋନ;
ଆମେ ଉର୍ଦ୍ଧ୍ୱସ୍ଥ ସିୟୋନକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

ଓଃ, ଆମେ ସିୟୋନକୁ ଯାଉଅଛୁ,

ଯେଉଁମାନେ ଗୀତ ଗାଇବାକୁ ମନା କରନ୍ତି
ଯେଉଁମାନେକି ଆମ ପରମେଶ୍ୱରଙ୍କୁ କେବେବି ଜାଣି ନ ଥିଲେ;
ମାତ୍ର ସ୍ୱର୍ଗୀୟ ରାଜାଙ୍କର ସନ୍ତାନଗଣ,
ଏବଂ ବରଂ ସ୍ୱର୍ଗୀୟ ରାଜାଙ୍କର ସନ୍ତାନଗଣ,
ଏବଂ ସେମାନଙ୍କର ଆନନ୍ଦ ସ୍ୱଚ୍ଛନ୍ଦରେ କହୁ,
ସେମାନଙ୍କର ଆନନ୍ଦ ସ୍ୱଚ୍ଛନ୍ଦରେ କହୁ ।

କାରଣ ଆମେ ଯାଉଅଛୁ…(ମହିମା ହେଉ!)
ସେହି ସୁନ୍ଦର, ସୁନ୍ଦର ସିୟୋନ;
ଓଃ, ଆମେ ଉର୍ଦ୍ଧ୍ୱସ୍ଥ ସିୟୋନକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

ଓଃ, ଆମେ ସିୟୋନକୁ ଯାଉଅଛୁ,
ହେ, ସୁନ୍ଦର, ସୁନ୍ଦର ସିୟୋନ;
ଆମେ ଉର୍ଦ୍ଧ୍ୱସ୍ଥ ସିୟୋନକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

193 ନିଜର ରୁମାଲ ବାହାର କରି ନିଅନ୍ତୁ । ମାତ୍ର ଗୋଟିଏ ମିନିଟ୍ ପାଇଁ, ନିଜର ରୁମାଲ ବାହାର କରି ନିଅନ୍ତୁ । ଆସନ୍ତୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ଦୋଳନୀୟ ନୈବେଦ୍ୟ ଅର୍ପଣ କରିବା । ଏହା ଏକ ବିଡା ନୁହେଁ, ମାତ୍ର ସେମାନେ ପାଉଲଙ୍କ ଦେହରୁ ରୁମାଲ ଏବଂ ଜିନିଷସବୁ ନେଇଥିଲେ, ଦେଖନ୍ତୁ ।

ଓଃ, ଆମେ ସିୟୋନକୁ ଯାଉଅଛୁ,
ହେ, ସୁନ୍ଦର, ସୁନ୍ଦର ସିୟୋନ;
ଆମେ ଉର୍ଦ୍ଧ୍ୱସ୍ଥ ସିୟୋନକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

ଓଃ, ଆମେ ସିୟୋନକୁ ଯାଉଅଛୁ,
ହେ, ସୁନ୍ଦର, ସୁନ୍ଦର ସିୟୋନ;
ଆମେ ଉର୍ଦ୍ଧ୍ୱସ୍ଥ ସିୟୋନକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

194 ଆମେନ୍! ଓଃ, କଅଣ ଏହା ଆପଣଙ୍କୁ ଭଲ ଅନୁଭବ କରାଏ ନାହିଁ କି? ମୁଁ ଠିକ ସେହି ପୁରୁଣା ସାଧୁମାନଙ୍କୁ ସେଠାରେ ଥିବା କଳ୍ପନା କରିପାରେ, ଯେତେବେଳେ ସେମାନେ ସେଠାରେ ରୋମାନ୍ ଆମୋଦ ପ୍ରମୋଦ କ୍ରୀଡା ସର୍କସକୁ ଯିବା ପୂର୍ବରୁ, ସେହି ପାହାଡ ଉପରକୁ ଚାଲିବା ଆରମ୍ଭ କରନ୍ତି, ଆପଣମାନେ ଜାଣନ୍ତି, ସେହି ଛୋଟ ଉଚ୍ଚ ମଞ୍ଚ ଉପରକୁ, ସେହି ସିଂହ ଗୁମ୍ଫା ଭିତରକୁ ଯାଉଥାଆନ୍ତି, କହୁଥାଆନ୍ତି:

ଓଃ, ଆମେ ସିୟୋନକୁ ଯାଉଅଛୁ,
ଏହି ସୁନ୍ଦର, ସୁନ୍ଦର ସିୟୋନ;
ଆମେ ଉର୍ଦ୍ଧ୍ୱସ୍ଥ ସିୟୋନକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

ସିୟୋନର କ୍ଷେତ୍ର ଅମଳ କରେ
ଏକ ହଜାର ପବିତ୍ର ମିଷ୍ଟ
ଆମେ ସ୍ୱର୍ଗୀୟ ସିଂହାସନକୁ ପହଞ୍ଚିବା ପୂର୍ବରୁ,
ଆମେ ସ୍ୱର୍ଗୀୟ ସିଂହାସନକୁ ପହଞ୍ଚିବା ପୂର୍ବରୁ,
କିମ୍ବା ସୁବର୍ଣ୍ଣ ରାସ୍ତାରେ ଚାଲିବା ପୂର୍ବରୁ,
କିମ୍ବା ସୁବର୍ଣ୍ଣ ରାସ୍ତାରେ ଚାଲିବା ପୂର୍ବରୁ ।

ଆମେ ସିୟୋନକୁ ଯାଉଅଛୁ,
ଏହା ସୁନ୍ଦର, ସୁନ୍ଦର ସିୟୋନ;
ଆମେ ଉର୍ଦ୍ଧ୍ୱସ୍ଥ ସିୟୋନକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

195 ମୋ ପଛରେ ପୁନରାବୃତ୍ତି କରନ୍ତୁ:

ପ୍ରଭୁ ପରମେଶ୍ୱର, ମୁଁ ତୁମଠାରେ ନିଜକୁ ନୂତନ ଭାବେ ଅର୍ପଣ କରୁଅଛି । ମୋତେ ସମସ୍ତ ଅଧାର୍ମିକତାରୁ ପରିଷ୍କାର କର । ତୁମ ବାକ୍ୟର ସମସ୍ତ ସନ୍ଦେହରୁ ମୋତେ ପରିଷ୍କାର କର । ହେବାକୁ ଦିଅ ଯେ ମୁଁ, ଏହି ଇଷ୍ଟର୍ ଠାରୁ, ଖ୍ରୀଷ୍ଟ ଯୀଶୁଙ୍କଠାରେ ଏକ ନୂତନ ଜୀବ ହୁଏ । ମୋତେ ମୋର ହୃଦୟରେ, ତୁମର ବାକ୍ୟକୁ, ବହନ କରିବାକୁ ଦିଅ । ଏହା ମୋ ପାଦ ନିମନ୍ତେ ଏକ ପ୍ରଦୀପ ହେଉ ଯାହାକି ମୋ ଚଲାପଥକୁ ଆଲୋକିତ କରିବ । ବର୍ତ୍ତମାନଠାରୁ ନେଇ ମୁଁ ତୁମକୁ ଅନୁସରଣ କରିବି । ଯୀଶୁଙ୍କ ନାମରେ । ଆମେନ୍ ।

ଆମେ ସିୟୋନକୁ ଯାଉଅଛୁ,

ହେ, ସୁନ୍ଦର, ସୁନ୍ଦର ସିୟୋନ;
ଆମେ ଊର୍ଦ୍ଧ୍ୱସ୍ଥ ସିୟୋନକୁ ଯାଉଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

196 କଅଣ ତାହା ଆପଣଙ୍କୁ ଭଲ ଅନୁଭବ କରାଏ ନାହିଁ କି? ଆମେ ନିଜକୁ ନୂତନ ଭାବେ ଅର୍ପଣ କରିଅଛୁ, ଆମ ହୃଦୟରେ ଏହା ଜାଣି ଯେ ଆମେମାନେ ମୃତ୍ୟୁରୁ ସଂଜୀବିତ କରା ହୋଇ, ଜୀବନ୍ତ କରାଯାଇଅଛୁ । କଅଣ ଏହା ଆପଣଙ୍କୁ ଭଲ ଅନୁଭବ କରାଏ ନାହିଁ କି? ମୋର, ଓଃ, ମୋର ପ୍ରଭୁ! ଅବିସ୍ମରଣୀୟ ପ୍ରେମ ସହିତ, ମୁଁ ଆପଣମାନଙ୍କୁ ପ୍ରେମ କରେ ।

ଶୁଣନ୍ତୁ । "ପରସ୍ପର ଜଣେ ଅନ୍ୟକୁ ପ୍ରେମ କରନ୍ତୁ । କାରଣ ଆପଣ ସେହି ଭାଇକୁ ନାପସନ୍ଦ କରି, ଯାହାକୁ ଆପଣ ଦେଖୁଛନ୍ତି, ଏହା କହିପାରନ୍ତି ନାହିଁ ଯେ ଆପଣ ପରମେଶ୍ୱରଙ୍କୁ ପ୍ରେମ କରନ୍ତି, ଯାହାକୁ ଆପଣ ଦେଖି ନାହାଁନ୍ତି ।" ବୁଝିଲେ? ତେଣୁକରି ଆପଣ କେବଳ ପରସ୍ପର ଜଣେ ଅନ୍ୟକୁ ପ୍ରେମ କରନ୍ତୁ ।

ତାହାପରେ, ଆପଣ ଯେତେବେଳେ ପରସ୍ପର ଜଣେ ଅନ୍ୟର ସେବା କରନ୍ତି, ଆପଣ ପରମେଶ୍ୱରଙ୍କର ସେବା କରନ୍ତି । କଅଣ ଏହା ଠିକ୍ ଅଟେ କି? "ତୁମେ ଯେପରି ଏହି କ୍ଷୁଦ୍ରରୁ କ୍ଷୁଦ୍ରମାନଙ୍କ ସହ ବ୍ୟବହାର କର ଯେଉଁମାନଙ୍କ ପାଖରେ ସଂଜୀବିତ ଶକ୍ତି ରହିଛି, ତାହା ତୁମେ ମୋ ସହିତ କରିଅଛ ।"

"ଆମେ ତୁମକୁ କେବେ ଆବଶ୍ୟକତାରେ ରହିଥିବାର ଦେଖିଲୁ? ଆମେ ତୁମକୁ କେବେ କାରଗାରରେ ଦେଖା କଲୁ? ଆମେ କେବେ ଏହିସବୁ ବିଷୟ କଲୁ?"

"ତୁମେ ସେମାନଙ୍କ ପ୍ରତି ଯାହା କରିଛ, ତୁମେ ତାହା ମୋ ସହିତ କରିଅଛ ।"

197 କଅଣ ତାହା ଅଦ୍ଭୁତ ନୁହେଁ କି? ମୁଁ ତାହାଙ୍କୁ ପ୍ରେମ କରେ, କଅଣ ଆପଣ କରନ୍ତି ନାହିଁ କି?

198 ଓଃ, ସେଠାରେ ଆଉ ଗୋଟିଏ ଗୀତ ଅଛି ଯାହାକୁ ଆମକୁ ଗାଇବାକୁ ଅଛି, ଯଦି ଆପଣଙ୍କ ପାଖରେ ଆଉ ଗୋଟିଏ ମିନିଟ୍ ଅଧିକ ସମୟ ଅଛି । ଓଃ, ତେବେ, ଆମେ କେବଳ ସେଗୁଡ଼ିକୁ ନେବା । ଠିକ୍ ଅଛି । ଠିକ୍ ଅଛି, ମହାଶୟ । ଓଃ! *ଯୀଶୁଙ୍କ ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ ।* ବନ୍ଧୁଗଣ, ଏହାକୁ ଭୁଲନ୍ତୁ ନାହିଁ । ଆସନ୍ତୁ ଆମେମାନେ ସମସ୍ତେ ଏହାକୁ ଗାଇବା । ବର୍ତ୍ତମାନ, ପ୍ରତ୍ୟେକ ଜଣ ଏକାଠି, ଏକ ବଡ଼ ହୃଦୟ ସହିତ, ଏହାକୁ ତାଙ୍କ ନିକଟକୁ ନେଇଯାଆନ୍ତୁ । ଆସନ୍ତୁ, ଆମ ଭିତରେ ଯାହା ଅଛି ସେସବୁ କିଛି ସହିତ ।

ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
ହେ ଦୁଃଖ ଓ ସନ୍ତାପର ସନ୍ତାନ;
ଏହା ତୁମକୁ ଆନନ୍ଦ ଓ ସାନ୍ତ୍ୱନା ପ୍ରଦାନ କରିବ,
ଆପଣ ଯେଉଁଆଡେ ବି ଯାଆନ୍ତି ଏହାକୁ ଘେନି ଚାଲନ୍ତୁ ।

ବହୁମୂଲ୍ୟ ନାମ, ଓଃ କେତେ ମଧୁର!

ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ;
ବହୁମୂଲ୍ୟ ନାମ, ଓଃ କେତେ ମଧୁର!
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ।

199 ବର୍ତ୍ତମାନ ମନେରଖନ୍ତୁ, ଯେତେବେଳେ ନିର୍ଯ୍ୟାତନାର ଗରମ ପବନ ପ୍ରବାହିତ ହୁଏ, ଯେତେବେଳେ ପ୍ରତ୍ୟେକ ପାର୍ଶ୍ୱରେ ଦୁଷ୍ଟାତ୍ମାମାନେ ହୁଙ୍କାର ଦିଅନ୍ତି, ମୋ ପାଇଁ ପ୍ରାର୍ଥନା କରିବେ, ମୁଁ ସ୍ମରଣ ରଖିବି ଯେ ଆପଣମାନେ ମୋ ପାଇଁ ରାତି କିମ୍ବା ଦିନ ପ୍ରାର୍ଥନା କରୁଛନ୍ତି, ଏବଂ ମୁଁ ଆପଣମାନଙ୍କ ପାଇଁ ପ୍ରାର୍ଥନା କରିବି।

ଆପଣମାନଙ୍କର ଉତ୍ତମ ପାଳକ, ଭାଇ ନେୱିଲ୍, ଏବଂ ସହଯୋଗୀ, ଭାଇ କ୍ୟାପ୍ସଙ୍କ ସହିତରେ ଛିଡା ରୁହନ୍ତୁ। ସେମାନଙ୍କ କଥା ଶୁଣନ୍ତୁ। ସେମାନେ ଆପଣଙ୍କୁ ଜୀବନର ବାକ୍ୟ ଶିଖାଇବେ। ମୁଁ ତାହା ବିଶ୍ୱାସ କରେ। ଯଦି ମୁଁ ଏହାକୁ ବିଶ୍ୱାସ କରୁ ନ ଥାଆନ୍ତି, ତେବେ ମୁଁ ନିଶ୍ଚିତ ଭାବରେ ସେମାନଙ୍କୁ ଏଠାରେ ରଖି ନ ଥାଆନ୍ତି। ମୁଁ ନିଶ୍ଚିତରେ ରଖି ନ ଥାଆନ୍ତି। ମୁଁ ବିଶ୍ୱାସ କରେ ଯେ ସେମାନେ ବାର୍ତ୍ତାକୁ ବିଶ୍ୱାସ କରନ୍ତି, ଏବଂ ସେମାନେ ନିଜର ଯଥାସମ୍ଭବ ସର୍ବଶ୍ରେଷ୍ଠ ଜ୍ଞାନ ଅନୁଯାୟୀ ଏହା ସହିତରେ ରହିଛନ୍ତି, ଏବଂ ମୋର ଉଭୟ ପୁରୁଷଙ୍କ ଉପରେ ବିଶ୍ୱାସ ରହିଛି। ସେମାନଙ୍କ ସହିତରେ ରୁହନ୍ତୁ। ଏହି ଅନ୍ୟାନ୍ୟ ଭାଇମାନେ, ଆଖପାଖରେ ଯେଉଁଠାରେ ସେମାନେ ସେମାନଙ୍କର ସଭା ପାଇଥାନ୍ତି, ଯେଉଁମାନେକି ଆଜି ରାତିରେ ଏଠାରେ ଛିଡା ହୋଇଛନ୍ତି, ଯଦି ଆପଣମାନେ ସେମାନଙ୍କର ପଡ଼ୋଶରେ ରହିଥାଆନ୍ତି, ତେବେ ସେମାନଙ୍କ ସହିତରେ ଛିଡା ହୁଅନ୍ତୁ। ଆପଣମାନେ ଶୁଣିଲେ ଯେ ସେମାନେ ଆଜି ରାତି, ଏଠାରେ କଅଣ ପାଇଁ ଆସିଛନ୍ତି।

ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
ପ୍ରତ୍ୟେକ ଫାନ୍ଦରୁ ଏକ ଢାଲ ସ୍ୱରୂପେ; (ଏହାକୁ ଶୁଣନ୍ତୁ।)
ଯେତେବେଳେ ତୁମ ଚାରି ପାଖରେ ପରୀକ୍ଷାମାନ ଘେରି ଆସିଥାଏ,
ପ୍ରାର୍ଥନାରେ କେବଳ ସେହି ପବିତ୍ର ନାମକୁ ନିଶ୍ୱାସ ନିଅନ୍ତୁ

ବହୁମୂଲ୍ୟ ନାମ, (ବହୁମୂଲ୍ୟ ନାମ!) ଓଃ କେତେ ମଧୁର! (ଓଃ କେତେ ମଧୁର!)
ଆଶା…

ପ୍ରିୟ ପରମେଶ୍ୱର, ଏହି ଲୋକମାନଙ୍କୁ ସୁସ୍ଥ କର। ପିତା, ମୁଁ ଯୀଶୁଙ୍କ ନାମରେ, ତୁମଠାରେ ପ୍ରାର୍ଥନା କରୁଛି। ହେ ପ୍ରଭୁ, ମୁଁ ପ୍ରାର୍ଥନା କରେ, ଯେ ଏହା ପ୍ରଦାନ କର।

…ଓଃ କେତେ ମଧୁର!
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ।

ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ! ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ!

ଯେପର୍ଯ୍ୟନ୍ତ ଆମେ ଯୀଶୁଙ୍କ ପାଦ ତଳେ ସାକ୍ଷାତ ନ କରୁ;
ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ! ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ!
ଆମେ ପୁନର୍ବାର ନ ଭେଟିବା ପର୍ଯ୍ୟନ୍ତ ପରମେଶ୍ୱର ତୁମ ସହିତରେ ରୁହନ୍ତୁ।

ଆସନ୍ତୁ ବର୍ତ୍ତମାନ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା।

[ଭାଇ ବ୍ରାନହାମ୍ ଏହି ଗୀତକୁ ଗୁଣୁ ଗୁଣୁ କରି ଗାଆନ୍ତି *ପରମେଶ୍ୱର ତୁମ ସହିତରେ ରୁହନ୍ତୁ*—ସମ୍ପା।] ହେ ପରମେଶ୍ୱର, ଆମ ସହିତରେ ରୁହ। ହେ ପ୍ରଭୁ, ଆମକୁ ସାହାଯ୍ୟ କର।

…ଆମେ ଯୀଶୁଙ୍କ ପାଦ ତଳେ ସାକ୍ଷାତ ନ କରୁ! (ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ!)
ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ! ଯେପର୍ଯ୍ୟନ୍ତ ଆମେ ସାକ୍ଷାତ ନ କରୁ!
ଆମେ ପୁନର୍ବାର ନ ଭେଟିବା ପର୍ଯ୍ୟନ୍ତ ପରମେଶ୍ୱର ତୁମ ସହିତରେ ରୁହନ୍ତୁ।

200 ତାହା ପ୍ରକୃତରେ ମୋର ପ୍ରାର୍ଥନା ଅଟେ। ଯେପର୍ଯ୍ୟନ୍ତ ଆମେ ପୁନର୍ବାର ନ ସାକ୍ଷାତ କରୁ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ! ଏବଂ ବର୍ତ୍ତମାନ ମୁଁ ଆମର ମୂଲ୍ୟବାନ ଭାଇ ନେଭିଲ୍‌ଙ୍କୁ ନିବେଦନ କରିବାକୁ ଯାଉଛି ଯେ ଯଦି ସେ ଏହି ଉତ୍ତମ ମଣ୍ଡଳୀକୁ ବରଖାସ୍ତ କରିବେ କି।

ପରମେଶ୍ୱର ଆପଣ, ପ୍ରତ୍ୟେକ ଜଣଙ୍କୁ ପ୍ରେମ କରନ୍ତି। ଆପଣମାନଙ୍କ ପରି ଲୋକମାନଙ୍କୁ ପାଇଥିବାରୁ ମୁଁ ଅତ୍ୟଧିକ କୃତଜ୍ଞ ଅଟେ। ମୋର ବାର୍ତ୍ତାର କଅଣ ଲାଭ ହେବ ଯଦି ତାକୁ ବିଶ୍ୱାସ କରିବା ପାଇଁ ମୋ ପାଖରେ କେହି ନ ଥିବେ? ଏବଂ ଏଠାରେ କିଛି ଲୋକମାନେ ଅଛନ୍ତି, ଯେଉଁମାନେକି ଆମେ ପାଇଥିବା ଏହି ବାର୍ତ୍ତା ପାଇଁ, ଆପଣ ନିଜର ପ୍ରାଣ ସୁଦ୍ଧା ଦେଇ ଦେବେ। ପରମେଶ୍ୱର ଆପଣଙ୍କ ମଧ୍ୟରୁ, ପ୍ରତ୍ୟେକ ଜଣକୁ ସାହାଯ୍ୟ କରନ୍ତୁ। ମୋର ପ୍ରାର୍ଥନା ଆପଣମାନଙ୍କ ସହିତରେ ଅଛି। ମୋର ଆଶୀର୍ବାଦ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ସହିତରେ ଯାଏ। ଆପଣ ଏହା ଭୁଲନ୍ତୁ ନାହିଁ ଯେ ଆପଣ ସେହି ପୁନରୁତ୍ଥାନରେ ଏକ ଅଂଶ ଅଟନ୍ତି। ସେହି ସଂଜୀବିତ ଶକ୍ତି ବର୍ତ୍ତମାନ ଆପଣଙ୍କ ଭିତରେ ଅଛି। ଏହା ସବୁ ସମାଧାନ ହୋଇଅଛି। ଆପଣ ପରମେଶ୍ୱରଙ୍କର ସନ୍ତାନ ଅଟନ୍ତି।

ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା, ଯେପର୍ଯ୍ୟନ୍ତକି ଭାଇ ନେଭିଲ୍ ବରଖାସ୍ତ ନ କରି ଦିଅନ୍ତି। ଏବଂ ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ।

65-0418E କଅଣ ପରମେଶ୍ୱର କେବେ ତାହାଙ୍କର
ବାକ୍ୟ ପ୍ରତି ଆପଣା ବିଚାର ବଦଳାନ୍ତି କି?
ବ୍ରାନ୍‌ହାମ୍ ଟାବର୍ନେକଲ
ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

Voice Of God Recordings, India Office
19 (New No: 28) Shenoy Road, Nungambakkam
Chennai 600 034, India
044 28274560 • 044 28251791
india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org